ଧରିତ୍ରୀ 52 Years

ପୃଷ୍ଠା–୮+୮

DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୧/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 11/2026 | Page 16 | ₹ 7.00 | BALASORE

୫୨ଶ ଭାଗ ୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 49 | ମୂଲ୍ୟ ₹୭/-







# ଖସିପଡ଼ିଲା ଛୋଟ ବିମାନ: ୬ ଆହତ

ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାତ୍ରା କରୁଥିବା ଏକ ଘରୋଇ ଛୋଟ ବିମାନ ଗନ୍ତବ୍ୟସ୍ଥଳର ୧୪ କି.ମି. ପୂର୍ବରୁ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହୋଇ ଜରୁରିକାଳୀନ ଅବତରଣ ବେଳେ ଖସିପଡ଼ିଛି। ଶନିବାର ଅପରାହ୍ଣ ପ୍ରାୟ ୧ଟା ୩୦ ମିନିଟରେ ଦୁର୍ଘଟଣା ଘଟିଥିବାବେଳେ ୯ ସିଟ୍ ବିଶିଷ୍ଟ ଏହି ଫ୍ଲାଇଟ୍‌ରେ ଥିବା ୪ ଯାତ୍ରୀ ଏବଂ ୨ କ୍ରିଉ ମେମ୍ବର ଆହତ ହୋଇଛନ୍ତି। କେନ୍ଦ୍ର ସରକାର 'ଉଡ଼ାଣ' ଯୋଜନାରେ ଛୋଟ ସହରଗୁଡ଼ିକ ମଧ୍ୟରେ ବିମାନ ଯୋଗାଯୋଗ ବୃଦ୍ଧିକୁ ଗୁରୁତ୍ୱ ଦେଉଛନ୍ତି। ଫଳସ୍ୱରୂପ କେତେକ ଘରୋଇ ସଂସ୍ଥା ପକ୍ଷରୁ ବିମାନ ସେବା ପରିଚାଳନା କରାଯାଉଛି। ଏଥିରେ କମ୍ ସମୟ ଓ ଭଡ଼ା ଯୋଗୁ ଯାତ୍ରୀମାନେ ଏବେ ଏହି ପ୍ରକାର ଯାତ୍ରା ପ୍ରତି ଆଗ୍ରହ ଦେଖାଉଛନ୍ତି। ଏଭଳିସ୍ଥଳେ ଯାତ୍ରୀଙ୍କ ସୁରକ୍ଷା ଜରୁରୀ। ତେବେ ଉନ୍ନତ ଭିତ୍ତିଭୂମି ସହ ଆଧୁନିକ ଜ୍ଞାନକୌଶଳ ସମ୍ପନ୍ନ ବିମାନ ସେବା ନ ଯୋଗାଇ କେବଳ ଯୋଜନାରେ ମାତିଲେ ଲୋକଙ୍କ ଜୀବନ ଯିବା ସାର ହେବ ବୋଲି ଅନେକେ ମତ ଦେଇଛନ୍ତି। ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥିତି ସମୀକ୍ଷା କରିବା ସହ ଯାତ୍ରୀ ଓ ପାଇଲଟ୍‌ଙ୍କୁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସହଯୋଗ ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା



ଦୁର୍ଘଟଣାଗ୍ରସ୍ତ ବିମାନ

ରାଉରକେଲା,୧୦।୧(ସଙ୍ଗୀତା ଜେନା)

ଭୁବନେଶ୍ୱରରୁ ରାଉରକେଲା ଉଡ଼ାଣ କରୁଥିବା ଏକ ୯ ସିଟ୍ ବିଶିଷ୍ଟ ବିମାନ ରଘୁନାଥପାଲି ଥାନା ଜଲଦା ଫାଣ୍ଡି ଅଧୀନ ଲାଠିକଟା ବ୍ଲକ କଂସର ବନଟୋଲା ନିକଟରେ ଶନିବାର ଅପରାହ୍ଣ ପ୍ରାୟ ୧ଟା ୪୦ ମିନିଟ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ପାଇଲଟ୍‌ଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ପାଇଲଟ୍ ନବୀନ କଡାଙ୍ଗା ଓ ତରୁଣ ଶ୍ରୀବାସ୍ତବ, ଯାତ୍ରୀ ଅନୀତା ସାହୁ, ସୁନୀଲ ଅଗ୍ରୱାଲ, ସବିତା ଅଗ୍ରୱାଲ ଏବଂ ସୁଶାନ୍ତ ବିଶ୍ୱାଳ। ଘଟଣାସ୍ଥଳରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ଅଧିକାରୀ, ଅଗ୍ନିଶମ ବାହିନୀ, ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଆହତମାନଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ☞ପୃଷ୍ଠା–୪

# ପାୱାର ମିଶିଲେ ପାୱାରଙ୍କ ସାଙ୍ଗରେ

## ପୌର ନିର୍ବାଚନ ମିଳିତ ଇସ୍ତାହାର ଜାରି କଲେ ୨ ଏନ୍‌ସିପି

ମହାରାଷ୍ଟ୍ର ପୌର ନିର୍ବାଚନ ବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ରେ ଏକ ବିରଳ ରାଜନୈତିକ ଘଟଣାକ୍ରମ ଦେଖିବାକୁ ମିଳିଛି। ଏନ୍‌ସିପି–ଏସ୍‌ପି ମୁଖ୍ୟ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଏବଂ ପୁତୁରା ଅଜିତ ପାୱାର (ଏନ୍‌ସିପି ଅଧ୍ୟକ୍ଷ) ଏକାଠି ହୋଇ ଗୋଟିଏ ମଞ୍ଚରେ ପୌର ନିର୍ବାଚନ ପାଇଁ ମିଳିତ ଇସ୍ତାହାର ଜାରି କରିଛନ୍ତି। ରାଜ୍ୟରେ ଏନ୍‌ସିପିର ୨ ଗୋଷ୍ଠୀ ୨୦୨୩ରୁ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଆସିଥିଲେ ମଧ୍ୟ ପରିବର୍ତ୍ତିତ ପରିସ୍ଥିତିରେ କ୍ଷମତା ରାଜନୀତି ଦୁଇ ପାୱାରଙ୍କୁ ଗୋଟିଏ ରାସ୍ତାରେ ଚାଲିବାକୁ ବାଧ୍ୟ କରିଛି, ଯାହା ଠାକ୍‌ରେ ଭ୍ରାତାଙ୍କ କ୍ଷେତ୍ରରେ ମଧ୍ୟ ଘଟିଛି। ମୂଳ ଏନ୍‌ସିପିର ଭୋଟ ବିଭାଜନ ଏଡ଼ାଇବା ପାଇଁ ଅଜିତ ପାୱାର ଦାଦା ଶରଦ ପାୱାରଙ୍କ ସହ ହାତ ମିଳାଇଥିବା କୁହାଯାଉଛି।



ସୁପ୍ରିୟା ସୁଲେଙ୍କ ସହ ଅଜିତ ପାୱାର

ମୁମ୍ବାଇ,୧୦।୧

ମହାରାଷ୍ଟ୍ର ପୌର ନିର୍ବାଚନ ପୂର୍ବରୁ ଜାତୀୟତାବାଦୀ କଂଗ୍ରେସ ପାର୍ଟି–ଶରଦଚନ୍ଦ୍ର ପାୱାର(ଏନ୍‌ସିପି–ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେ ଏବଂ ଏନ୍‌ସିପି ନେତା ଅଜିତ ପାୱାର ଶନିବାର ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଉଭୟେ ଏକତ୍ରିତ ହୋଇ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବା ସହ ପୁଣେ ଏବଂ ପିମ୍ପ୍ରି–ଚିଞ୍ଚୱାଡ୍ ପୌର ନିର୍ବାଚନ ପାଇଁ ମିଳିତ ଇସ୍ତାହାର ଜାରି କରିଛନ୍ତି। ଆସନ୍ତା ୧୫ରେ ଏହି ୨ ପୌର ପରିଷଦ ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

ମିଳିତ ଇସ୍ତାହାରରେ ପ୍ରତ୍ୟେକ ନାଗରିକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ସ୍ପଷ୍ଟ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଅବାଧ ସ୍ୱଚ୍ଛ ଜଳ ଯୋଗାଣ, ଟ୍ରାଫିକ୍ ଭିଡ଼କୁ ନିୟନ୍ତ୍ରଣ କରିବା, ପଟ୍‌ହୋଲ୍ ମୁକ୍ତ ରାସ୍ତା ନିର୍ମାଣ, ଚିକିତ୍ସା ସୁବିଧାକୁ ସୁଦୃଢ଼ କରିବା, ପ୍ରଦୂଷଣମୁକ୍ତ ପୁଣେ ମ୍ୟୁନିସିପାଲ କର୍ପୋରେଶନ ଗଠନ ଆଦି ☞ପୃଷ୍ଠା–୪

# ୨ଦିନ ଯାଏ ପ୍ରବଳ ଶୀତ ଲହରି

ଭୁବନେଶ୍ୱର,୧୦।୧(ବନ୍ଦନା ସେଠୀ)

ରାଜ୍ୟରେ ଶୀତର ପ୍ରକୋପ କମୁନାହିଁ। ଶୁକ୍ରବାର ରାଜ୍ୟର ୨୭ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବାବେଳେ ସର୍ବନିମ୍ନ ତାପମାତ୍ରା ୩.୨ ଡିଗ୍ରୀ ସହ କନ୍ଧମାଳ ଜିଲାର ଜି. ଉଦୟଗିରି ସବୁଠୁ ଥଣ୍ଡା ସହର ପାଲଟିଥିଲା। ଅନ୍ୟପକ୍ଷରେ ଚଳିତବର୍ଷ ଦ୍ୱୈତନଗରୀରେ ଶୀତ ରେକର୍ଡ ଭାଙ୍ଗିଥିବାବେଳେ କଟକରେ

## ୩.୨ ଡିଗ୍ରୀରେ ଜି. ଉଦୟଗିରି

ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ଓ ଭୁବନେଶ୍ୱରରେ ୯.୨ ଡିଗ୍ରୀ ରହିଥିଲା। ତେବେ ଆଗାମୀ ୨ଦିନ ଯାଏ ପ୍ରବଳ ଶୀତ ଲହରି ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି। ତେବେ ଏହାପରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ରାଜ୍ୟରେ ଉଷ୍ଣ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁର ପ୍ରବେଶ ହେବା ସହିତ ସକ୍ରିୟ ଅବପାତର ବାହ୍ୟ ବଳୟ ସହ ଜଡିତ ମେଘ ସମୂହର ଆଚ୍ଛାଦନ ବୃଦ୍ଧି ପାଉଛି। ତେଣୁ ରାଜ୍ୟରେ ତାପମାତ୍ରାରେ ବୃଦ୍ଧି ସହିତ ଶୀତର ପ୍ରକୋପ ସାମାନ୍ୟ କମିବା ସମ୍ଭାବନା ରହିଥିବା ସେ ସୂଚନା ଦେଇଛନ୍ତି।

ବିଭାଗର ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ଜି. ଉଦୟଗିରି ସବୁଠୁ ଥଣ୍ଡା ସହର ପାଲଟିଥିବାବେଳେ ଏହା ତଳକୁ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୪.୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ଝାରସୁଗୁଡା ୪.୫ ଡିଗ୍ରୀ, ଚିପିଲିମା ୫.୫ ଡିଗ୍ରୀ, କିରେଇ ୫.୮ ଡିଗ୍ରୀ, ସେମିଳିଗୁଡା ☞ପୃଷ୍ଠା–୪





SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ପୁତୁରା ଠେଙ୍ଗା ମାଡ଼ରେ ବଡ଼ବାପା ମୃତ

ବାରିପଦା/କରଞ୍ଜିଆ,୧୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ/କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ କରଡ଼ିଆ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ପୁତୁରା ଠେଙ୍ଗା ପ୍ରହାରରେ ବଡ଼ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଟକ ନାଏକ(୪୮)। ପୋଲିସ ଅଭିଯୁକ୍ତ ପୁତୁରା ପପୁ ନାଏକ(୨୫)ଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଅପରାହ୍ଣରେ ବଡ଼ବାପା ପଟକ ଖାଇପିଇ ଘରେ ଶୋଇଥିଲେ। ଏହି ସମୟରେ ପପୁ ହଠାତ୍ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପଟକଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ପପୁ ମୃତଦେହ ନିକଟରେ କିଛି ସମୟ ବସି ରହିଥିବା ଦେଖିବାକୁ ମିଳିଥିଲା।


ସମ୍ବଲପୁର: ୨୫ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
ପୃଷ୍ଠା–୮



ଆଜିର ସମ୍ପାଦକୀୟ
ହସ୍ତକ୍ଷେପରୁ କ୍ଷତି





# ଅଳିଆଗଦା ଭୁଶୁଡ଼ି ୪ ମୃତ ୩୪ ଫସିଥିବା ଆଶଙ୍କା

ମାନିଲା,୧୦।୧

କେନ୍ଦ୍ରୀୟ ଫିଲିପାଇନ୍ସରେ ଏକ ଅଳିଆଗଦା ଭୁଶୁଡ଼ି ଅନ୍ୟୂନ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅଳିଆ ତଳେ ୩୪ ଜଣ ଫସିରହିଥିବା ଆଶଙ୍କା କରାଯାଉଛି। ଗୁରୁବାର ଏହି ଘଟଣା ଘଟିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅଳିଆ ଗଦା ମଧ୍ୟରୁ ଇତିମଧ୍ୟରେ ୧୨ ଜଣ ଶ୍ରମିକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ପୋଲିସ, ଅଗ୍ନିଶମ କର୍ମଚାରୀ, ବିପର୍ଯ୍ୟୟ ପ୍ରଶମନ କର୍ମଚାରୀ ବିପଜ୍ଜନକ ସ୍ଥିତିରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଅଳିଆଗଦା ମଧ୍ୟରେ ଏବେ ବି କେତେଜଣ ଜୀବନ ଥିବାର ସଙ୍କେତ ମିଳିଥିବା କର୍ତ୍ତୃପକ୍ଷ କହିଛନ୍ତି। ସେଥିପାଇଁ ଅତ୍ୟାଧୁନିକ ମେଶିନ ସହାୟତାରେ ସାବଧାନତାର ସହ ଖନନ କରାଯାଉଥିବା ସିଟି ମେୟର କହିଛନ୍ତି।



କେନ୍ଦ୍ରୀୟ ଫିଲିପାଇନ୍ସରେ ଭୁଶୁଡ଼ିଥିବା ଅଳିଆ ଗଦା ମଧ୍ୟରେ ଫସିଥିବା ଲୋକଙ୍କୁ ଖୋଜା ଚାଲିଛି।

# ଭେନେଜୁଏଲା ତୈଳ ସେକ୍ଟରରେ ନିବେଶ ପାଇଁ ଟ୍ରମ୍ପଙ୍କ ଚାପ

ୱାଶିଂଟନ,୧୦।୧

## ଆମେରିକା ତୈଳ ଶିଳ୍ପର ବିରୋଧ

ସମସ୍ୟା ଘେରରେ ଥିବା ଭେନେଜୁଏଲା ତୈଳ ଶିଳ୍ପର ପୁନରୁଦ୍ଧାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନ୍ୟୂନ ୧୦୦ ବିଲିୟନ ଡଲାର ଘରୋଇ ସେକ୍ଟର ନିବେଶ ନିମନ୍ତେ ଚାପ ପକାଉଥିବାବେଳେ ନିଜ ଦେଶର ବୃହତ୍ ତୈଳ କମ୍ପାନୀଗୁଡ଼ିକ ଏହାର ବିରୋଧ କରିଛନ୍ତି। ଦୀର୍ଘବର୍ଷ ଧରି ଲାଗି ରହିଥିବା ରାଜନୈତିକ ଅସ୍ଥିରତା, ଆଇନଗତ ଅନିଶ୍ଚିତତା ଏବଂ ଜରାଜୀର୍ଣ୍ଣ ଶକ୍ତି ଭିତ୍ତିଭୂମି ବିଶିଷ୍ଟ ଭେନେଜୁଏଲାକୁ ପୂର୍ବ ସ୍ଥିତିକୁ ଫେରାଇ ଆଣିବା ସହଜ ନୁହେଁ ବୋଲି ସେମାନେ କହିଛନ୍ତି। ଏକ ହାଇପ୍ରୋଫାଇଲ୍ ହ୍ୱାଇଟ୍ ହାଉସ୍ ବୈଠକରେ ଚେଭ୍ରୋନ୍, ଏକ୍ସନମୋବିଲ୍, କୋନୋକୋଫିଲିପ୍ସ ଏବଂ ଅନ୍ୟ ତୈଳ କମ୍ପାନୀଗୁଡ଼ିକର କାର୍ଯ୍ୟନିର୍ବାହୀମାନଙ୍କୁ ଭେନେଜୁଏଲାର ତୈଳ ଉତ୍ପାଦନର ପୁନଃନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଟ୍ରମ୍ପ ଆହ୍ୱାନ ଦେଇଥିଲେ। ଏହା ଏକ ଐତିହାସିକ ସୁଯୋଗ ବୋଲି ଟ୍ରମ୍ପ କହିବା ସହ ଏଥିପାଇଁ ସୁରକ୍ଷା ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଇଥିଲେ। ବହୁବର୍ଷର ଉପେକ୍ଷା ପରେ ଏବେ ପୁଞ୍ଜିନିବେଶ ପାଇଁ ଭେନେଜୁଏଲା ପରିପକ୍ୱ ସ୍ଥିତିରେ ରହିଛି। ଘରୋଇ ଶିଳ୍ପରୁ ୧୦୦ ବିଲିୟନ ଡଲାର ନିବେଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତେବେ ଟ୍ରମ୍ପ ପ୍ରଶାସନର ଅପିଲ୍ ସତ୍ତ୍ୱେ ଅଧିକାଂଶ ସିଇଓ ନିବେଶ ନେଇ କୌଣସି ଦୃଢ଼ ପ୍ରତିଶ୍ରୁତି ଦେଇନାହାନ୍ତି। ଭେନେଜୁଏଲାର ବ୍ୟବସାୟିକ ପରିବେଶକୁ ନେଇ ସେମାନେ ଚିନ୍ତା ପ୍ରକଟ କରିଛନ୍ତି।

# ୫ମ ତୈଳ ଟ୍ୟାଙ୍କରକୁ ଅଟକାଇଲା ଆମେରିକା

ୱାଶିଂଟନ,୧୦।୧(ପି.ଟି.)

କାରିବିଆନ୍ ସାଗରରେ ଆଉ ଏକ ତୈଳ ଟ୍ୟାଙ୍କରକୁ ଆମେରିକା ସୁରକ୍ଷା ବଳ ଅଟକାଇଛି। ଭେନେଜୁଏଲାକୁ ଯାତାୟାତ କରୁଥିବା ତୈଳ ଟ୍ୟାଙ୍କରଗୁଡ଼ିକୁ ଟ୍ରମ୍ପ ପ୍ରଶାସନ ଟାର୍ଗେଟ କରିଆସୁଛି। ଆମେରିକା ନୌସେନା ଓ ତଟସୁରକ୍ଷା ବଳ ପକ୍ଷରୁ କାରିବିଆନ୍ ସାଗରରେ ମାସେ ହେଲା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏଠାରେ ଅପରାଧୀମାନଙ୍କ ପାଇଁ କୌଣସି ସ୍ଥାନ ନାହିଁ ବୋଲି ଆମେରିକା ସଦର୍ନ କମାଣ୍ଡ ପକ୍ଷରୁ ଘୋଷଣା କରାଯାଇଛି। ଓଲିନା ନାମକ ଜାହାଜକୁ ସେମାନେ ଜବତ କରିଥିବା ଘୋଷଣା କରିଛନ୍ତି। ଆମେରିକାର ଏକ ହେଲିକପ୍ଟର ଜାହାଜ ଉପରେ ଅବତରଣ କରୁଥିବାରୁ ଫଟୋ ସଦର୍ନ କମାଣ୍ଡ ପକ୍ଷରୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏହି ସମୟରେ ଆମେରିକା ସୈନ୍ୟମାନେ ଡେକ୍‌ରେ ତଲାସି ନେଉଥିବା ଦେଖାଯାଇଛି। ଆମେରିକା ସେନା ଦ୍ୱାରା ଜବତ ହେବାରେ ଓଲିନା ପଞ୍ଚମ ଟ୍ୟାଙ୍କର। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ କ୍ଷମତାରୁ ହଟାଇବା ପରେ ଏହାର ତୈଳ ଉତ୍ପାଦନ ଓ ଆବଣ୍ଟନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେବା ଲାଗି ଆମେରିକା ଉଦ୍ୟମ ଜାରି ରଖିଛି।

# ସିଟି ସେଣ୍ଟର ଦଖଲ ପାଇଁ ରେଜା ପହଲବୀଙ୍କ ଆହ୍ୱାନ

ତେହରାନ,୧୦।୧

**ଇରାନ ବିକ୍ଷୋଭ**



କ୍ରାଉନ୍ ପ୍ରିନ୍ସ ରେଜା ପହଲବୀ

ଇରାନରେ ଅତ୍ୟଧିକ ମୁଦ୍ରାସ୍ଫୀତି ଓ ଆର୍ଥିକ ସଙ୍କଟକୁ ନେଇ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ବହିଷ୍କାର ଦାବିରେ ୨ ସପ୍ତାହ ହେଲା ବିକ୍ଷୋଭ ଜାରି ରହିଥିବାବେଳେ ଏବେ ତାହା ନୂଆ ମୋଡ଼ ନେଇଛି। ସେଠାର କ୍ଷମତାଚ୍ୟୁତ ଶେଷ ରାଜା ମୋହମ୍ମଦ ରଜା ଶାହ ପହଲବୀଙ୍କ ପୁଅ କ୍ରାଉନ୍ ପ୍ରିନ୍ସ ରଜା ପହଲବୀ ଦେଶର ସିଟି ସେଣ୍ଟରଗୁଡ଼ିକୁ ଦଖଲକୁ ନେବା ଲାଗି ପ୍ରସ୍ତୁତି ପାଇଁ ଶନିବାର ବିକ୍ଷୋଭକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ସେ ସ୍ୱଦେଶ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ଦେଇଛନ୍ତି।

ଇରାନରେ ମୁଦ୍ରାସ୍ଫୀତି ଏତେ ବଢ଼ିଯାଇଛି ଯେ ଲୋକଙ୍କ ପାଇଁ ଚଳିବା କଷ୍ଟକର ହୋଇପଡ଼ିଛି। ଏହାର ପ୍ରତିବାଦରେ ସରକାର ବିରୋଧୀ ବିକ୍ଷୋଭ ଲାଗିରହିଥିଲାବେଳେ ଏବେ ତାହା ସାରା ଦେଶକୁ ବ୍ୟାପିଛି। ଏବେ ଉକ୍ତ ବିକ୍ଷୋଭ ରାଜନୈତିକ ରୂପ ନେଇଥିବାବେଳେ ଇସ୍‌ଲାମୀୟ ଶାସକମାନଙ୍କୁ କ୍ଷମତାରୁ ଓହରିଯିବାକୁ ବିକ୍ଷୋଭକାରୀ ଆହ୍ୱାନ ଦେଇଛନ୍ତି।

ପହଲବୀ ପ୍ରାୟ ୫୦ ବର୍ଷ ହେଲା ଆମେରିକାରେ ନିର୍ବାସନ ଜୀବନଯାପନ କରୁଛନ୍ତି। ତେହରାନ ଓ ଅନ୍ୟ ସହରରେ ଆନ୍ଦୋଳନ ଜାରି ରହିବ ବୋଲି ସେ ଏକ ଭିଡିଓ ବାର୍ତ୍ତା ଏବଂ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଘୋଷଣା କରିଛନ୍ତି। ଜାତୀୟ ବିପ୍ଳବ ବିଜୟ ସମୟରେ ସେ ଇରାନ ଫେରି ଆନ୍ଦୋଳନକାରୀଙ୍କ ସହ ସାମିଲ ହେବେ ବୋଲି କହିଛନ୍ତି। ପହଲବୀଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ବହୁସଂଖ୍ୟାରେ ବିକ୍ଷୋଭକାରୀ ଖୋଲା ଆହ୍ୱାନ ଦେଇଛନ୍ତି। ୧୯୭୯ ଇସ୍‌ଲାମିକ୍ ବିପ୍ଳବ ସମୟରେ ତାଙ୍କୁ କ୍ଷମତାଚ୍ୟୁତ କରାଯାଇଥିଲା। ଅର୍ଥନୀତିକୁ ଟାର୍ଗେଟ କରିବା ସହ ସର୍ବସାଧାରଣ ସ୍ଥାନଗୁଡ଼ିକୁ କବ୍‌ଜା କରିବା ଦ୍ୱାରା ସରକାରଙ୍କ ଉପରେ ଚାପ ବଢ଼ାଇବାକୁ ସେ ଇରାନବାସୀଙ୍କୁ ନିବେଦନ କରିଛନ୍ତି। ବିଭିନ୍ନ ସେକ୍ଟରରେ ନିୟୋଜିତ କର୍ମଚାରୀମାନଙ୍କୁ କାମ ବନ୍ଦ କରି ଆନ୍ଦୋଳନରେ ଯୋଗଦେବାକୁ ପହଲବୀ ଆହ୍ୱାନ ଦେଇଛନ୍ତି। ବିଶେଷକରି ପରିବହନ, ତୈଳ, ଗ୍ୟାସ୍ ଓ ଶକ୍ତି ସେକ୍ଟରରେ ନିୟୋଜିତ କର୍ମଚାରୀ ଓ ଶ୍ରମିକମାନଙ୍କୁ ଦେଶବ୍ୟାପୀ ଧର୍ମଘଟ ଆରମ୍ଭ କରିବାକୁ ସେ କହିଛନ୍ତି।

# ଅଯୋଧ୍ୟା ରାମମନ୍ଦିରରେ ନମାଜ ପାଠ ଉଦ୍ୟମ

ଅଯୋଧ୍ୟା,୧୦।୧

**କଶ୍ମୀର ବ୍ୟକ୍ତି ଗିରଫ**

ଅଯୋଧ୍ୟା ରାମମନ୍ଦିର ପରିସରରେ ପ୍ରବେଶ କରି ନମାଜ ପାଠ ଉଦ୍ୟମ କରୁଥିବା କଶ୍ମୀରର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ କଶ୍ମୀର ଶୋପିଆନ୍ ଜିଲାର ୫୫ ବର୍ଷୀୟ ଅହମଦ ଶେଖ୍ ବୋଲି ପୋଲିସ କହିଛି। ଗତ ଶୁକ୍ରବାର ସେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ରାମମନ୍ଦିରରେ ପ୍ରବେଶ କରିଥିଲେ। ସେ ରାମଲାଲାଙ୍କୁ ଦର୍ଶନ କରିବା ପରେ ସୀତା ରସୋଇ ଅଞ୍ଚଳ ନିକଟରେ ବସି ନମାଜ ପାଠ ପାଇଁ ପ୍ରସ୍ତୁତି ଚଳାଇଥିଲେ ବୋଲି ଅଭିଯୋଗ ହୋଇଛି। ସେଠାରେ ମୁତୟନ ଥିବା ସୁରକ୍ଷା କର୍ମୀ ତାଙ୍କର ଏଭଳି କାର୍ଯ୍ୟକୁ ଦେଖିବା ପରେ ତୁରନ୍ତ ହସ୍ତକ୍ଷେପ କରିଥିଲେ। ମନ୍ଦିର ସୁରକ୍ଷା କର୍ମଚାରୀ ତାଙ୍କୁ ଅଟକ ରଖି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଛନ୍ତି। ତାଙ୍କୁ ନମାଜ ପାଠ କରିବାରୁ ଅଟକାଯିବାରୁ ସେ ସ୍ଲୋଗାନ ଦେଇଥିଲେ।



ଅହମଦ ଶେଖ୍

ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଜାଣିବା ପାଇଁ ତଦନ୍ତକାରୀ ଅଫିସର ଏବଂ ଗୋଇନ୍ଦା ସଂସ୍ଥାଗୁଡ଼ିକ ତାଙ୍କୁ ଜେରା କରୁଛନ୍ତି। ସେ କାହିଁକି ଅଯୋଧ୍ୟା ଆସିଥିଲେ ଏବଂ ଅନ୍ୟ କେହି ଏହି ଘଟଣା ସହ ସମ୍ପୃକ୍ତ କି ନୁହନ୍ତି, ତାହାର ତଦନ୍ତ କରାଯାଉଛି।

# ଖାତରେ ବସ୍ ଖସି ୧୪ ମୃତ

ଶିମଲା,୧୦।୧

ହିମାଚଳପ୍ରଦେଶରେ ଏକ ଘରୋଇ ବସ୍ ୫୦୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିବାରୁ ୧୪ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୩୦ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ ସିରମାଉର ଜିଲାରେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟି ଶିମଲାରୁ କୁପ୍‌ଭି ଦେଇ ରାଜଗଡ଼ ଯାଉଥିବାବେଳେ ହରିପୁରଧର ଗ୍ରାମ ନିକଟରେ ଖାତକୁ ଖସିପଡ଼ିଥିଲା। ୩୯ ଆସନ ବିଶିଷ୍ଟ ଉକ୍ତ ବସ୍‌ରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାରକୁ ସାନ୍ତ୍ୱନା ଜଣାଇବା ସହ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ।

# ସୁପ୍ରିମକୋର୍ଟ ଗଲା ଇଡି

- ଆଇ-ପିଏସି ଚଢ଼ାଉରେ ମମତାଙ୍କ ହସ୍ତକ୍ଷେପ ଘଟଣା
- କ୍ୟାଭିଟ୍ ଦାଖଲ କଲା ପଶ୍ଚିମବଙ୍ଗ

ନୂଆଦିଲ୍ଲୀ,୧୦।୧

ରାଜନୈତିକ ପରାମର୍ଶଦାତା ସଂସ୍ଥା ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି)ର କୋଲକାତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମେତ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବାସଭବନ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉ ବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାର ଏଥିରେ ହସ୍ତକ୍ଷେପ କରିବା ସହ ବାଧା ସୃଷ୍ଟି କରିବା ଅଭିଯୋଗ ହୋଇଥିଲା। ଏନେଇ ଇଡି ଶନିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କୌଣସି ପ୍ରତିକୂଳ ନିର୍ଦ୍ଦେଶନାମା ଜାରି ପୂର୍ବରୁ ଶୁଣାଣି ପାଇଁ ନିବେଦନ କରି ଇତିମଧ୍ୟରେ ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟରେ କ୍ୟାଭିଟ୍ ଦାଖଲ କରିଛନ୍ତି। ବହୁ କୋଟି ଟଙ୍କାର କୋଇଲା ଦୁର୍ନୀତି ସହ ଜଡିତ ମନିଲଣ୍ଡରିଂ ମାମଲାରେ ଇଡି ଗୁରୁବାର ଆଇ-ପିଏସି କାର୍ଯ୍ୟାଳୟ ଏବଂ ଜୈନଙ୍କ ବାସଭବନ ଉପରେ ଚଢ଼ାଉ କରିଥିଲା। ଏହା ପରେ ପଶ୍ଚିମବଙ୍ଗ ସରକାର କ୍ୟାଭିଟ୍ ଦାଖଲ କରିଥିଲେ।

ଇଡି ଅଭିଯୋଗ ଅନୁଯାୟୀ ଆଇ-ପିଏସି କାର୍ଯ୍ୟାଳୟରେ ଚଢ଼ାଉ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପ୍ରବେଶ କରି ଦସ୍ତାବିଜ ଏବଂ ଇଲେକ୍ଟ୍ରୋନିକ୍ ଡିଭାଇସ୍ ସମେତ ପ୍ରମୁଖ ପ୍ରମାଣ ଥିବା ଫାଇଲ୍‌କୁ ନେଇଯାଇଥିଲେ। ଅନ୍ୟପକ୍ଷରେ ମମତା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଶୁକ୍ରବାର ଇଡି କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟିକ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲା। ରାଜ୍ୟ ପୋଲିସ ମୁଖ୍ୟମନ୍ତ୍ରୀଙ୍କ ସହ ସଲାସୁତରାରେ ଚଢ଼ାଉରେ ବାଧା ସୃଷ୍ଟି କରୁଥିବା ତଦନ୍ତକାରୀ ସଂସ୍ଥା ଅଭିଯୋଗ କରିଥିଲା।

# ଗ୍ୟାଙ୍ଗଷ୍ଟରଙ୍କୁ ଅସ୍ତ୍ର ଯୋଗାଉଥିବା ବୃଦ୍ଧା ଗିରଫ

ନୂଆଦିଲ୍ଲୀ,୧୦।୧(ପି.ଟି.)

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ସଂଗଠିତ ବେଆଇନ ଅସ୍ତ୍ର ଚୋରା କାରବାର ସିଣ୍ଡିକେଟ୍‌ରେ ସମ୍ପୃକ୍ତ ଜଣେ ୬୭ ବର୍ଷୀୟା ମହିଳାଙ୍କୁ ଗିରଫ କରାଯାଇଛି। ସେ ଗ୍ୟାଙ୍ଗଷ୍ଟର ଏବଂ ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ମାରଣାସ୍ତ୍ର ଯୋଗାଉଥିଲେ ବୋଲି ଶନିବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସନ୍ଦେହ ଏଡ଼ାଇବା ପାଇଁ ବୃଦ୍ଧାଙ୍କୁ ଏଭଳି ଆପରାଧିକ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେ ମଧ୍ୟପ୍ରଦେଶର ଯୋଗାଣକାରୀଙ୍କଠାରୁ ଆଗ୍ନେୟାସ୍ତ୍ର ସଂଗ୍ରହ କରି ସେଗୁଡ଼ିକୁ ଦିଲ୍ଲୀ ଓ ମିରଟ ପଠାଉଥିଲେ। ସେଠାରୁ ଅସ୍ତ୍ରଗୁଡ଼ିକୁ ଗ୍ୟାଙ୍ଗଷ୍ଟର ଓ ଅନ୍ୟ ଅପରାଧୀମାନଙ୍କୁ ବିକ୍ରି କରାଯାଉଥିଲା। ଏହି ମାମଲାରେ ମିରଟର ରାମବିରିଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଦିଲ୍ଲୀ ଏନ୍‌ସିଆର୍‌ରେ ନିକଟରେ ହୋଇଥିବା ଅପରାଧରେ ଆଗ୍ନେୟାସ୍ତ୍ରର ବ୍ୟବହାର ବଢ଼ିଥିବାରୁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ତଲାସି ଅଭିଯାନ ଆରମ୍ଭ ହୋଇଥିଲା।

# ବ୍ରିକ୍ସ ପ୍ଲସ୍ ନୌସମରାଭ୍ୟାସ ଆରମ୍ଭ



କେପ୍ ଟାଉନ୍,୧୦।୧

**ଚାଇନା, ରୁଷିଆ, ଇରାନ ସାମିଲ**

ଦକ୍ଷିଣ ଆଫ୍ରିକା ସମୁଦ୍ରରେ ଚାଇନା, ରୁଷିଆ ଏବଂ ଇରାନ ଶନିବାରଠାରୁ ସପ୍ତାହବ୍ୟାପୀ ମିଳିତ ନୌସେନା ସମରାଭ୍ୟାସ ଆରମ୍ଭ କରିଛନ୍ତି। ଜାହାଜ ଚଳାଚଳ ଏବଂ ସାମୁଦ୍ରିକ ଆର୍ଥିକ କାରବାରର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ରିକ୍ସ ପ୍ଲସ୍ ସମରାଭ୍ୟାସ ନାମରେ ଏହି ଅଭିଯାନ କରାଯାଉଥିବା ଆୟୋଜନ ଦେଶ ପକ୍ଷରୁ କୁହାଯାଇଛି। ବ୍ରିକ୍ସ ପ୍ଲସ୍ ହେଉଛି ଭୂରାଜନୈତିକ ମେଣ୍ଟ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ସଂଗଠନର ପରିବର୍ଦ୍ଧନ ରୂପ। ଏଥିରେ ଅନ୍ୟ ୬ଟି ଦେଶ ସାମିଲ ହୋଇଛନ୍ତି। ସେମାନେ ହେଲେ ଇଜିପ୍ଟ, ଇଣ୍ଡୋନେସିଆ, ସାଉଦି ଆରବ, ଇଥିଓପିଆ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ। ଦକ୍ଷିଣ ଆଫ୍ରିକା ନିୟମିତ ଭାବେ ଚାଇନା ଓ ରୁଷିଆ ସହ ନୌସମରାଭ୍ୟାସ କରିଥାଏ। ସମ୍ପ୍ରତି ଚାଇନା, ଇରାନ, ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲ ସମେତ ବ୍ରିକ୍ସ ପ୍ଲସ୍‌ର ଅଧିକାଂଶ ଦେଶ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଉତ୍ତେଜନା ଲାଗି ରହିଥିବାବେଳେ ବ୍ରିକ୍ସ ପ୍ଲସ୍ ନୌସମରାଭ୍ୟାସ ଆରମ୍ଭ ହୋଇଛି। ଚାଇନା ସେନା ଅଧିକାରୀମାନେ ଏଥିରେ ନେତୃତ୍ୱ ନେଇଥିବାବେଳେ ବ୍ରାଜିଲ, ଇଜିପ୍ଟ ଏବଂ ଇଥିଓପିଆ ପର୍ଯ୍ୟବେକ୍ଷକ ଭାବେ ସାମିଲ ହୋଇଛନ୍ତି।

**ଫୁର୍‌ସତ**

# ୨୯ କୋଟି ଟଙ୍କାର ମାଛ

ଜାପାନର ଟୋକିଓରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ନୂତନ ବର୍ଷର ପ୍ରଥମ ନିଲାମରେ, ଏକ ମାଛ ଏତେ ଉଚ୍ଚ ମୂଲ୍ୟରେ ବିକ୍ରି ହୋଇଛି ଯେ, ସେହି ମୂଲ୍ୟରେ ଭାରତରେ ଅନେକ ବିଳାସପୂର୍ଣ୍ଣ ବଙ୍ଗଳା ସହଜରେ କିଣିହୋଇଯିବ। ବ୍ଲୁଫିନ ଟୁନା ନାମକ ଏହି ମାଛ ନିଲାମ ଜଗତରେ ଇତିହାସ ସୃଷ୍ଟି କରିଛି।



ଜାପାନର ପ୍ରସିଦ୍ଧ ଟୋୟୋସୁ ମାଛ ବଜାରରେ ବର୍ଷର ପ୍ରଥମ ନିଲାମ ପ୍ରାୟତଃ ଏକ ଚର୍ଚ୍ଚାର ବିଷୟ ହୋଇଥାଏ, କିନ୍ତୁ ଏଥର ବ୍ଲୁଫିନ ଟୁନାର ବିକ୍ରୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ୨୪୩ କିଲୋଗ୍ରାମର ମାଛ ୫୧୦ ନିୟୁତ ୟେନ (୨୯ କୋଟି ଟଙ୍କାରୁ ଅଧିକ)ରେ ବିକ୍ରି ହୋଇଛି। ଏହି ମାଛ ଉତ୍ତର ଜାପାନର ଓମା ଉପକୂଳରେ ଧରାଯାଇଥିଲା।

ଏହି ବ୍ଲୁଫିନ ଟୁନା ଜାପାନର ପ୍ରମୁଖ ସୁଶି ଚେନ, ସୁଶି ଜାନମାଇର ମୂଳ କମ୍ପାନୀ କିୟୋମୁରା କର୍ପୋରେସନ ଦ୍ୱାରା କିଣାଯାଇଥିଲା। 'ଟୁନା କିଙ୍ଗ' ଭାବରେ ଜଣାଶୁଣା କମ୍ପାନୀର ମାଲିକ କିୟୋସି କିମୁରା ଏହି ନିଲାମ ଜିତିଛନ୍ତି। ସେ ୨୦୧୯ ମସିହାରେ ୩୩୩.୬ ନିୟୁତ ୟେନ (୧୯ କୋଟିରୁ ଅଧିକ) ନିଲାମ ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ନିଜର ପୂର୍ବ ରେକର୍ଡ ଭାଙ୍ଗିଛନ୍ତି।

ଜାପାନରେ ନୂତନ ବର୍ଷର ପ୍ରଥମ ନିଲାମରେ ସବୁଠାରୁ ବଡ଼ ମାଛ କିଣିବା ଶୁଭ ବୋଲି ବିବେଚନା କରାଯାଏ। ଏହାକୁ ବ୍ୟବସାୟରେ ସମୃଦ୍ଧି ଏବଂ ସୌଭାଗ୍ୟର ପ୍ରତୀକ ଭାବରେ ବିବେଚନା କରାଯାଏ। ଗ୍ରାହକମାନଙ୍କୁ ଆକର୍ଷିତ କରିବାର ଏହା ଏକ ଉତ୍ତମ ଉପାୟ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ୨୯ କୋଟି ଟଙ୍କାରେ ମାଛ କିଣିବା ସତ୍ତ୍ୱେ, ଟୁନା କିଙ୍ଗ ଏହାକୁ ଉଚ୍ଚ ମୂଲ୍ୟରେ ବିକ୍ରି କରିବେ ନାହିଁ। ଏହି କ୍ରୟ ଲାଭ ପାଇଁ ନୁହେଁ, ବରଂ ଗ୍ରାହକମାନଙ୍କ ସହିତ ନୂତନ ବର୍ଷ ପାଳନ କରିବା ପାଇଁ ଥିଲା।

# ସତ ଲୁଚାଉଛନ୍ତି କାର୍ତ୍ତିକ ଆର୍ଯ୍ୟନ

ମୁମ୍ବାଇ: ବଲିଉଡ୍‌ର 'ପିଆର୍ ଷ୍ଟାର' କହିଲେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କୁ ବୁଝାଯାଏ। ଇଣ୍ଡଷ୍ଟ୍ରି ବାହାରୁ ଆସିଥିଲେ ହେଁ ଯେଉଁଭଳି ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବାସ୍ତବରେ ତାହା ପ୍ରଶଂସାଯୋଗ୍ୟ। କିଛିଦିନ ତଳେ ତାଙ୍କ ଫିଲ୍ମ 'ତୁ ମେରି ମୈ ତେରା, ମେ ତେରି ତୁ ମେରି' ରିଲିଜ ହୋଇଥିଲା। ଫିଲ୍ମର ବିଫଳତାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏବେ ତାଙ୍କର ଲଭ୍ ଲାଇଫ୍ ଖବର ଚର୍ଚ୍ଚାରେ ଅଛି। ଗୋଆରେ ଛୁଟି କଟାଇବାକୁ ଯାଇଥିବା ସମୟରେ ତାଙ୍କ ସହ ଜଣେ କମ୍ ବୟସର ଯୁବତୀ ମଧ୍ୟ ଥିଲେ। ଜଣେ ବିଦେଶୀ ଲଳନାଙ୍କୁ ତାଙ୍କର ମିଷ୍ଟ୍ରିଗର୍ଲ କୁହାଯିବା ସହ ଉଭୟ ଡେଟ୍ କରୁଥିବା ନେଇ ଚର୍ଚ୍ଚା ବଢ଼ୁଛି। ଏପରିକି ଦୁହିଁଙ୍କ କିଛି ଫଟୋ ଭାଇରାଲ ହେଉଛି। ରିପୋର୍ଟ ମୁତାବକ, କାର୍ତ୍ତିକ ଏବଂ ତାଙ୍କ ପ୍ରେମିକା ଗୋଟିଏ ହୋଟେଲରେ ରହିଥିଲେ। ହେଲେ ତାଙ୍କ କୋଠରି ଅଲଗା ଥିଲା। ଉକ୍ତ ହୋଟେଲର ଷ୍ଟାଫ୍ ଏହା ସ୍ପଷ୍ଟ କରିଛନ୍ତି। ଅଭିନେତା ନିଜର ଡେଟିଂ ଲାଇଫ୍‌କୁ ଏବେ ଜଣାଇବାକୁ ଚାହୁଁ ନ ଥିବା ଯୋଗୁ ମିଛ କୁହାଯାଉଛି। ହେଲେ ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି ଭଳି କାର୍ତ୍ତିକଙ୍କ ପ୍ରେମ ଏବେ ବଡ଼ ଖବର ପାଲଟିଛି।



# ମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଯୁବ କଂଗ୍ରେସର ଉଦ୍ୟମ

## ପିୟୁସିସି ପ୍ରସଙ୍ଗ

- ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚାହୁଁଛନ୍ତି ବିରୋଧୀ: ମନ୍ତ୍ରୀ ଜେନା
- ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ରାଜ୍ୟର ସବୁ ଆର୍‌ଟିଓ ଘେରିବୁ: ରଞ୍ଜିତ

ଭୁବନେଶ୍ୱର, ୧୦।୧ (ସୁନିତ୍ ମିଶ୍ର)



ଗାଡ଼ି ଚାଳକଙ୍କ ଉପରେ ମନଇଚ୍ଛା ଫାଇନ ଏବଂ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ପ୍ରମାଣପତ୍ର ଲଦିବା ପ୍ରତିବାଦରେ ଶନିବାର ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ସରକାରୀ ବାସଭବନ ଘେରାଉ କରିବାକୁ ଉଦ୍ୟମ କରାଯାଇଛି। କଂଗ୍ରେସ ଭବନଠାରୁ ଯୁବ କଂଗ୍ରେସର ନେତା ଓ କର୍ମୀମାନେ ଏକ ସାଇକେଲ ଶୋଭାଯାତ୍ରାରେ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯାଉଥିବା ବେଳେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ପୋଲିସ ସେମାନଙ୍କୁ ଅଟକାଇଥିଲା। ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ପୋଲିସ ମଧ୍ୟରେ କିଛି ସମୟ ପର୍ଯ୍ୟନ୍ତ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହେବାପରେ ପୋଲିସ ଆନ୍ଦୋଳନରତ ଯୁବ କଂଗ୍ରେସ କର୍ମୀମାନଙ୍କୁ ଭ୍ୟାନ୍ ଯୋଗେ ସେଠାରୁ ଉଠାଇ ନେଇଥିଲା।

ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି, ଗାଡ଼ି ଚାଳକମାନଙ୍କ ରକ୍ତ ଶୋଷଣ କରିବା ପାଇଁ ମୋହନ ସରକାର ବ୍ୟବସ୍ଥା କରିଛି। ଯେଉଁଭଳି ଭାବରେ ଫାଇନ ଲଦି ଦିଆଯାଇଛି ତାହା ଇତିହାସର ବ୍ରିଟିଶ ଓ ମୋଗଲ ଶାସନର ଜନବିରୋଧୀ ନୀତିକୁ ଅତିକ୍ରମ କରିଛି। ପରିବହନ ମନ୍ତ୍ରୀ ଗାଡ଼ିଚାଳକମାନଙ୍କ ତଣ୍ଟି ଚିପି ଅର୍ଥ ଆଦାୟ କରିବାର ଦାୟିତ୍ୱ ନେଇଛନ୍ତି। ଓଡ଼ିଶାର ଲକ୍ଷାଧିକ ଗାଡ଼ିଚାଳକଙ୍କୁ ଯନ୍ତ୍ରଣା ଭିତରକୁ ଠେଲି ଦେଇଥିବା ପରିବହନ ମନ୍ତ୍ରୀ ଓ ତାଙ୍କ ସରକାର ବିରୋଧରେ ଜନଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଦୁଇଚକିଆ ଯାନଠାରୁ ଆରମ୍ଭକରି ଟ୍ରକ୍ ଓ ବସ୍ ପର୍ଯ୍ୟନ୍ତ ଆଉ ରାଜରାସ୍ତାରେ ଚଲାଇବାପାଇଁ ସମ୍ଭବ ହେବନାହିଁ। ସରକାରଙ୍କ ପକ୍ଷରୁ କେଉଁ ତ୍ରୁଟି ହେଲେ ଫାଇନ ଦେବାକୁ ପଡ଼େ ସେନେଇ ଗାଡ଼ିଚାଳକମାନଙ୍କୁ ଠିକ୍ ଭାବେ ଜଣାଯାଉ ନାହିଁ। ତାଳଚେର, ଅନୁଗୋଳ, ବାରିପଦା, ବାଲେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଯାଜପୁର ପ୍ରଭୃତି ସହର କିଭଳି ଦେଶରେ ଅଧିକ ପ୍ରଦୂଷିତ ସହର ଭିତରେ ସ୍ଥାନ ପାଇଲା ତା'ର କାରଣ ସରକାର ଖୋଜନ୍ତୁ ଓ ନିରାକରଣ ପାଇଁ ବ୍ୟବସ୍ଥା କରନ୍ତୁ। ଯେଉଁ ଶିଳ୍ପ ବା ସଂସ୍ଥା ଏହି ପ୍ରଦୂଷଣ ପାଇଁ ଦାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଦି ମନମାନି କରି ଫାଇନ ଏବଂ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ନୀତିରୁ ସରକାର ବିରତ ନ ରହନ୍ତି ତେବେ ଯୁବ କଂଗ୍ରେସ ଓଡ଼ିଶାର ସବୁ ଆର୍‌ଟିଓ ସାମ୍ନାରେ ବିକ୍ଷୋଭ କରିବ ବୋଲି ରଞ୍ଜିତ କହିଛନ୍ତି।

ଅନ୍ୟପଟେ ମନ୍ତ୍ରୀ ଜେନା କହିଛନ୍ତି, ଲୋକଙ୍କୁ ବିଭ୍ରାନ୍ତ କରିବାକୁ ବିରୋଧୀ ଚାହୁଁଛନ୍ତି। ଗଣମାଧ୍ୟମରେ ରହିବାକୁ ବିରୋଧୀ ଏଭଳି କରୁଛନ୍ତି। ଛାଟ ପଡିବା ପରେ ଅମାନିଆ ବେଶି କହୁଛନ୍ତି। ପୂର୍ବରୁ ଯେଉଁମାନେ ଜରିମାନା ଲାଗୁ କରିଥିଲେ ସେମାନେ ଅଧିକ ପାଟି କରୁଛନ୍ତି। ୨୦୧୯ରେ ୧୦ ହଜାର ଫାଇନ ବ୍ୟବସ୍ଥା ଲାଗୁ କରାଯାଇଥିଲା। ପରିବେଶକୁ ଦୃଷ୍ଟିରେ ରଖି ପିୟୁସିସିକୁ ବାଧ୍ୟତାମୂଳକ କରାଯାଇଛି। ଲୋକଙ୍କୁ ନ ବାଧିଲା ଭଳି ନୂଆ ଫାଇନ ମୂଲ୍ୟ ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି।

## ୩୨ରୁ ଊର୍ଦ୍ଧ୍ୱ ଗାଡ଼ି ଜଳିଗଲା

### ବ୍ୟାଟେରି ଗାଡି ଶୋ'ରୁମରେ ନିଆଁ

ବାରିପଦା, ୧୦।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ଦାରୋଗାଡ଼ାହି ଛକ ନିକଟ କାଇନେଟିକ ଗ୍ରୀନ୍ ନାମକ ଏକ ବ୍ୟାଟେରି ଚାଳିତ ବାଇକ ଶୋ' ରୁମ୍‌ରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ୩୨ରୁ ଊର୍ଦ୍ଧ୍ୱ ଗାଡ଼ି ପୋଡ଼ି ପାଉଁଶ ହୋଇଯାଇଛି। ଦମକଳ ଗାଡ଼ି ପରେ ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା।






ଇଲା ପଣ୍ଡା

୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

ଅଭୁଲା ସ୍ମୃତି ସହ

ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

## ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ ନୀତିନ୍ ନବୀନ: ମନମୋହନ

ଭୁବନେଶ୍ୱର, ୧୦।୧ (ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ନୀତିନ୍ ନବୀନ ଖୁବ୍‌ଶୀଘ୍ର ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ଦଳର ବିଭିନ୍ନ ସାଙ୍ଗଠନିକ ବିଷୟରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। କିଛିଦିନ ତଳେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ନୂଆଦିଲ୍ଲୀ ଗସ୍ତରେ ଯାଇ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତିଙ୍କୁ ଭେଟିଥିଲେ। ଏହି ଅବସରରେ ସେ ରାଜ୍ୟରେ ବୋର୍ଡ ଓ ନିଗମ ଅଧ୍ୟକ୍ଷ ଚୟନ ନେଇ ଅଟକି ରହିଥିବା କାର୍ଯ୍ୟ ସହ ବିଭିନ୍ନ ସାଙ୍ଗଠନିକ ନିଯୁକ୍ତି ବିଷୟରେ ଆଲୋଚନା କରିଥିଲେ। ସେଗୁଡିକ ଖୁବ୍‌ଶୀଘ୍ର ହେବ ବୋଲି ମନମୋହନ ଶନିବାର ସୂଚନା ଦେଇଛନ୍ତି। ଏହାସହ ନୀତିନ୍‌ଙ୍କ ଓଡ଼ିଶା ଆଗମନ ବିଷୟରେ ମଧ୍ୟ ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ମାସରେ ବୋର୍ଡ ଓ ନିଗମରେ ନେତାଙ୍କୁ ଥଇଥାନ କାର୍ଯ୍ୟ ଶେଷ ହୋଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏଥିଲାଗି ଦିଲ୍ଲୀକୁ ଦଳ ପକ୍ଷରୁ ୭୦ ଜଣଙ୍କ ନାଁ ଦିଆଯାଇଥିବା ବେଳେ ଦିଲ୍ଲୀରେ ଥିବା କେତେଜଣ ଓଡ଼ିଆ ନେତାଙ୍କ ହସ୍ତକ୍ଷେପ ପାଇଁ ଏହା ଅଟକି ରହିଥିବା ଶୁଣିବାକୁ ମିଳୁଛ; ଯାହା ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

## କେନ୍ଦ୍ର ବିରୋଧରେ ରାଜ୍ୟବ୍ୟାପୀ କଂଗ୍ରେସର ଖବରଦାତା ସମ୍ମିଳନୀ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାଁ ହଟାଯିବା ପ୍ରସଙ୍ଗ

ଭୁବନେଶ୍ୱର, ୧୦।୧ (ସୁନିତ୍ ମିଶ୍ର)

ସବୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଖବରଦାତା ସମ୍ମିଳନୀ ଜରିଆରେ ଜନସାଧାରଣଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ସମ୍ପର୍କରେ ସଚେତନ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଉପା ସରକାର ସମୟରେ ବେକାରିଙ୍କୁ କାମ ଦେବା ଉଦ୍ଦେଶ୍ୟରେ ପ୍ରଣୟନ ହୋଇଥିବା ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ବହୁ କୋଟି ଜନସାଧାରଣ ଉପକୃତ ହେଉଥିଲେ। ନିକଟରେ ଭାଜପା ପକ୍ଷରୁ ଷଡ଼ଯନ୍ତ୍ର କରାଯାଇ ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇ ନୂଆ ଯୋଜନା କରି ଲୋକଙ୍କ ବିକାଶରେ ପ୍ରତିବନ୍ଧକ ସାଜିଛନ୍ତି। ଏହାକୁ କଂଗ୍ରେସ ତୀବ୍ର ବିରୋଧକରି ରାଜରାସ୍ତାକୁ ଓହ୍ଲାଇଛି। ଯେପର୍ଯ୍ୟନ୍ତ କେନ୍ଦ୍ର ସରକାର ଏଥିରେ ପୂର୍ବଭଳି ମହାତ୍ମା ଗାନ୍ଧୀଙ୍କ ନାମ ନ ଯୋଡ଼ିଛନ୍ତି କଂଗ୍ରେସ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଦୃଢ଼ ପ୍ରତିବାଦ କରିବ ବୋଲି ପଞ୍ଚାନନ କହିଛନ୍ତି।

## ସୋମନାଥ ସ୍ୱାଭିମାନ ପର୍ବ ପାଳିଲା ଭାଜପା

ଭୁବନେଶ୍ୱର, ୧୦।୧ (ସୁନିତ୍ ମିଶ୍ର)

ଭାରତର ଆସ୍ଥା, ବିଶ୍ୱାସ ଓ ସଭ୍ୟତାର ପ୍ରତୀକ ହେଉଛି ଗୁଜରାଟର ସୋମନାଥ ମନ୍ଦିର। ଏହି ମନ୍ଦିର ଉପରେ ଜାନୁଆରୀ ୧୦୨୬ରେ ଗଜନୀର ସୁଲତାନ ମହମ୍ମଦ ପ୍ରଥମ ଆକ୍ରମଣ କରିଥିଲେ। ଭାରତର ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନଷ୍ଟକରିବା ପାଇଁ ଅପଚେଷ୍ଟା କରି ମନ୍ଦିରକୁ ଧ୍ୱଂସ କରିଦେଇଥିଲେ। ଜାନୁଆରୀ ୮, ୯ ଏବଂ ୧୦ରେ ଏହି ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ୧୦୦୦ ବର୍ଷ ପୂରଣ ହୋଇଛି। ଉକ୍ତ ହୃଦୟ ବିଦାରକ ଘଟଣାକୁ ମନେପକାଇବା ସହ ସୋମନାଥ ମନ୍ଦିର ଏହି ୧୦୦୦ ବର୍ଷର ସହନଶୀଳତା, ପୁନରୁଦ୍ଧାର ଏବଂ ନିରନ୍ତରତାକୁ ରେଖାଙ୍କିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଚଳିତ ବର୍ଷକୁ ସୋମନାଥ ସ୍ୱାଭିମାନ ପର୍ବ ରୂପେ ପାଳନ କରାଯାଉଛି। ଏହି ପର୍ବ ଭାରତୀୟ ସଭ୍ୟତାର ଅଦମ୍ୟ ସାହସ ଓ ନିରନ୍ତରତାକୁ ପ୍ରଦର୍ଶନ କରୁଛି। ପ୍ରଧାନମନ୍ତ୍ରୀ ଶନିବାର ସୋମନାଥ ପୀଠରୁ ଏହି ପର୍ବର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସମସ୍ତ ଶୈବପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଭାଜପା ପକ୍ଷରୁ ପାଳନ କରାଯାଇଛି। ଭୁବନେଶ୍ୱରଠାରେ ପ୍ରଭୁ ଲିଙ୍ଗରାଜଙ୍କ ପାଖରେ ୧୦୦୦ ଦୀପ ପ୍ରଜ୍ୱଳନ କରାଯାଇ ପୂଜାର୍ଚ୍ଚନା କରାଯାଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ବହୁ ମନ୍ତ୍ରୀ ଏବଂ ବିଧାୟକ ଓ ଭାଜପା ନେତା ଯୋଗଦେଇଥିଲେ।






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- କ୍ୟାପିଟାଲ ହାଇସ୍କୁଲ ୧୯୯୧ ବ୍ୟାଚ୍ ଆଲୁମିନି ମିଟ୍, ସ୍ଥାନ: ବିଦ୍ୟାଳୟ ପରିସର, ୟୁନିଟ୍-୩, ସମୟ: ସକାଳ ୯ଟା ୪୫।
- ଆନନ୍ଦ ମାର୍ଗ ଏକାଡେମୀ ଅଫ୍ ଲାଇଟ୍ ପକ୍ଷରୁ ବିଶ୍ୱ ବ୍ରେଲି ଦିବସ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ସଂଘ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରିଦିମ୍ ଡ୍ୟାନ୍ସ ଏକାଡେମୀର ୧୦ମ ବାର୍ଷିକ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଶ୍ରୀମଦ ଭଗବତ୍ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନହରକଣ୍ଟା (ଖ) ର ହନୁମାନଙ୍କ ପୀଠ ସ୍ଥଳୀସ୍ଥିତ ମାରୁତି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ମହାସତ୍‌ସଙ୍ଗ ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ, ବିଶ୍ୱଶାନ୍ତି ସରୋବର, ଅନନ୍ତପୁର, ଫୁଲନଖରା, ସମୟ: ସକାଳ ୯ଟା।
- ସାହିତ୍ୟ ଅକାଦେମି ଓ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ସ୍ଥାନ: ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ରାଜ୍ୟସ୍ତରୀୟ ୮ମ ବାର୍ଷିକ ଉତ୍ସବ ଓ ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ, ସ୍ଥାନ: ମାତୃଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଟକ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟିର ବିଶାଳ ବନ୍ଧୁମିଳନ, ସ୍ଥାନ: ନରାଜ ଡାକବଙ୍ଗଳା, ବ୍ରଜବିହାରୀପୁର, ସମୟ: ପୂର୍ବାହ୍ନ ୧୧ଟା।
- କନ୍ତପଡା ରାଜ୍ୟସ୍ତରୀୟ କର୍କବଲ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପନ, ସ୍ଥାନ: କନ୍ତପଡ଼ା ସହୀଦ ପଡ଼ିଆ, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଚତୁର୍ଥ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ପ୍ରଜ୍ଞାନ ମିଶନର ପକ୍ଷରୁ ତିନିଦିନିଆ ଗୀତାଜ୍ଞାନ ଯଜ୍ଞର ଉଦ୍‌ଯାପନୀ ଦିବସ, ସ୍ଥାନ: ଆନନ୍ଦଭବନ ସମ୍ମୁଖ ଖେଳପଡ଼ିଆ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ୨୬ତମ ବାରବାଟୀ ନୃତ୍ୟୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ସିଦ୍ଧ ମହାବୀରଙ୍କ ୧୮ତମ ବାର୍ଷିକ ଜନ୍ମଉତ୍ସବ ଓ ମହାଯଜ୍ଞ ଉପଲକ୍ଷେ ଜଳଯାତ୍ରା, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ମୁଣ୍ଡଳ ଗ୍ରାମ, ଜଟଣୀ, ସମୟ: ସକାଳ ୮ଟା।
- ଫ୍ରେଣ୍ଡ୍ସ ପାରାଡ଼ାଇସ ପକ୍ଷରୁ ଶ୍ରୀବତ୍ସ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: କୁଣ୍ଡୁମାଟି ଛଣଘର ଖେଳପଡ଼ିଆ, ଜଟଣୀ, ସମୟ: ଅପରାହ୍ନ ୨ଟା ୩୦।

**ବାଲେଶ୍ୱର**
- ହିନ୍ଦୁ ସମ୍ମିଳନୀ,ସ୍ଥାନ:କୁଟାରୀ ପଡ଼ିଆ, ସିମୁଳିଆ, ସମୟ:ସକାଳ ୮ଟା।
- ମେଗା ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଷ୍ଟେସନ କ୍ଲବ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଅଗରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ହଳଦୀପଦା, ବାଲେଶ୍ୱର, ସମୟ: ସକାଳ ୯ଟା।
- ପଦ୍ମଲୋଚନ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ବିଦ୍ୟାଳୟ ପରିସର, ମହତିପୁର, ଖଇରା, ସମୟ: ସକାଳ ୯ଟା।
- ଗୌର ରାଧାକୃଷ୍ଣ ଶିକ୍ଷାକେନ୍ଦ୍ର ବାର୍ଷିକ ମହୋତ୍ସବ, ସ୍ଥାନ: ପାଣିସାଉଁଳି, ଖଇରା, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରେସ କ୍ଲବର ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ବଂଶୀପାଟଣା ନବରାତ୍ର ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: କାନ୍ତିପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: କଳ୍ପତରୁ ଆଶ୍ରମ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ୍ କ୍ଲବ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଧ୍ୟାପକ ଡ. ଦାମୋଦର ସାହୁଙ୍କ ସପ୍ତମ ସ୍ମୃତି ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମନରେଗା ନାମକରଣ ବଦଳ ପ୍ରତିବାଦରେ କଂଗ୍ରେସର ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲ୍‌ୱେ ପଡ଼ିଆ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଦିବାକର ମେମୋରିଆଲ ଆନ୍ତଃରାଜ୍ୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଶୁଙ୍ଗୁଡ଼ାସ୍ଥିତ ନୀଳମଣି ମିନିଷ୍ଟାଡିୟମ୍, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ହରିସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ମଞ୍ଜୁରୀ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ଶତାବ୍ଦୀର କଳାକାର ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ୩୦।

**କେନ୍ଦୁଝର**
- ଡି. ଲାଭ୍ ଡ୍ୟାନସ ଷ୍ଟୁଡିଓର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ସକାଳ ୯ଟା।
- ଚତୁର୍ଥ ପ୍ରହର ନାମଯଜ୍ଞ, ଶୁଭାଧିବାସ ଓ ନାମଯଜ୍ଞ, ସ୍ଥାନ: ଏଲକଣା, ଛେନାପଦି, ସମୟ: ସନ୍ଧ୍ୟା ୭ ଟା।

**ମୟୂରଭଞ୍ଜ**
- ଷ୍ଟେଶନ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ରୟାଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ର ମହୋତ୍ସବ, ସ୍ଥାନ:ସ୍କୁଲ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମାନଗୋବିନ୍ଦପୁର ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ,ସ୍ଥାନ: ଆଡିଆସାହି ମିନି ଷ୍ଟାଡିୟମ, ମାନଗୋବିନ୍ଦପୁର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ଆଧ୍ୟାତ୍ମିକ ସମ୍ମେଳନ, ସ୍ଥାନ: ଦୀବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ, ସ୍ଥାନ: ନବୀନ ଭବନ, ସମୟ: ସକାଳ ୯.୩୦।
- ଉର୍ଜା ଏକାଡେମୀର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୧୦ଟା।
- ଜରୁରୀ ସମୀକ୍ଷା ଓ ପର୍ଯ୍ୟାଲୋଚନା ବୈଠକ, ସ୍ଥାନ: ରାଜସ୍ୱ ଡାକ ବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।
- ରେନବୋ ମହା ଉତ୍ସବ, ସ୍ଥାନ: ଆଇଟିଆଇ ଅଡିଟୋରିୟମ, ସମୟ: ସନ୍ଧ୍ୟା ୫ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ୟୁସିପି ଇଞ୍ଜିନିୟର ସ୍କୁଲ ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୋତ୍ସବ, ସ୍ଥାନ: ଆକିକା ଗଙ୍ଗାପୁର, ସମୟ: ପୂର୍ବାହ୍ନ ୧୦ ଟା।

**ଢେଙ୍କାନାଳ**
- ଢେଙ୍କାନାଳ କଲେଜ ଆଲୁମ୍ନି ମିଟ୍, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରିଙ୍ଗିରୁମ୍, ସମୟ- ପୂର୍ବାହ୍ନ ୧୧ଟା।
- ଆଗ୍ନେୟ ଉଦ୍‌ଯାପନ, ସ୍ଥାନ- ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ- ସନ୍ଧ୍ୟା ସାଢ଼େ ୬ଟା।
- ସାନ୍ଧ୍ୟ ମହାବିଦ୍ୟାଳୟ ଭୂମିପୂଜନ ଉତ୍ସବ, ସ୍ଥାନ: ଢେଙ୍କାନାଳ ମହିଷାପାଟ ଆଦର୍ଶ ବିଦ୍ୟାଳୟ ନିକଟ, ସମୟ: ଅପରାହ୍ନ ୧ଟା।

**ଅନୁଗୋଳ**
- ଜିଲା ବିଜେଡିର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଅନୁଗୋଳ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- କୁଜଙ୍ଗ ବନାଞ୍ଚଳ ଉପଖଣ୍ଡ ପକ୍ଷରୁ ପ୍ଲାଷ୍ଟିକ ସଚେତନତା ଅଭିଯାନ, ସ୍ଥାନ: ନେହେରୁବଙ୍ଗଳା, ପାରାଦୀପ, ସମୟ: ସକାଳ ୮ଟା।
- ଅବସର ସମ୍ବର୍ଦ୍ଧନା ଉତ୍ସବ ଓ ରକ୍ତ ଦାନ ଶିବିର, ସ୍ଥାନ: ଏରସମା ବ୍ଲକ ଭିରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ମହାପୁରୁଷ ମହମ୍ମଦଙ୍କ ସମ୍ପର୍କରେ ଜଲଶା କାର୍ଯ୍ୟକ୍ରମ, ସ୍ଥାନ: ଜାମା ମସ୍‌ଜିଦ, ବଡ଼ପଡ଼ିଆ, ପାରାଦୀପ, ସମୟ: ରାତି ୯ଟା।

**କେନ୍ଦ୍ରାପଡ଼ା**
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା, ସ୍ଥାନ:ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଯୁବ ଛାତ୍ର କଂଗ୍ରେସର ବନ୍ଧୁ ମିଳନ, ସ୍ଥାନ: ଅଲଭା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।

**ଯାଜପୁର**
- ଉତ୍କଳ ଗୌରବ କ୍ରୀଡ଼ା ସଂସଦର ୩୭ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିଦିଲ ଏମ୍ଏସ୍ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉଦୟଗିରି, ସମୟ: ଅପରାହ୍ନ ୧ଟା ୩୦।
- ବଡ଼ଚଣା ମହୋତ୍ସବର ୫ମ ସନ୍ଧ୍ୟାରେ ଓଲିଉଡ ଗାୟକ ସତ୍ୟଜିତ ପ୍ରଧାନଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ରାତି ୮ଟା।

**ନୟାଗଡ଼**
- ଦଶପଲ୍ଲା ୯ମ ଯୁବ ମହୋତ୍ସବ ଅବସରରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଦଶପଲ୍ଲାର ଶ୍ରୀ ଶ୍ରୀ ମହାବୀର ମନ୍ଦିରଠାରୁ ତ୍ରିନାଥ ବଜାର ମହକ ମଇଦାନ, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ: ସକାଳ ୭ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବ ଉଦ୍‌ଘାଟନ ସଭା, ସ୍ଥାନ: ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ: ପୂର୍ବାହ୍ନ ୯ଟା।
- ରକ୍ତଦାନ ଶିବିର ଉଦ୍‌ଘାଟନ, ସ୍ଥାନ: ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ପୂର୍ବାହ୍ନ ୯ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ:ନୂଆଗାଁ କଲେଜ ସମ୍ମୁଖ ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ଏକ ବିଂଶତମ ବାର୍ଷିକ ଉତ୍ସବର ସଭାକାର୍ଯ୍ୟ ଆରମ୍ଭ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ:ପୂର୍ବାହ୍ନ ୧୦ଟା ; ସାଂସ୍କୃତିକ ଆସର, ସମୟ:ପୂର୍ବାହ୍ନ ୧୧ଟା।
- ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସରେ କାନପୁର କ୍ରିକେଟ ଟିମ୍ ବନାମ ଭୋଗଡା କ୍ରିକେଟ ଟିମ୍, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ୫ମ ଦିବସରେ ଫିଉଚର ଫୁଟବଲ ଏକାଡେମୀ ମଣିପୁର ବନାମ ମା' କାମାକ୍ଷା ସ୍ପୋଟସ୍ କ୍ଲବ ବିହାର, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**
- ଭାମିନି ଦ୍ୱିତୀୟ ଆଇଆରବିଏନ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସ୍ଥାନ: ବିକ୍ରମପୁର ଛକରୁ ମିନି ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ହିନ୍ଦୁ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୫ଟା।

**ନବରଙ୍ଗପୁର**
- ଜି ରାମ ଜି ଯୋଜନାକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଉକରକୋଟ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଏମ୍‌ଜିଏନଆରଇଜିଏସ୍ ବଞ୍ଚାଓ ନେଇ ଜିଲା କଂଗ୍ରେସର ଧାରଣା, ସ୍ଥାନ: କୋରାପୁଟ ଆମ୍ବେଡକର ପାର୍କ, ସମୟ: ସକାଳ ୮ଟା।
- ଚାଷୀମାନଙ୍କୁ ନେଇ କାର୍ଯ୍ୟ ଶିବିର, ସ୍ଥାନ: ଯୋଡିପାଇ, ଚଣାବାଡ଼ ପଞ୍ଚାୟତ, ଦଶମନ୍ତପୁର ବ୍ଲକ୍, ସମୟ: ଅପରାହ୍ନ ୧ଟା।
- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦଯାପନୀ, ସ୍ଥାନ: ଜବାହାର ଜ୍ୟୋତି ସ୍ପୋର୍ଟସ କ୍ଲବ୍ ପରିସର, ସୁନାବେଡ଼ା-୧, ସମୟ: ସନ୍ଧ୍ୟା ୬ଟା।

**ସମ୍ବଲପୁର**
- କୁଲତା ସମାଜ ପକ୍ଷରୁ ବିବିଧ ପ୍ରତିଯୋଗିତା, ସ୍ଥାନ: ଦାନିପାଲିସ୍ଥିତ ରାମଚଣ୍ଡୀ ସେବା ସଦନ, ସମୟ: ସକାଳ ୯ଟା।
- ଜନ ସମୀକ୍ଷା ପତ୍ରିକାର ୪୬ତମ ବାର୍ଷିକ ଉତ୍ସବ, ସ୍ଥାନ: ସମ୍ବଲପୁର ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୃହତ୍ତର ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଜମାଦାରପାଲି ନିକଟସ୍ଥ ଟିପ୍ରୁପଡା, ସମୟ: ପୂର୍ବାହ୍ନ ୧୧ଟା।
- ବୁର୍ଲା ଗଣ୍ଡା ସମାଜର ୨୮ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀଙ୍କ ଟ୍ରୋମାକେୟାର ଏବଂ ଓପିଡିର ଉଦ୍‌ଘାଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା ୫୦।
- କୁଲତା ମହୋତ୍ସବ, ସ୍ଥାନ: ଦାନିପାଲିସ୍ଥିତ ରାମଚଣ୍ଡୀ ସେବା ସଦନ, ସମୟ: ମଧ୍ୟାହ୍ନ ୧୨ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ, ସମୟ: ଅପରାହ୍ନ ୫ଟା୩୦।

**ବଲାଙ୍ଗୀର**
- ଟ୍ୟାକ୍ସ ବାର୍ ଆସୋସିଏଶନ୍ ପକ୍ଷରୁ 'ସ୍ୱର୍ଣ୍ଣ ସମାଗମ' ଉଦ୍‌ଘାଟନୀ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ସକାଳ ୮ଟା।
- ବଲାଙ୍ଗୀର ଉପଖଣ୍ଡସ୍ତରୀୟ ଲୋକଉତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଟାଉନ୍ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦।
- ଉପମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାଟଣାଗଡ଼ ବ୍ଲକ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଫ୍ରେଣ୍ଡସ୍ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।
- କଣ୍ଟାବାଞ୍ଜି ମାଟିର ମହୋତ୍ସବ ୩ୟ ଦିବସ, କବି ସମ୍ମିଳନୀ, ସ୍ଥାନ: ରେଲୱେ ଫୁଟବଲ ଗ୍ରାଉଣ୍ଡ, ସମୟ: ଅପରାହ୍ନ ୩ଟା।
- ମାଟିର ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରେଲୱେ ଫୁଟବଲ ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**
- ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତାର ଫାଇନାଲ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ମଧୁମଣ୍ଡପ, ସମୟ: ସକାଳ ୮ଟା।
- ଏକତା ମହୋତ୍ସବ, ସ୍ଥାନ: ଆମ୍ବଗାନ ଗୁଣ୍ଡିଚା ମନ୍ଦିର ଛକ, ସମୟ: ସକାଳ ୯ଟା।
- ଶାକାହାରୀ ରଙ୍ଗଣୀ ସମାଜ କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ ପାନପୋଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ସୁନ୍ଦରଗଡ଼**
- ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କୁଆଁରମୁଣ୍ଡା ଶାଖାପକ୍ଷରୁ ନିଶାମୁକ୍ତ ସଚେତନତା ଅଭିଯାନ, ସ୍ଥାନ: କୁଆଁରମୁଣ୍ଡା ରାହାସ ପଡିଆ, ସମୟ: ସକାଳ ୧୦ଟା।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବିଜୟ ମଣ୍ଡପ, ଭେଡେନ, ସମୟ: ସକାଳ ୯ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ: ଭେଡେନ, ସମୟ: ସନ୍ଧ୍ୟା ୭ଟା।
- ଜଳନ୍ଧର ଦରବାର, ସ୍ଥାନ: ବୁର୍ଦ୍ଧା, ଭେଡେନ, ସମୟ: ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ପରିବର୍ତ୍ତନକୁ ନେଇ କଂଗ୍ରେସର ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ସହର ନକଟିଗୁଡ଼ା ଛକ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଉତ୍ସବ 'ଘୁମୁରା' ଉପଲକ୍ଷେ ରାହାଗିରି ପଥ ଉତ୍ସବ, ସ୍ଥାନ: ଭବାନୀପାଟଣା ଜେଲ ଛକ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ସପ୍ତମ ଖଡଙ୍ଗ ଲୋକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବନ୍ଧଗୋରା ମହୋତ୍ସବ ପଡିଆ, କଣ୍ଟାମାଳ ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇମିତି ଜାଗାରେ ବସିବ**
**କେହି ନ କହିବେ, 'ଉଠ,' ବୋଲି**
**ଇମିତି କାମ କରିବ**
**କେହି ନ କହିବେ, 'ହେତ୍' ବୋଲି**
**ଇମିତି କଥା କହିବ**
**କେହି ନ କହିବେ, 'ଫୁଟ୍' ବୋଲି।**

ସ୍ଥାନ କାଳ ପାତ୍ର ଦେଖି ବ୍ୟକ୍ତିର ଆଚାର ବିଚାରରେ ପରିବର୍ତ୍ତନ ଆଣିବା ଶୋଭନୀୟ ହୋଇଥାଏ। କଥା କହିବାରେ ସଂଯମ, କାମ କରିବାରେ ସତର୍କତା ଏବଂ ବସାଉଠା କରିବାରେ ଯଥାର୍ଥତା ଅବଲମ୍ବନ କରିବା ସର୍ବଦା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଇନ୍ଦ୍ର ପାଳିଲେ ଚାଷ**
**ଯମ ପାଳିଲେ ବାସା।**

ଇନ୍ଦ୍ର ହେଉଛନ୍ତି ବର୍ଷା ବା ମେଘର ଦେବତା। ତାଙ୍କର କୃପା ବଳରେ ଭଲ ବର୍ଷା ହେଲେ ଚାଷବାସ ଭଲ ହୁଏ। ସେହିପରି ଯମ ହେଉଛନ୍ତି ମୃତ୍ୟୁର ଦେବତା। ତାଙ୍କରି ଶୁଭଦୃଷ୍ଟି ଥିଲେ ମଣିଷ ସଂସାରରେ ତିଷ୍ଠି ରୁହେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଖସିପଡ଼ିଲା ଛୋଟ...

ପ୍ରଥମ ପୃଷ୍ଠାରୁ...

ଖବର ପାଇ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଡାକ୍ତରଖାନା ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଅନ୍ୟପକ୍ଷେ ସିଙ୍ଗଲ ଇଞ୍ଜିନ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

ବିମାନ ଚଳାଚଳ ନିର୍ଦ୍ଦେଶାଳୟର ସୂଚନା ଅନୁଯାୟୀ, ଇଣ୍ଡିଆ ୱାନ ଏୟାର ଭିଟି କେଏସ୍‌ଏସ୍ ଫ୍ଲାଇଟ୍ ନଂ ୧୭-୧୦୨(ସେସନା ଗ୍ରାଣ୍ଡ କାରାଭାନ୍ ଏକ୍ସ) ୯ ସିଟ୍ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ମଧ୍ୟାହ୍ନ ୧୨ଟା ୨୭ ମିନିଟ୍‌ରେ ଉଡାଣ ଆରମ୍ଭ କରିଥିଲା। ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ପ୍ରାୟ ୧୪ କିଲୋମିଟର ବା ୮ ନଟିକାଲ ମାଇଲ ଦୂର କଂସର ଗ୍ରାମ ନିକଟ ପଡିଆ ଜମିରେ ବିମାନଟି ଜରୁରିକାଳୀନ ଅବତରଣ କରିଥିଲା। ଏ ସମ୍ପର୍କରେ ତୁରନ୍ତ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ମହାନିର୍ଦ୍ଦେଶକ ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଯାଇଛି। ନିୟମ ଅନୁଯାୟୀ, ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏୟାରଲାଇନ୍ସ ଡିଜିସିଏ/ଏୟାରକ୍ରାଫ୍ଟ ଦୁର୍ଘଟଣା ବ୍ୟୁରୋ (ଏଏଆଇବି)କୁ ନିର୍ଦ୍ଦେଶ ଦିଆଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ (ବାଣିଜ୍ୟ ଓ ପରିବହନ ବିଭାଗ) ଉକ୍ତ ମାମଲାକୁ ଗ୍ରହଣ କରିଥିବା ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

ଅପରପକ୍ଷେ, ବିମାନ ଉଡାଣ ଏଟିସି ତତ୍ତ୍ୱାବଧାନରେ ଥିଲା। ହଠାତ୍ ଅପରାହ୍ନ ୧ଟା ୧୮ ମିନିଟ୍‌ରେ ରାଉରକେଲା ବିମାନ ବନ୍ଦର ରନୱେର ୧୪ କି.ମି ପଶ୍ଚିମରେ ବିମାନ ସହ ଏଟିସିର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତୁରନ୍ତ ଏ ନେଇ ସ୍ଥାନୀୟ ଜିଲାପାଳ ଓ ପ୍ରଶାସନକୁ ସୂଚନା ଦିଆଯାଇଥିଲା ବୋଲି କୋଲକାତା ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ରାଉରକେଲା ଏସ୍‌ପି ୱାଧୱାନୀ କହିଛନ୍ତି, ଜଲଦା ଫାଣ୍ଡିକୁ ଏହି ଦୁର୍ଘଟଣା ସମ୍ପର୍କରେ ପ୍ରଥମେ ସୂଚନା ମିଳିଥିଲା। ଆହତମାନଙ୍କୁ ଚିକିତ୍ସା କରାଯାଉଛି। ଘଟଣାର ତଦନ୍ତ ପାଇଁ ଅଧିକାରୀମାନଙ୍କ ସହ ଯୋଗାଯୋଗ କରାଯାଇଛି। ଏୟାରକ୍ରାଫ୍ଟ ଯାଞ୍ଚ କମିଟି ଆସିଲେ ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ୱାଧୱାନୀ କହିଥିଲେ।

### କ୍ରାସ୍ ନୁହେଁ, ଫୋର୍ସ ଲ୍ୟାଣ୍ଡିଂ: ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ

ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

ରାଉରକେଲା ବିମାନ ଦୁର୍ଘଟଣାକୁ ନେଇ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିବା ଇଣ୍ଡିଆ ୱାନ୍ ଏୟାର ଫ୍ଲାଇଟ୍ ଭିଟି-୧୦୨ ବିମାନଟି କ୍ରାସ୍ ନୁହେଁ, ବରଂ ଫୋର୍ସ ଲ୍ୟାଣ୍ଡିଂ ହୋଇଛି। କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଘଟିଥାଇପାରେ। ଯେଉଁଥିପାଇଁ ପାଇଲଟ ଫୋର୍ସ ଲ୍ୟାଣ୍ଡିଂ କରାଇଛନ୍ତି। ଫୋର୍ସ ଲ୍ୟାଣ୍ଡିଂର କିଛି ସମୟ ପୂର୍ବରୁ ପାଇଲଟ୍ ମେ-ଡେ' ଘୋଷଣା କରିଥିଲେ। ଅପରାହ୍ନ ୧ଟା ୧୭ରେ ପାଇଲଟ୍ ଶେଷଥର ଯୋଗାଯୋଗ କରିଥିଲେ। ବିମାନବନ୍ଦରରେ ଅବତରଣ ପାଇଁ ୧୫ ମିନିଟ ବାକି ଥିଲା। ମାତ୍ର ଏହା ପୂର୍ବରୁ ପାଇଲଟ୍ ବିମାନକୁ ଏକ ପଡିଆରେ ଅବତରଣ କରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ସୁରକ୍ଷିତ ସ୍ଥାନରେ ଲ୍ୟାଣ୍ଡ ପାଇଁ ପାଇଲଟ୍ ପ୍ରୟାସ କରିଛନ୍ତି। ଖାଲିପଡ଼ିଆରେ ଫୋର୍ସ ଲ୍ୟାଣ୍ଡ କରାଯାଇଛି। ଜନବସତି କିମ୍ବା ଅନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ଲ୍ୟାଣ୍ଡ୍ ହୋଇଥିଲେ ଅଧିକ ବିପଦର ଆଶଙ୍କା ରହିଥାଆନ୍ତା ବୋଲି ସେ କହିଛନ୍ତି।

## ପାୱାର ମିଶିଲେ...

ପ୍ରତିଶ୍ରୁତି ରହିଛି। ଏଥିସହିତ ବସ୍ତି ଓ ପୁରୁଣା ଅଟ୍ଟାଳିକାଗୁଡ଼ିକର ପୁନର୍ବିକାଶ, ନାଗରିକଙ୍କ ପ୍ରତି ଉତ୍ତରଦାୟିତ୍ୱ ଏବଂ ପୁଣେ ମଡେଲ ସ୍କୁଲ୍ ଉପରେ ଗୁରୁତ୍ୱ ଦିଆଯାଇଛି। ଆଗାମୀ ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ନିର୍ବାଚନ ପାଇଁ ସୁଲେ ତାଙ୍କ ଦଳର ସମ୍ଭାବନା ଉପରେ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି, ବାତାବରଣ ବହୁତ ଭଲ ରହିଛି ଏବଂ ଦଳ ପୂରା ଦମ୍‌ରେ ଲଢ଼ିବା ପାଇଁ ପ୍ରସ୍ତୁତ ଅଛି। ଏଠାରେ କାର୍ଯ୍ୟ ସ୍ୱଚ୍ଛ ଏବଂ ସାଧୁତାର ସହ କରାଯିବା ଆବଶ୍ୟକ, ଯେପରି ଆମେ ପୂରା ସାମର୍ଥ୍ୟର ସହ ଲଢ଼ିବା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅଜିତ ପାୱାରଙ୍କ ଏନ୍‌ସିପି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ରହିଥିବାବେଳେ ଶରଦ ପାୱାରଙ୍କ ଏନ୍‌ସିପି-ଏସ୍‌ପି ବିରୋଧୀ ମହା ବିକାଶ ଅଘାଡ଼ି ମେଣ୍ଟରେ ରହିଛି। ତେବେ ପୌର ନିର୍ବାଚନ ପୂର୍ବରୁ ୨ ଗୋଷ୍ଠୀ ଏକାଠି ହୋଇଥିବା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଶୁକ୍ରବାର କହିଥିଲେ। ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ସିପିରୁ ଅଜିତ ଓ ତାଙ୍କ ସମର୍ଥକମାନେ ୨୦୨୩ରେ ଅଲଗା ହୋଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ସାମିଲ ହୋଇଥିଲେ। ଅଜିତ ମହାରାଷ୍ଟ୍ର ସରକାରରେ ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ସଂଖ୍ୟାବଳ ଦୃଷ୍ଟିରୁ ଅଜିତଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ନିର୍ବାଚନ କମିଶନ ମୂଳ ଏନ୍‌ସିପି ମାନ୍ୟତା ଦେଇଥିଲେ। ରାଜନୀତିରେ କେହି ସ୍ଥିର ଶତ୍ରୁ ନୁହନ୍ତି ବୋଲି ଗୁରୁବାର ଅଜିତ ସ୍ଥାନୀୟ ଗଣମାଧ୍ୟମକୁ କହିଥିଲେ।

## ୨ଦିନ ଯାଏ...

୬.୨ ଡିଗ୍ରୀ, ଫୁଲବାଣୀ ୬ ଡିଗ୍ରୀ, ଅନୁଗୋଳ ୬ ଡିଗ୍ରୀ, ଦାରିଙ୍ଗବାଡି ୬.୫ ଡଗ୍ରୀ, ସୁନ୍ଦରଗଡ଼ ୬.୮ ଡିଗ୍ରୀ, କେନ୍ଦୁଝର ୭.୪ ଡିଗ୍ରୀ, ନବରଙ୍ଗପୁର ୭.୫ ଡିଗ୍ରୀ, ଢେଙ୍କାନାଳ ୭.୭ ଡିଗ୍ରୀ, ରାଣୀତାଲ ୮.୨ ଡିଗ୍ରୀ, ଭବାନୀପାଟଣା ୮.୨ ଡିଗ୍ରୀ, ମହିଷାପାଟ ୮.୪ ଡିଗ୍ରୀ, ବାରିପଦା ୮.୮ ଡିଗ୍ରୀ, ସୋନପୁର ୯.୩ ଡିଗ୍ରୀ, ସମ୍ବଲପୁର ୯.୪ ଡିଗ୍ରୀ, ବୌଦ୍ଧ ୯.୫ ଡିଗ୍ରୀ, ବଲାଙ୍ଗୀର ୯.୫ ଡିଗ୍ରୀ, କୋରାପୁଟ ୯.୮ ଡିଗ୍ରୀ, ବରଗଡ଼ ୯.୮ ଡିଗ୍ରୀ, ହୀରାକୁଦ ୯.୯ ଡିଗ୍ରୀ ଏବଂ ବାଲେଶ୍ୱରରେ ୯.୯ ଡିଗ୍ରୀ ତାପମାତ୍ରା ରହିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଚନ୍ଦ୍ର ଓ ଶନି ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ପରିବାରର ସହମତି ପାଇବେ ନାହିଁ। କେତୁଙ୍କ ପ୍ରଭାବରୁ ସମ୍ପର୍କ ହାନି, ସନ୍ତାନଙ୍କ ବିଶୃଙ୍ଖଳା, ବିଫଳ ଆଲୋଚନା, ବନ୍ଧୁଙ୍କ ମିଥ୍ୟାଭିଯୋଗ ଆସିପାରେ। ପରିବାରର ଅଭାବ ଦୂର ପାଇଁ କରଜ କରିପାରନ୍ତି। କର୍ମକ୍ଷେତ୍ରର ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଶୁଭଖବର ପାଇବେ।

**ବୃଷ**
ଶନିଙ୍କ ଦୃଷ୍ଟିରେ ଚାରୋଟିଗ୍ରହ ରହିଥିବାରୁ ଅର୍ଥପ୍ରାପ୍ତିରେ ବାଧା ଏବଂ ସନ୍ତାନ ହେତୁକ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି। ସ୍ୱାସ୍ଥ୍ୟହାନି ସାଙ୍ଗକୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ଆସିପାରେ। ଅବଶ୍ୟ ଅର୍ଥାଭାବ ଦୂରେଇଯିବ, କର୍ମକ୍ଷେତ୍ରରେ ସମ୍ମାନ ମିଳିବ, ସାଂସ୍କୃତିକ କାର୍ଯ୍ୟରେ ଯୋଗଦାନ କରିପାରନ୍ତି। ବନ୍ଧୁମିଳନ ଘଟିବ।

**ମିଥୁନ**
ରାଶ୍ୟାଧିପତି ରାଜଯୋଗ ମଧ୍ୟରେ ଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ ଏବଂ ସାମାଜିକ ସମ୍ମାନ ଲାଭ କରିବେ। ବ୍ୟବସାୟର ସମସ୍ୟା ବଡ଼ ଆକାର ଧାରଣ କରିପାରେ। ନିର୍ମାଣ, ଦୋକାନ, ଆଇନ ଅଦାଲତ ଓ ପ୍ରଶାସନ ଏବଂ ପ୍ରକାଶନ କ୍ଷେତ୍ରରୁ ସୁଫଳ ପାଇବେ।

**କର୍କଟ**
ପରିବାର ସ୍ଥାନାଧିପତି ବ୍ୟୟଭାବକୁ ଦେଖୁଥିବାରୁ ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ପାଇବେ। ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ଅନୁରୋଧ କରିବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବେ। ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ, ଯାନ୍ତ୍ରିକ ସମସ୍ୟା, ପାରିବାରିକ ମତାନ୍ତର ଏବଂ ଆର୍ଥିକ ଅନଟନ ଯୋଗୁ ମନସ୍ତାପ କରିପାରନ୍ତି।

**ସିଂହ**
ଭାଗ୍ୟାଧିପ କୋଣସ୍ଥାନସ୍ଥ ହେତୁ ଅର୍ଥଲାଭ, ସ୍ଥଗିତ କର୍ମାରମ୍ଭ, ନୂତନ ସମ୍ପର୍କ ଏବଂ ଅଭିଳାଷ ପୂରଣରୁ ଖୁସି ରହିବେ। ଲାଭଭାବସ୍ଥ ବୃହସ୍ପତିଙ୍କ ଯୋଗୁ ଆର୍ଥିକ ସମସ୍ୟା ସୁଧୁରି ଯିବ, କାମ ହାସଲରେ ଭାଇ, ବନ୍ଧୁ, ପଡ଼ୋଶୀ ସହାୟତା କରିବେ। ରୋଗପୀଡ଼ା, ଶତ୍ରୁତା, ବ୍ୟବସାୟରେ କ୍ଷତି ଏବଂ ପାରିବାରିକ ମତାନ୍ତରରୁ ମନସ୍ତାପ କରିବେ।

**କନ୍ୟା**
ମୁଖଭାବରେ ଚନ୍ଦ୍ରଜନିତ ମିଠାକଥାରେ ଅନ୍ୟମାନଙ୍କୁ ଆପଣେଇନେବେ। ଆଜି ଅର୍ଥଲାଭ ସାଙ୍ଗକୁ ସୁସ୍ୱାଦୁ ଭୋଜନ ସହିତ ବନ୍ଧୁଙ୍କ ଆଦରରେ ଆପ୍ୟାୟିତ ହେବାର ସୌଭାଗ୍ୟ ପ୍ରାପ୍ତ ହେବ। କିନ୍ତୁ କର୍ମକ୍ଷେତ୍ରରେ କୌଣସି ଭୁଲ୍‌କରି ଅନୁତପ୍ତ ହେବେ। ଆନୁଷ୍ଠାନିକ କାମ, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇପାରିବ।

**ତୁଳା**
କର୍ମାଧିପଙ୍କ ଶୁଭପ୍ରଭାବରୁ କାର୍ଯ୍ୟଦକ୍ଷତାରୁ ସମ୍ମାନ, ନୂତନ ବନ୍ଧୁ ସମ୍ପର୍କ, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବେ। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ବିଫଳ ହେବେନି। ନିର୍ମାଣ, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ବିଛା**
ଆଜି ଚନ୍ଦ୍ରଙ୍କ କୋଣଭାବରେ ବୃହସ୍ପତି ରହିଥିବାରୁ ବିଶିଷ୍ଟବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି କାମ ହାସଲ କରିବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ। ଆର୍ଥିକ ସ୍ଥିତି ପୂର୍ବବତ୍ ଓ ବ୍ୟବସାୟିକ ସ୍ଥିତି ମଧ୍ୟମ ପ୍ରକାର ହୋଇପାରେ।

**ଧନୁ**
ରାଶିରେ ଚତୁଃଗ୍ରହଜନିତ ରାଜଯୋଗ ପ୍ରଭାବରେ ସାମାଜିକ ସ୍ତରରେ ପ୍ରତିଷ୍ଠାର୍ଜନ କରିବେ। ସ୍ଥଗିତ କାମକୁ ପୂରା କରିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଦୀର୍ଘଦିନର ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ।

**ମକର**
ଚତୁର୍ଥାଧିପତି କର୍ମସ୍ଥାନରେ ରହିଥିବାରୁ ପାରିବାରିକ ସହଯୋଗ ନେଇ କାମ ହାସଲ କରିବେ। ସପ୍ତମାଧିପତିଙ୍କ ଶୁଭପ୍ରଭାବରୁ ବ୍ୟବସାୟ ଏବଂ ପ୍ରତିଯୋଗିତାରେ ଶୁଭଫଳ ପାଇବେ। ମକଦ୍ଦମା, କ୍ରୀଡ଼ା, ପବ୍ଲିକେଶନ ତଥା ଆର୍ଥିକ ଦିଗରୁ ସମସ୍ୟା ସମାଧାନ ହେବ। ଆନୁଷ୍ଠାନିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**କୁମ୍ଭ**
ରାହୁଙ୍କ ରାଶ୍ୟାବସ୍ଥାନ କାରଣରୁ ମାନସିକ ଚାପ ବୃଦ୍ଧି ପାଇବାରୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅସୁବିଧା ଭୋଗିବେ। ପରିବାରରେ ବୁଝାମଣା ଠିକ୍ ରହିବା ହେତୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବ।

**ମୀନ**
ସହକର୍ମୀଙ୍କ ସହାନୁଭୂତିରୁ କାମ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ବନ୍ଧୁମିଳନରୁ ଖୁସି ହେବେ। ଦୋକାନ, ନିର୍ମାଣ, ଯାତ୍ରା, ସଭାସମିତି ପ୍ରଭୃତିରୁ ଆଶାନୁରୂପ ଫଳ ପାଇବେ। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ସହିତ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

ଆଜି ଜାନୁଆରୀ ୧୧ ତାରିଖ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ, ମାଘ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ରବିବାର। ରାଶିନକ୍ଷତ୍ର- ଚିତ୍ରା/ତୁଳା, ନବମୀର ପାର୍ବଣ ଶ୍ରାଦ୍ଧ ଦିବସ, ଘ.୦୭।୧୧ ଗତେ ଘ.୦୯।୨୧ ମଧ୍ୟେ, ଘ.୦୧।୧୬ ଗତେ ଘ.୦୩।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୯ ଗତେ ଘ.୦୫।୨୧ ମଧ୍ୟେ ରାହୁକାଳ।

# ସିଲିକନ ଟେକ୍ ଲାବ୍‌କୁ କ୍ଲିନ୍‌ଚିଟ୍ ଦେଇଥିଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୧୦।୧(ତ୍ରିନାଥ ମହାନ୍ତ)

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

**ପୂର୍ବରୁ ଜେଲ ୱାର୍ଡର ଓ ହାଇକୋର୍ଟ ଏଏସ୍ଓ ପରୀକ୍ଷା କରିଥିଲା ଏହି ସଂସ୍ଥା**

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ଗିରଫ ହୋଇଥିବା ସୁରେଶ ନାୟକଙ୍କ ସିଲିକନ୍ ଟେକ୍ ଲାବ୍‌କୁ ବ୍ୟାପକ ଅନୁକମ୍ପା ଦିଆଯାଇଥିବା ଦେଖିବାକୁ ମିଳିଛି। ଏପରିକି ବହୁ ନିଯୁକ୍ତି ଦୁର୍ନୀତିରେ ସିଲିକନର ସମ୍ପୃକ୍ତି ନେଇ ଅଭିଯୋଗ ଉଠୁଥିବାବେଳେ ପୂର୍ବରୁ କ୍ଲିନ୍‌ଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର କ୍ୟାରେକ୍ଟର ସାର୍ଟିଫିକେଟ ପାଇବା ପରେ ପୋଲିସ ଏସ୍ଆଇ ପରୀକ୍ଷା ପରିଚାଳନା କରିଥିଲା ସିଲିକନ ଟେକ ଲାବ୍। ଏପରିକି ସଂସ୍ଥାର ମୁଖ୍ୟ ସୁରେଶ ନାୟକଙ୍କୁ ମଧ କ୍ଲିନ୍‌ଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। ଏବେ ଏହି କ୍ଲିନଚିଟ୍ ସାର୍ଟିଫିକେଟ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ କ୍ରାଇମ୍‌ବ୍ରାଞ୍ଚର ଅସଲ ଚେହେରା ପଦାରେ ପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ଜାଣିଶୁଣି ଜାଲିଆତି ପାଇଁ ସିଲିକନ୍ ଟେକ୍ ଲାବ୍‌କୁ ସୁଯୋଗ ଦେଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ସିଲିକନ ଟେକ୍ ଲାବ ପୂର୍ବରୁ ଜେଲ ୱାର୍ଡର ଓ ହାଇକୋର୍ଟ ଏଏସ୍ଓ ପରୀକ୍ଷା ପରିଚାଳନା କରିଥିବାରୁ ଏଥିରେ ମଧ ବ୍ୟାପକ ଜାଲିଆତି ହୋଇଥିବା ଅନୁମାନ କରାଯାଉଛି। ଏଏସ୍ଓ ପରୀକ୍ଷାରେ ଜାଲିଆତି ହୋଇଥିବା ସନ୍ଦେହ କରି ହାଇକୋର୍ଟ ପରୀକ୍ଷା ବାତିଲ୍ କରିଥିବା ବେଳେ ୱାର୍ଡର ପରୀକ୍ଷା ବାତିଲ କରାଯାଇନାହିଁ। ଏହାକୁ ମଧ ବାତିଲ କରିବାକୁ ଦାବି ହେଉଛି।

ସିବିଆଇର ଚାର୍ଜଶିଟ୍ କହୁଛି, ୨୦୨୫ ମାର୍ଚ୍ଚରୁ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ପାଇଁ ସମସ୍ତ ପ୍ରସ୍ତୁତି ସହ ଆଶାୟୀ ପରୀକ୍ଷାର୍ଥୀଙ୍କଠାରୁ ୨୫ ଲକ୍ଷ ଟଙ୍କା ଲେଖାଏ ଆଦାୟ ହୋଇ ସାରିଥିଲା। ଏହା ପରେ ଅର୍ଥାତ୍ ୨୦୨୫ ଅଗଷ୍ଟ ୪ରେ ହିଁ ସିଲିକନ ଟେକ ଲାବ୍‌କୁ କ୍ଲିନଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। ପ୍ରଥମେ ମାମଲାର ତଦନ୍ତ ଭାର ନେଇଥିବା କ୍ରାଇମ୍‌ବ୍ରାଞ୍ଚର କାର୍ଯ୍ୟଧାରାକୁ ନେଇ ଅଭିଯୋଗ ଉଠିବା ପରେ ମୁଖ୍ୟମନ୍ତ୍ରୀ ମାମଲାର ତଦନ୍ତ ସିବିଆଇ ହାତକୁ ଦେଇଥିଲେ। ସିବିଆଇ ତଦନ୍ତ କରିବା ପରେ ସବୁ ସତ କଥା ପଦାକୁ ଆସିଥିଲା। ପୋଲିସ ଏସ୍ଆଇ ପରୀକ୍ଷା ପାଇଁ ପ୍ରଥମ ନିର୍ଦ୍ଧାରିତ ତାରିଖ ୨୦୨୫ ମାର୍ଚ୍ଚ ୮ ଓ ୯ର ଦୁଇଦିନ ପୂର୍ବରୁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର। ଭୁବନେଶ୍ୱରର ଚନ୍ଦକା ନେଚର ରିସର୍ଟରେ ବୁକ୍ ହୋଇଥିଲା ୨୨ଟି ରୁମ୍ ଏବଂ ୨ଟି କନ୍‌ଫରେନ୍ସ ହଲ୍। ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିର ସହଯୋଗୀ ତଥା ଦଲାଲ ମୁନା ମହାନ୍ତିଙ୍କ ନିର୍ଦ୍ଦେଶରେ ଡ୍ରାଇଭର ଲୋକନାଥ ସାହୁ ଏସବୁକୁ ବୁକ୍ କରିଥିଲେ। ୨ ଦିନିଆ ସ୍କିଲ ଇଣ୍ଡିଆ ଟ୍ରେନିଂ ହେବ କୁହାଯାଇଥିଲା। ମାର୍ଚ୍ଚ ୭ ଦିନ ରିସର୍ଟ ଛାଡିବା ପୂର୍ବରୁ ମୁନା ରିସର୍ଟ ବିଲ୍ ବାବଦକୁ ୨ଲକ୍ଷ ୪୦ହଜାର ଟଙ୍କା ପେମେଣ୍ଟ କରିଥିଲେ। ଦେଢ଼ ଲକ୍ଷ ଟଙ୍କା ନଗଦ ଦେଇଥିବା ବେଳେ ୯୦ ହଜାର ଟଙ୍କା ତାଙ୍କ ମାଙ୍କ ଆକାଉଣ୍ଟରୁ ଦେଇଥିଲେ। ୧୫୦ଜଣ ଚାକିରି ଆଶାୟୀଙ୍କୁ ଉକ୍ତ ରିସର୍ଟରେ ପ୍ରଶ୍ନପତ୍ର ଅଭ୍ୟାସ କରାଯାଇଥିଲା। ମୁନା, ଲୋକନାଥ ଓ ଅନ୍ୟମାନେ ପୋଲିସ ଏସ୍ଆଇ ପରୀକ୍ଷାର ପ୍ରଶ୍ନ ଦେଇଥିଲେ। ହେଲେ ହଠାତ୍ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ପରୀକ୍ଷା ବାତିଲ ହୋଇଯିବାରୁ ସବୁ ଯୋଜନା ଭଣ୍ଡୁର ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଅକ୍ଟୋବର ୪ ଓ ୫ରେ ପୁନଃ ପରୀକ୍ଷା ତାରିଖ ଘୋଷଣା ପରେ ଜାଲିଆତି ଯୋଜନାକୁ ସଫଳ କରିବାକୁ ଲକ୍ଷ୍ୟ ରଖିଥିଲେ ମଧ ଧରାପଡିଯାଇଥିଲେ।

# ଅଙ୍ଗନୱାଡି ସହାୟିକାଙ୍କୁ ଛୁରି ଭୁସି ହତ୍ୟା

କୁଆଁରମୁଣ୍ଡା,୧୦।୧(ମହେନ୍ଦ୍ର କୁମାର ସାହୁ)

**ଅଭିଯୁକ୍ତ ପ୍ରେମିକ ଗିରଫ**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଗିର୍ଜାଟୋଲାର ଜଣେ ଅଙ୍ଗନୱାଡ଼ି ସହାୟିକାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଛୁରି ଭୁସି ହତ୍ୟା କରାଯାଇଛି। ଏହି ଘଟଣାରେ ବୀରମିତ୍ରପୁର ପୋଲିସ ଶନିବାର ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶ୍ରା ଥାନା କେରକେଟା ଅଞ୍ଚଳର ମୁକେଶ କୁଲୁ(୩୭)। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରି ଅନୁସନ୍ଧାନ ଜାରି ରଖିଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (କେସ୍ ନଂ.୧୭/୨୬) ରୁଜୁ ହୋଇଛି। ପ୍ରେମିକାଙ୍କ ଅନ୍ୟତ୍ର ବିବାହକୁ ବିରୋଧକରି ଏପରିକାଣ୍ଡ ଘଟାଇଥିବା ଅଭିଯୁକ୍ତ ପୋଲିସକୁ କହିଛନ୍ତି।

ପୋଲିସ ସୂଚନାନୁଯାୟୀ, ବିଶ୍ରା ଥାନା କେରକେଟା ଅଞ୍ଚଳର ମୁକେଶ ରାଉରକେଲା ଝିରପାନି ଅଞ୍ଚଳରେ ରହୁଥିଲେ। ସେ ଅଙ୍ଗନୱାଡି ସହାୟିକା ଶିଖା ସପ୍ନା କୁଲୁ(୩୬)ଙ୍କୁ ଭଲ ପାଉଥିଲେ। ମାତ୍ର ତାଙ୍କର ଅନ୍ୟତ୍ର ବିବାହ ହେଉଥିବା ଜାଣି ମୁକେଶ ଏହାକୁ ବନ୍ଦ କରିବା ପାଇଁ ଏକ ଚର୍ଚ୍ଚରେ ଅଭିଯୋଗ କରିଥିଲେ। ମାତ୍ର ଉକ୍ତ ଅଭିଯୋଗ ଭିତ୍ତିହୀନ ହୋଇଥିବା ଯୋଗୁ ଉକ୍ତ ଚର୍ଚ୍ଚରେ ଶିଖାଙ୍କ ଆସନ୍ତା ସୋମବାର ଅନ୍ୟ ଜଣେ ଯୁବକଙ୍କ ସହ ବିବାହ ସ୍ଥିର ହୋଇଥିଲା। ଏହି ବିଷୟ ଜାଣି ବିବାହ ପୂର୍ବରୁ ମୁକେଶ ତାଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ମୁକେଶ ଶୁକ୍ରବାର ସନ୍ଧ୍ୟାରେ ଶିଖାଙ୍କ ଘର ନିକଟରେ ବୁଲୁଥିଲେ। ସୁଯୋଗ ପାଇ ଶିଖାଙ୍କୁ ଘର ନିକଟ ଅଳ୍ପ ଦୂରକୁ ଡାକି ନେଇ ହଠାତ୍ ପେଟରେ ଛୁରି ଭୁସି ଦେଇଥିଲେ। ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଶିଖାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ମୁକେଶ ପୂର୍ବରୁ ବିବାହ କରିଥିବା ଜଣାପଡ଼ିଛି।

# ପୋଲିସ କବ୍‌ଜାରେ ୩ ଜଣିଆ ଲୁଟେରା ଗ୍ୟାଙ୍ଗ୍

ବ୍ରହ୍ମପୁର,୧୦।୧
(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ପୋଲିସ ୩ ଜଣିଆ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି। ପୋଲିସ ପ୍ରଥମେ ଟାଉନଥାନା ଅନ୍ତର୍ଗତ ଗେଟ୍‌ବଜାର ଲକ୍ଷ୍ମୀନଗରର ଚିଣ୍ଟୁ ସେଠୀ (୨୮)ଙ୍କୁ ଗିରଫ କରିଥିଲା। ଜେରାବେଳେ ତାଙ୍କ ସୂଚନା ମୁତାବକ ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀ ବିହାରର ଦୀପକ ପଟ୍ଟନାୟକ ଓରଫ ଶିବ (୩୩) ଏବଂ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଚନ୍ଦ୍ରପ୍ରଭା ସାହିର ଆକାଶ ବେହେରା (୩୨)ଙ୍କୁ ଗିରଫ କରାଯାଇଥିଲା। ରାତିରେ ତାଲା ବନ୍ଦ ଘର ଚିହ୍ନଟ କରି ତାଲା ଭାଙ୍ଗି ଏମାନେ ଚୋରି କରୁଥିଲେ। ଏହି ଗ୍ୟାଙ୍ଗ୍ ୨୦୨୪ରୁ ଆରମ୍ଭ କରି ୨୦୨୫ ଡିସେମ୍ବର ଯାଏ ଗୁରୁଣ୍ଟି, ବାଙ୍କିଆପଲି, ଗୌତମ ନଗର, ବୋରିଗାଁ ଓ କୋଣାର୍କ ନଗର ଅଞ୍ଚଳରେ ଏକାଧିକ ଘରେ କଳାକାନା ବୁଲାଇଥିବା ପଚରାଉଚରା ବେଳେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ଚିଣ୍ଟୁଙ୍କଠାରୁ ୪୦ ଗ୍ରାମ ସୁନା ଅଳଙ୍କାର, ୫ଲକ୍ଷ ୧୩ ହଜାର ଟଙ୍କା, ପେନ ଡ୍ରାଇଭ, ସ୍ମାର୍ଟ ୱାଚ ଓ ଆଧାର କାର୍ଡ ଜବତ କରିଛି। ଦୀପକଙ୍କଠାରୁ ୨ ଲକ୍ଷ ୯୨ ହଜାର ୫୦୦ ଟଙ୍କା ଓ ଆକାଶଙ୍କଠାରୁ ୧୮୨.୧୬ ଗ୍ରାମ ସୁନା ଅଳଙ୍କାର, ୨୯୬ ଗ୍ରାମ ରୁପା ୪୫ ହଜାର ଟଙ୍କା ଜବତ ହୋଇଛି। ସେମାନଙ୍କଠାରୁ ମୋଟ ୧୮୨ ଗ୍ରାମ ସୁନା ଅଳଙ୍କାର, ୨୯୬ ଗ୍ରାମ ରୁପା, ୮.୫୦ଲକ୍ଷ ଟଙ୍କା ଜବତ ହୋଇଥିବା ଜଣାପଡିଛି। ଏହାବ୍ୟତୀତ ଏକ ସୁନା ବ୍ରେସ୍‌ଲେଟ ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ଶାଖାରେ ବନ୍ଧକ ରଖାଯାଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ନଂ.୪୦୦/୨୫ରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ମାସ ୨୭/୨୮ ତାରିଖ ରାତିରେ ଲୋଚାପଡ଼ା କୋଣାର୍କ ନଗର ୨ୟ ଲେନ୍‌ରେ ରହୁଥିବା ସୀମାଞ୍ଚଳ ପାତ୍ରଙ୍କ ଘରେ ତାଲା ଭାଙ୍ଗି ଚୋରି ହୋଇଥିଲା। ଏହି ଘଟଣାରେ ଅଭିଯୋଗ କରିଥିବା ରାଜେଶ ପଣ୍ଡାଙ୍କ ଜ୍ୱାଇଁଙ୍କ ଘରୁ ମଧ ସୁନା ଅଳଙ୍କାର, ରୁପା ଓ ନଗଦ ଟଙ୍କା ଚୋରି ହୋଇଥିଲା।

# ଜଙ୍ଗଲରୁ ଶିକାରୀ ଗିରଫ, ୨ ବନ୍ଧୁକ ଜବତ

ଭଞ୍ଜନଗର,୧୦।୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଶୁକ୍ରବାର ରାତିରେ ଶିକାର ଉଦ୍ଦେଶ୍ୟରେ ଖୁରୁଡୁଗୋଛା ଜଙ୍ଗଲରେ ବୁଲୁଥିବା ଜଣେ ଶିକାରୀଙ୍କୁ ତାରସିଂ ପୋଲିସ ଗିରଫ କରିଛି। ସେ ହେଲେ ବିଶ୍ୱନାଥ ବାଗ। ତାଙ୍କଠାରୁ ୨ଟି ବନ୍ଧୁକ ଜବତ ହୋଇଛି। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଶ୍ୱନାଥଙ୍କୁ ଭଞ୍ଜନଗର ଉପଖଣ୍ଡ କାରାଗାରକୁ ପଠାଯାଇଛି। ଖବରରୁ ଜଣାପଡିଛି, ଗତ ଶୁକ୍ରବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ପୂର୍ବରୁ ଶିକାରୀଙ୍କ ଆକ୍ରମଣରେ ମୁଜାଗଡ଼ ରେଞ୍ଜରେ ଗୋଟିଏ ହାତୀର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଶୁକ୍ରବାର ରାତିରେ ଦୁର୍ବୃତ୍ତିତ ସୁଶାନ୍ତ ପ୍ରଧାନଙ୍କ କୃଷି ଫାର୍ମରେ ହାତୀପଲ ପଶି ୭୦୦ ପାମ୍ ଗଛକୁ ନଷ୍ଟ କରିଛନ୍ତି। ଏଥିସହ ଗୋଦାମ ଘରେ ଥିବା ୨୦ରୁ ଊର୍ଦ୍ଧ୍ୱ ମାଛ ଦାନା ପ୍ୟାକେଟକୁ ହାତୀ ବୋହି ନେଇ ପୋଖରୀରେ ପକାଇ ଦେଇଛନ୍ତି। ବନ ବିଭାଗ କର୍ମଚାରୀମାନେ ହାତୀ ଉପଦ୍ରବକୁ ରୋକିବାରେ ବିଫଳ ହେଉଛନ୍ତି ବୋଲି ସୁଶାନ୍ତ ଅଭିଯୋଗ କରିଛନ୍ତି ।

# ଆନ୍ତଃଜିଲା ସୁନାଚେନ୍ ଲୁଟେରା ଗିରଫ

**୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଜବତ**

ଢେଙ୍କାନାଳ,୧୦।୧(ରତନ ନାୟାର)



ଗିରଫ ଲୁଟେରା ଓ ଟାଉନ ଥାନା ପରିସରରେ ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ।

ଢେଙ୍କାନାଳ ଟାଉନ ପୋଲିସ ଶନିବାର ଅନ୍ତଃଜିଲା ସୁନାଚେନ ଲୁଟେରା ପ୍ରଭାତ ମହାକୁଳ(୫୦)ଙ୍କୁ ଗିରଫ କରିଛି। ତାଙ୍କଠାରୁ ୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଅପରାହ୍ନ ୪ଟାରେ ଟାଉନ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ଦୋରା କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ଆଳି ଥାନା ବାଟିପଡ଼ା ଗ୍ରାମର ପ୍ରଭାତ ମହାକୁଳ କଟକ ସଦର ଥାନା ବେହେରା ସାହିରେ ଏକ ଭଡ଼ାଘରେ ରହୁଥିଲେ। ସେ ବାଇକ୍ ଯୋଗେ ରାଜ୍ୟର ବିଭିନ୍ନ ଜିଲାକୁ ଯାଇ ଏକାକି ରାସ୍ତାରେ ଯାଉଥିବା ମହିଳାମାନଙ୍କ ବେକରୁ ସୁନାଚେନ୍ ଲୁଟ୍ କରୁଥିଲେ। ଗତ ୨୨ ଅକ୍ଟୋବରରେ ଢେଙ୍କାନାଳ ସହରର ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟିଥିଲେ। ଏ ସଂକ୍ରାନ୍ତରେ ଢେଙ୍କାନାଳ ଟାଉନ ଥାନାରେ ସେହି ସମୟରେ ନଂ. ୭୭୯/୨୫ରେ ମାମଲା ରୁଜୁ କରାଯାଇଥିଲା। ଟାଉନ ଥାନା ପୋଲିସ ଏହାର ତଦନ୍ତ କରି କଟକ ସଦର ଥାନା ବେହେରା ସାହିରୁ ପ୍ରଭାତଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ଲୁଟ୍ ଅଳଙ୍କାର ଜବତ କରିଥିଲା। ଲୁଟ୍ ଅଳଙ୍କାର ମଧ୍ୟରେ ୧୪ ଗ୍ରାମର ୨ଟି ସୁନା ମଙ୍ଗଳସୂତ୍ର, ୪୪ ଗ୍ରାମର ୪ଟି ସୁନାଚେନ୍, ୬ ଗ୍ରାମର ସୁନା କାନଫୁଲ ଏବଂ ବାଇକ୍ (ଓଡ଼ି.୦୫-ଏଏସ୍-୬୪୫୨) ରହିଛି। ପ୍ରଭାତଙ୍କ ନାମରେ କଟକ ମଧୁପାଟଣା ଥାନା ଓ ମାଲଗୋଦାମ ଥାନାରେ ୨ଟି ମାମଲା ରହିଥିବା ବେଳେ ଉକ୍ତ ମାମଲାରେ ସେ ଗିରଫ ହୋଇ ଜେଲ୍ ମଧ ଯାଇଥିଲେ ବୋଲି ଏସ୍‌ଡିପିଓ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ଏସ୍ଆଇ ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ଖବର**

# ପିଲା ସ୍କୁଲ ନ ଆସିଲେ ଘରକୁ ଯିବେ ଶିକ୍ଷକ

**ଛାତ୍ରୀଛାତ୍ର ୭ ଦିନ ବିଦ୍ୟାଳୟକୁ ନ ଆସିଲେ ଅନୁପସ୍ଥିତିର କାରଣ ଜାଣିବା ସହ ସ୍କୁଲକୁ ଫେରାଇ ଆଣିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ଘରକୁ ଯିବେ। ଓଡ଼ିଶାର ସ୍କୁଲଗୁଡ଼ିକରେ ଡ୍ରପ୍ ଆଉଟ୍ ହ୍ରାସ ଓ ଶିଶୁ ଶିକ୍ଷା ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଏଭଳି ପଦକ୍ଷେପ ନେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଇଇ) ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜାନୁଆରୀ ୮ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଉପସ୍ଥାନ କମ୍ ରହୁଥିବା ସ୍କୁଲଗୁଡ଼ିକର ଶିକ୍ଷକ ପିଲାଙ୍କ ଘରକୁ ଯାଇ ବୁଝାଶୁଝା କରିବା ସହ ପାଠପଢ଼ା ଜାରି ଦିଗରେ ପଦକ୍ଷେପ ନେବେ। ରାଜ୍ୟରେ ୨୦୨୨-୨୩ ଶିକ୍ଷାବର୍ଷରେ ପ୍ରାଥମିକରୁ ଉଚ୍ଚ ପ୍ରାଥମିକ ଶିକ୍ଷାକୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ହାର ଜାତୀୟ ହାରଠାରୁ କମ୍ ରହିଥିବା ନେଇ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ନିଜ ରିପୋର୍ଟରେ ଦର୍ଶାଇଥିଲେ, ଯାହାକି ୨୦୨୫ ଡିସେମ୍ବର ୯ରେ ବିଧାନସଭାରେ ଉପସ୍ଥାପିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଓଏସ୍‌ସିପିସିଆର୍) ପକ୍ଷରୁ ଡିଡିଇକୁ ପରାମର୍ଶ ଦିଆଯାଇଥିଲା।**

ଯାଜପୁର,୧୦।୧(ହର୍ଷବର୍ଦ୍ଧନ ବେହେରା)

ବହୁଳ ପ୍ରସାରିତ ସର୍ବଶିକ୍ଷା ଅଭିଯାନ ଯାଜପୁର ସମେତ କେତେକ ଜିଲାର ଗ୍ରାମାଞ୍ଚଳରେ ବିଫଳ ହୋଇଆସୁଛି। ଫଳରେ ୩ୟ ଶ୍ରେଣୀରୁ ଡ୍ରପଆଉଟ୍ ଆରମ୍ଭ ହେବା ସହ ଶିଶୁ ଶ୍ରମିକ, ବାଲ୍ୟବିବାହ ସଂଖ୍ୟା ବଢ଼ିବାରେ ଲାଗିଛି। ଏହିକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆୟୋଗଙ୍କ ଉକ୍ତ ନିର୍ଦ୍ଦେଶ ଉପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ)ଙ୍କ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ୮।୧।୨୦୨୬ରେ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ସ୍କୁଲରେ ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରମାନଙ୍କ ଘର ପରିଦର୍ଶନ କରି ସେମାନଙ୍କ ଅଭିଭାବକମାନଙ୍କୁ ଶିଶୁ ସୁରକ୍ଷା ଅଧିକାର ଉପରେ ସଚେତନ କରିବାକୁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ସମସ୍ତ ଜିଲାପାଳଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ସ୍କୁଲ ଯାଉଥିବା ପିଲାମାନଙ୍କ ଦୀର୍ଘକାଳୀନ ଅନୁପସ୍ଥିତି ବୃଦ୍ଧି ପାଉଥିବା ଚିନ୍ତାର କାରଣ ହୋଇଛି। ଶିକ୍ଷା ଅଧିକାର ଆଇନ-୨୦୦୯ର ଧାରା ୮ ଏବଂ ଧାରା ୯ ଅନୁଯାୟୀ ପ୍ରତ୍ୟେକ ପିଲାର ପ୍ରାଥମିକ ଶିକ୍ଷାରେ ପ୍ରବେଶ, ଉପସ୍ଥାନ ଏବଂ ସମାପ୍ତି ସୁନିଶ୍ଚିତ କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଭାଗୀୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ସୁନିଶ୍ଚିତ ହେବା ଆବଶ୍ୟକ। ଦୀର୍ଘ ସମୟ ଧରି ସ୍କୁଲରେ ଛାତ୍ରୀଛାତ୍ରଙ୍କ ନିରନ୍ତର ଅନୁପସ୍ଥିତି ପ୍ରାୟତଃ ଶିଶୁମାନଙ୍କୁ ଶିଶୁ ଶ୍ରମିକ, ବାଲ୍ୟବିବାହ ଏବଂ ଶିକ୍ଷା ବ୍ୟବସ୍ଥାରୁ ସ୍ଥାୟୀ ଭାବରେ ବାଦ୍ ପଡ଼ିବା ଭଳି ଗମ୍ଭୀର ବିପଦର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସମସ୍ତ ସରକାରୀ ଏବଂ ସରକାରୀ ସହାୟତାପ୍ରାପ୍ତ ସ୍କୁଲଗୁଡ଼ିକରେ ଯଦି ଜଣେ ଛାତ୍ର ଏକ ସପ୍ତାହ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଅନୁପସ୍ଥିତ ରହିଲେ, ତାଙ୍କ ଘରକୁ ପରିଦର୍ଶନ ବାଧ୍ୟତାମୂଳକ କରାଯାଉ। ଡ୍ରପ୍‌ଆଉଟ୍ ନିବାରଣ ପାଇଁ ପିତାମାତା/ଅଭିଭାବକଙ୍କ ସହିତ ସିଧାସଳଖ ଆଲୋଚନା କରାଗଲେ ସେମାନଙ୍କ ସାମାଜିକ, ଅର୍ଥନୈତିକ କିମ୍ବା ଅନ୍ୟାନ୍ୟ ପ୍ରତିବନ୍ଧକଗୁଡ଼ିକୁ ଦୂର କରାଯାଇପାରିବ। ଫଳରେ ପିଲାମାନଙ୍କୁ ପୁନଃ ନାମଲେଖନ ଏବଂ ବିଦ୍ୟାଳୟରେ ପାଠପଢ଼ା ଜାରିରଖାଯିବା ସହଜ ହେବ। ସେହିପରି ଛାତ୍ରୀମାନଙ୍କ ଦୀର୍ଘକାଳୀନ ଅନୁପସ୍ଥିତି ବାଲ୍ୟବିବାହ ସମ୍ଭାବନାକୁ ସୂଚାଇପାରେ। ଏଥିପାଇଁ ସମ୍ପୃକ୍ତ ପରିବାରକୁ ପରାମର୍ଶ ଦେବା ଏବଂ କର୍ତ୍ତୃପକ୍ଷଙ୍କୁ ସତର୍କ କରିବା ପାଇଁ ଗୃହ ପରିଦର୍ଶନ ଏକ ସମାଧାନର ବାଟ ଦେଖାଇବ। ଗୃହ ପରିଦର୍ଶନ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଠିକ୍ ରେକର୍ଡ ରଖିବା ଏବଂ ଆବଶ୍ୟକସ୍ଥଳେ ଶ୍ରମ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ପଞ୍ଚାୟତିରାଜ ପ୍ରତିଷ୍ଠାନ ଓ ଶିଶୁ ସୁରକ୍ଷା ୟୁନିଟ ସହିତ ସମନ୍ୱୟ ରଖିବାକୁ ଆୟୋଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଥାଉ କି, ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ଡ୍ରପଆଉଟ ସଂଖ୍ୟା ବୃଦ୍ଧି ଉଦ୍‌ବେଗଜନକ ହୋଇଛି। ସୂଚନା ଅନୁସାରେ ପ୍ରତିବର୍ଷ ୩ୟରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫରମେସନ ସିଷ୍ଟମ୍ ଫର୍ ଏଜୁକେସନ (ୟୁଡିଆଇଏସ୍‌ଇ) ରିପୋର୍ଟ ଅନୁଯାୟୀ ୨୦୨୨-୨୩ରେ ଯାଜପୁର ଜିଲାରେ ୩ୟ ଶ୍ରେଣୀ ପରେ ୫୬୭, ୪ର୍ଥ ଶ୍ରେଣୀ ପରେ ୪୪୩, ୫ମ ଶ୍ରେଣୀ ପରେ ୭୭୨, ୬ଷ୍ଠ ଶ୍ରେଣୀ ପରେ ୭୧୫, ୭ମ ଶ୍ରେଣୀ ପରେ ୯୯୧, ୮ମ ଶ୍ରେଣୀ ପରେ ୧୩୭୧, ୯ମ ଶ୍ରେଣୀ ପରେ ୨୨୦୭ ଛାତ୍ରୀଛାତ୍ର ଡ୍ରପଆଉଟ୍ ହୋଇଥିଲେ।

# 'ମଜଭୁତ ସଂଯୋଗ, ଦୃଢ଼ ଭବିଷ୍ୟତ'

**ଆଜି ଜାତୀୟ ମାନବ ଚାଲାଣ ସଚେତନତା ଦିବସ**

ପ୍ରତିବର୍ଷ ଜାନୁଆରୀ ୧୧ରେ ପାଳନ ହୋଇଆସୁଛି ଜାତୀୟ ମାନବ ଚାଲାଣ ସଚେତନତା ଦିବସ। ଏହା ଆଧୁନିକ ଦାସତ୍ୱର ପ୍ରଚଳନ ବିଷୟରେ ସଚେତନତା ସୃଷ୍ଟି କରିବା, ଲୋକଙ୍କ ଅଧିକାର ପାଇଁ ସମର୍ଥନ କରିବା ଏବଂ ସମସ୍ତ ପ୍ରକାରର ମାନବ ଚାଲାଣକୁ ପ୍ରତିରୋଧ ତଥା ନିରାକରଣ ଲାଗି କାର୍ଯ୍ୟ କରିବାର ଏକ ଦିବସ।



୨୦୦୭ ମସିହାରେ ଆମେରିକା ସିନେଟ ଦ୍ୱାରା ପ୍ରତିବର୍ଷ ଜାନୁଆରୀ ୧୧ ତାରିଖରେ ଜାତୀୟ ମାନବ ଚାଲାଣ ସଚେତନତା ଦିବସ ପାଳନ କରାଯାଇଆସୁଛି। ଏଥିସହ ପ୍ରତିବର୍ଷ ଜାନୁଆରୀ ମାସକୁ ଜାତୀୟ ମାନବ ଚାଲାଣ ସଚେତନତା ମାସ ଭାବରେ ମଧ ମାନ୍ୟତା ଦିଆଯାଇଛି, ଏହି ପରମ୍ପରା ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଓବାମା ୨୦୧୦ ମସିହାରେ ଆରମ୍ଭ କରିଥିଲେ। ଚଳିତବର୍ଷ ଜାତୀୟ ମାନବ ଚାଲାଣ ସଚେତନତା ଦିବସ ଏବଂ ନିବାରଣ ମାସର ବିଷୟବସ୍ତୁ ରହିଛି 'ମଜଭୁତ ସଂଯୋଗ, ଦୃଢ଼ ଭବିଷ୍ୟତ'।

# ନୀତିବାଦୀ ରାଜନୀତିର ପ୍ରତୀକ

**ଲାଲବାହାଦୁର ଶାସ୍ତ୍ରୀଙ୍କ ପୁଣ୍ୟତିଥି**



ଲାଲବାହାଦୁର ଶାସ୍ତ୍ରୀ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ। ନୀତିବାଦୀ ରାଜନୀତିର ସେ ମହାନ୍ ପ୍ରତୀକ ଥିଲେ। ତାଙ୍କର ପୁଣ୍ୟତିଥି କେବଳ ଏକ ତାରିଖ ନୁହେଁ, ବରଂ ଏହା ସ୍ମରଣ କରାଏ ଯେ କ୍ଷମତା ସେବା ପାଇଁ, କିନ୍ତୁ ସୁବିଧା ପାଇଁ ନୁହେଁ। ଶାସ୍ତ୍ରୀଜୀଙ୍କ ପୁଣ୍ୟତିଥି ଜାନୁଆରୀ ୧୧ରେ ପାଳନ କରାଯାଉଛି।

ଲାଲବାହାଦୁରଙ୍କ ଜୀବନ ଦର୍ଶାଏ ଯେ, ମହାନ୍ ହେବା ପାଇଁ ଉଚ୍ଚ ସ୍ୱର ନୁହେଁ ବରଂ ଉଚ୍ଚ ଚରିତ୍ର ଆବଶ୍ୟକ। ପ୍ରଧାନମନ୍ତ୍ରୀ ଭାବରେ ମଧ ସେ ଦ୍ୱିତୀୟ ଶ୍ରେଣୀର ଟ୍ରେନ ଯାତ୍ରାକୁ ଅପମାନ ବୋଲି ବିଚାର କରିନଥିଲେ।

୧୯୬୫ ଯୁଦ୍ଧ ଏବଂ ଖାଦ୍ୟ ସଙ୍କଟ ସମୟରେ ଦିଆଯାଇଥିବା 'ଜୟ ଯବାନ, ଜୟ କିଷାନ' ସ୍ଲୋଗାନ ଆଜି ମଧ ଭାରତର ଆତ୍ମା ଅଟେ। ଶାସ୍ତ୍ରୀ ଜାଣିଥିଲେ ଯେ, ଦେଶର ପ୍ରତିରକ୍ଷା ବନ୍ଧୁକ ଦ୍ୱାରା ହାସଲ କରାଯାଏ ଏବଂ ଦେଶର କ୍ଷୁଧା ଲଙ୍ଗଳ ଦ୍ୱାରା ଦୂର କରାଯାଏ। ଏହି ସ୍ଲୋଗାନ ଭାରତର ମେରୁଦଣ୍ଡ: ସୈନିକ ଏବଂ କୃଷକଙ୍କ ପ୍ରତି ସମ୍ମାନର ଏକ ଐତିହାସିକ ଘୋଷଣା ଥିଲା। ୧୯୦୪ ମସିହାରେ ଉତ୍ତର ପ୍ରଦେଶର ମୁଗଲସରାଇରେ ଜନ୍ମିତ ଶାସ୍ତ୍ରୀଜୀଙ୍କୁ ନିଷ୍ଠା, କର୍ମପ୍ରାଣତା ତଥା ଉତ୍ସର୍ଗୀକୃତ ମନୋଭାବ ପ୍ରଧାନମନ୍ତ୍ରୀ ଆସନରେ ବସାଇଥିଲା।

୧୯୬୬ ଜାନୁଆରୀ ୧୦ରେ ତାସକେଣ୍ଟଠାରେ ତାଙ୍କର ମୃତ୍ୟୁ ଏବେବି ପ୍ରଶ୍ନଘେରରେ ରହିଛି। ଶାସ୍ତ୍ରୀଜୀଙ୍କର ଶକ୍ତି ନୈତିକସାହସରେ ନିହିତ ଥିଲା। ନିଷ୍ପତ୍ତିନେବା ସମୟରେ ସେ ଲୋକପ୍ରିୟତା ଅପେକ୍ଷା ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିଲେ।

# ୨୬ ଗୋରୁ, ଜଣେ ମୃତ

**ଓଲଟିଲା ଗୋରୁ ବୋଝେଇ କଣ୍ଟେନର**

ମାଧପୁର,୧୦।୧(ମନୋଜ କୁମାର ପ୍ରଧାନ)


ଓଲଟି ପଡ଼ିଥିବା ଗୋରୁ ବୋଝେଇ କଣ୍ଟେନର।

ରାଞ୍ଚି-ବିଜୟୱାଡା ରାଜପଥର ଅନୁଗୋଳ ଜିଲା କିଆକଟା ଥାନା ପନ୍ଥେଇ ନିକଟରେ ଶନିବାର ସକାଳେ ଏକ ଗୋରୁ ବୋଝେଇ କଣ୍ଟେନର ଓଲଟି ପଡ଼ିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ସହ ପ୍ରାୟ ୨୬ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ୯ ଗୋରୁଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। କିଆକଟା ଥାନା ଆଇଆଇସି ଅନୁପ କୁମାର ତିର୍କୀଙ୍କ କହିବା ଅନୁଯାୟୀ, ବୌଦ୍ଧ ଦିଗରୁ ରେଢ଼ାଖୋଲ ଆଡ଼କୁ ଗାଡ଼ିଟି ଯାଉଥିବା ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଯୁବକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲା। ବୌଦ୍ଧ ଅଗ୍ନିଶମ ବାହିନୀ ଓ ପ୍ରାଣୀସମ୍ପଦ ବିଭାଗ କର୍ମଚାରୀମାନେ ପହଞ୍ଚି ସହଯୋଗ କରିଥିଲେ। ବୌଦ୍ଧ ପୋଲିସ, ଆଠମଲ୍ଲିକ ପୋଲିସ, ହଣ୍ଡପା ପୋଲିସ, କିଶୋରନଗର ପୋଲିସ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ସହକାରୀ ଉପଜିଲାପାଳ ପାର୍ଥ ସାରଥୀ ବିଶ୍ୱାଳ, ସୌମ୍ୟରଞ୍ଜନ ସେଠୀ, ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତଉଡ଼ିଆ ପହଞ୍ଚି ଦଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଗାଡ଼ିକୁ ଜବତ କରିଛି। ମୃତବ୍ୟକ୍ତିଙ୍କ ପରିଚୟ ମିଳିପାରିନି ବୋଲି କିଆକଟା ଆଇଆଇସି କହିଛନ୍ତି।



ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ

# ହସ୍ତକ୍ଷେପରୁ କ୍ଷତି



ଆକାର ପଟେଲ

ଆମେରିକା ବିଷୟରେ ପ୍ରଶଂସା କରିବା ପାଇଁ ବହୁତ କିଛି ଅଛି ଏବଂ ଘୃଣା କରିବା ସକାଶେ ମଧ୍ୟ ଅନେକ କିଛି ରହିଛି। ସର୍ବାଧିକ ପ୍ରଶଂସା କରିବାର ବିଷୟ ହେଉଛି ଏହା ବିଶ୍ୱର ଅନେକ ପ୍ରତିଭାବାନ୍ ଲୋକଙ୍କୁ ଆକର୍ଷିତ କରି ସେମାନଙ୍କୁ ନିଜ ଦେଶକୁ ଆସିବା ପାଇଁ ଆମନ୍ତ୍ରଣ କରିଥାଏ। ଆମେରିକାର ଜନସଂଖ୍ୟାର ପ୍ରାୟ ୧୫% ବିଦେଶୀ, ଯେଉଁଥିରେ ୫୦ ଲକ୍ଷ ଭାରତୀୟ ଅଛନ୍ତି ଏବଂ ଏହା ପ୍ରକୃତରେ ଏକ ବଡ଼ ସମ୍ପତ୍ତି। ଭାରତ ଏହାର ପିଲାଙ୍କୁ ଲାଳନପାଳନ କରିବା ଏବଂ ଶିକ୍ଷାଦେବା, ଖାଇବାକୁ ଦେବା, ଆଶ୍ରୟ ଦେବା, ପୋଷାକ ଦେବାରେ ସମ୍ବଳ ଖର୍ଚ୍ଚ କରେ। ପିଲାଟି ଭାରତର ସର୍ବୋତ୍ତମ ରାଷ୍ଟ୍ରାୟତ୍ତ ପ୍ରତିଷ୍ଠାନଗୁଡ଼ିକୁ ଯାଇଥାଏ। ହେଲେ ୨୦ରୁ ୩୦ ବର୍ଷ ବୟସ ମଧ୍ୟରେ ସ୍ଥାୟୀ ଭାବରେ ଆମେରିକା ଚାଲିଯାଏ। ମାଇକ୍ରୋସଫ୍ଟ, ଗୁଗଲ ଏବଂ ଟେସ୍‌ଲା ଭଳି ଆମେରିକୀୟ କର୍ପୋରେଶନ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ବିଦେଶରୁ ଆସୁଥିବା ଏପରି ପ୍ରତିଭାଙ୍କ କର୍ମଶକ୍ତିରୁ ଲାଭ ପାଆନ୍ତି। ସମସ୍ତ ନିବେଶ ଏଠାରେ କରାଯାଇଥିଲା ; ହେଲେ ନିବେଶର ଲାଭ ସେଠାରେ ପୂରଣ ହେଲା। ଅନ୍ୟଙ୍କୁ ନିଜ ଦେଶକୁ ଆକର୍ଷିତ କରି ନେବା ଭଳି ଆମେରିକା ଦକ୍ଷତାକୁ କିଛି ମାତ୍ରାରେ ୟୁରୋପରେ ଅନୁକରଣ କରାଯାଇଛି, କିନ୍ତୁ ଏହା ଚାଇନା କିମ୍ବା ଭାରତରେ ନାହିଁ। ଆମେ ନା ବାହ୍ୟ ପ୍ରତିଭାକୁ ଆକର୍ଷିତ କରୁ ନା ଚାହୁଁ। ହେଲେ ଏଭଳି ଧାରାକୁ ଏବେ ଆମେରିକା ଶେଷ କରିବାକୁ ଯାଉଛି ଏବଂ ଏଥିପାଇଁ ଏତେ ଆଗ୍ରହୀ ଯେ ଆଇସିଇ ଉଗ୍ରବାଦୀଙ୍କ ପ୍ରବାସୀ ନାଗରିକଙ୍କ ଉପରେ ହେଉଥିବା ଆକ୍ରମଣ ଓ ହତ୍ୟା ଘଟଣାକୁ ଠିକ୍ ମନେକରିଛି। ଯେଉଁମାନେ ଆମେରିକାକୁ ପ୍ରଶଂସା କରୁଥିଲେ ସେମାନେ ଏଭଳି ଆଶା କରି ନ ଥିଲେ। ଅନ୍ୟପକ୍ଷରେ, ଯେଉଁମାନେ ବିଶ୍ୱରେ ଯୁକ୍ତରାଷ୍ଟ୍ରର ଆଚରଣ ବିଷୟରେ ଅବଗତ, ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ଆମେରିକାକୁ ଘୃଣା କରିବା ପାଇଁ ସେମାନଙ୍କ ପାଖରେ ଅନେକ କିଛି ଅଛି। ଏସିଆ, ଆଫ୍ରିକା, ଲାଟିନ ଆମେରିକା ଏବଂ ୟୁରୋପରେ ଆମେରିକାର ସୀମାହୀନ ହସ୍ତକ୍ଷେପ ଅନେକ ଲକ୍ଷ ଲୋକଙ୍କୁ କ୍ଷତି ପହଞ୍ଚାଇଛି। ୧୯୫୦ ଦଶକର କୋରିଆ ଯୁଦ୍ଧଠାରୁ ଆରମ୍ଭ କରି ୧୯୯୦ ଦଶକର ସର୍ବିଆ ଯୁଦ୍ଧ ଏବଂ ତା'ପରେ ୯/୧୧ ପରବର୍ତ୍ତୀ ପଦକ୍ଷେପରେ ଏହା ଦେଖାଯାଇଛି। ମୋ ମତରେ, ପ୍ରଥମ ଥର ପାଇଁ ଆମେରିକା ଏପରି ଏକ ଉପାୟ ଆପଣାଉଛି, ଯାହା ପ୍ରଶଂସାଯୋଗ୍ୟ ବିଷୟକୁ ନଷ୍ଟ କରିବା ସହ ଘୃଣା ବିଷୟକୁ ଦ୍ୱିଗୁଣିତ କରୁଛି। ଆମେରିକାକୁ ପ୍ରବାସୀଙ୍କ ପ୍ରବେଶ ବନ୍ଦ କରି ନିଜର କ୍ଷତି କରୁଛି। ଭାରତ ହେଉଛି ସର୍ବାଧିକ ଏଚ୍‌୧ବି ଭିଜା ହିତାଧିକାରୀଙ୍କ ଦେଶ ଏବଂ ମୋଟ ଭିଜାର ପ୍ରାୟ ଦୁଇ ତୃତୀୟାଂଶ। ଏହା ସତ୍ୟ ଯେ, ଏହି ବ୍ୟକ୍ତିମାନେ ଭାରତରେ ରହିବାକୁ ଚାହାନ୍ତି ନାହିଁ ଏବଂ ଅନୁମତି ମିଳିଲେ ଆମେରିକା ଚାଲିଯିବାକୁ ପସନ୍ଦ କରନ୍ତି। ସେମାନେ କର୍ମଶକ୍ତିର ମାନ ବଢ଼ାନ୍ତି। ସେହିପରି ଯେଉଁମାନେ ଅବୈଧ କାଗଜପତ୍ରରେ ଆମେରିକାକୁ ଆସୁଛନ୍ତି, ସେମାନେ ମଧ୍ୟ ନିଜକୁ ଅଧିକ ଉତ୍ପାଦନକ୍ଷମ ଦର୍ଶାଇବାକୁ ଚାହାନ୍ତି। ଏବେ ସେମାନଙ୍କୁ ବାହାର କରାଯିବା ଏବଂ ଅନ୍ୟମାନଙ୍କ ପ୍ରବେଶରେ କଟକଣା ଲଗାଯିବା ଭଳି ପଦକ୍ଷେପ ଆମେରିକାକୁ ନକାରାତ୍ମକ ଭାବରେ ପ୍ରଭାବିତ କରିଛି ଓ ତାହା ଆଗକୁ ଜାରି ରହିବ। ଗତବର୍ଷ ଆମେରିକାରେ ବେରୋଜଗାର ଅଧିକ ଖରାପ ହେବାରୁ ପ୍ରବାସୀଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଛି। କାରଣ ଶ୍ରମିକ ବିରୋଧୀ କାର୍ଯ୍ୟ ଯୋଗୁ ଏହି ବୃହତ୍ ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଫଳରେ ଯାହା ପ୍ରଶଂସାଯୋଗ୍ୟ ଥିଲା ତାହା ନଷ୍ଟ ହୋଇଯାଇଛି।

ଅପରପକ୍ଷରେ ବିଦେଶରେ ହିଂସାକୁ ଦେଖିଲେ ଯୁକ୍ତରାଷ୍ଟ୍ର ଏପରି ଏକ ପଥ ଅନୁସରଣ କରୁଛି, ଯେଉଁଥିରେ ଏହାର ସାମ୍ରାଜ୍ୟବାଦୀ ପ୍ରବୃତ୍ତି ଜାରି ରହିଥିବା ସ୍ପଷ୍ଟ ହେଉଛି। ଏବେ ଏକ ନୂଆ ଘଟଣା କ୍ରମେ ଭେନେଜୁଏଲା ଉପରେ ଆକ୍ରମଣ କରି ସେଠାକାର ରାଷ୍ଟ୍ରପତି ଓ ତାଙ୍କ ସ୍ତ୍ରୀଙ୍କୁ ଅପହରଣ କରି ଆଣିବା ଏବଂ ଏହାର ତୈଳଭଣ୍ଡାର ହସ୍ତାନ୍ତର ପାଇଁ ମୂଲ୍ୟହୀନ ଦାବିରେ ଆମେ ସାମ୍ରାଜ୍ୟବାଦ ଦେଖିପାରୁଛୁ। ଇରାନ ଉପରେ ବୋମାମାଡ଼ ଏବଂ ଇସ୍ରାଏଲକୁ ଏହାର ସମସ୍ତ ପଡ଼ୋଶୀ ଉପରେ ଆକ୍ରମଣ କରିବାକୁ ସହାୟତା ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଏକ ସାଧାରଣ ଧାରା ଭଳି ମନେହେଉଛି। ଟ୍ରମ୍ପଙ୍କଠାରେ ଏବେ ଏକ ନୂଆ କ୍ରୂର ସ୍ୱଭାବ ଦେଖାଯାଉଛି, ଯେଉଁଥିରେ ସେ ତାଙ୍କ ମିତ୍ରଙ୍କ ସହ ଶତ୍ରୁତା କରୁଛନ୍ତି। ସେ କାନାଡା, ଗ୍ରୀନ୍‌ଲ୍ୟାଣ୍ଡ ଓ ପାନାମା କେନାଲ ଚାହୁଁଛନ୍ତି। ଆମେରିକା ସହିତ ଭାଇଚାରାରେ ଥିବା ଗରିବ ୟୁରୋପୀୟମାନେ ଏବେ ଭୟଭୀତ ଏବଂ କିପରି ପ୍ରତିକ୍ରିୟା ଦେବେ ତାହା ଜାଣିପାରୁ ନାହାନ୍ତି। ସେମାନେ ନିକଟତର ବୋଲି ପ୍ରଦର୍ଶନ କରିଛନ୍ତି କିନ୍ତୁ ଯଦି ଟ୍ରମ୍ପ ତାଙ୍କ ସେନାକୁ ଗ୍ରୀନ୍‌ଲ୍ୟାଣ୍ଡ ପଠାନ୍ତି, ତେବେ ସେମାନେ ସାହାଯ୍ୟ କରି ନ ପାରନ୍ତି। ସୁରକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ଆମେରିକାର ଅଂଶୀଦାର ହେବାକୁ ଆସିଥିବା ଏବଂ ଦଶନ୍ଧି ଧରି ସହଯୋଗୀ ଥିବା ଜାପାନ ଏବଂ କୋରିଆ ବାଣିଜ୍ୟ ଚୁକ୍ତିରେ ଠକାମିର ଶିକାର ହେଉଥିବା ଅନୁଭବ କରୁଛନ୍ତି। ବିଶେଷକରି ଭାରତ ମଧ୍ୟ ଝଟ୍‌କା ଖାଇଛି। ଆମ ସରକାର ଟ୍ରମ୍ପଙ୍କ ସହ ଯେଉଁ ଅପାରଗତା ଏବଂ ସମ୍ପୂର୍ଣ୍ଣ ସରଳତାର ସହିତ ଯୋଗାଯୋଗ କରିଥିଲେ, ତାହା ଉପରେ ଆମେ ଅନ୍ୟ ଏକ ଦିନରେ ଆଲୋଚନା କରିପାରିବା। ହେଲେ ଆଜି ଆମେ ଆମେରିକା ନିଜ ପାଇଁ କ'ଣ କରୁଛି ତାହା ସାମ୍ନାକୁ ଆଣୁଛୁ। ଅତୀତର ବୃହତ୍ ସାମ୍ରାଜ୍ୟଗୁଡ଼ିକ ଦୀର୍ଘ ସମୟ ମଧ୍ୟରେ ଦୁର୍ବଳ ହୋଇଯାଇଛି। ରୋମର ଅଧୋଗତି ପାଇଁ ଅନେକ ଶତାବ୍ଦୀ ଲାଗି ଯାଇଥିଲା। କିନ୍ତୁ ଆଧୁନିକ ଯୁଗରେ ଅଧୋଗତି ଦ୍ରୁତଗତିରେ ଘଟୁଛି। ୧୯୧୧ରେ ବ୍ରିଟେନ କ୍ଷମତାରେ ଅଧିକ କ୍ଷତି ସହିବା ସହ ଯୁଦ୍ଧ ପରେ ୧୯୪୫ରେ ଗମ୍ଭୀର ସଙ୍କଟରେ ପଡ଼ିଗଲେ। ସୋଭିଏଟ୍ ସଂଘ କିଛି ସପ୍ତାହ ମଧ୍ୟରେ ଅଦୃଶ୍ୟ ହୋଇଗଲା। ହେଲେ ଏହି ବୃହତ୍ ଶକ୍ତିଗୁଡ଼ିକ ମଧ୍ୟରୁ କେହି ନିଜର ଏତେ କ୍ଷତି କରୁ ନ ଥିଲେ, ଯାହା ଏବେ ଆମେରିକା କରୁଛି। ଟ୍ରମ୍ପ ଆମେରିକାରେ ଏତେ ପରିମାଣରେ ଘୃଣାରେ ବାହ୍ୟ ପ୍ରତିଭାକୁ ଅବମାନନା ତଥା ପ୍ରତ୍ୟାଖ୍ୟାନ କରୁଛନ୍ତି ଯେ, ବିଶ୍ୱ ଉପରେ ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ଆମେରିକା ନିଜେ ପ୍ରସ୍ତୁତ କରିଥିବା 'ନିୟମ-ଆଧାରିତ କ୍ରମ' ବ୍ୟବସ୍ଥାକୁ ଭାଙ୍ଗି ଦେଉଛନ୍ତି। ସେ ଯାହା କରିଛନ୍ତି ଏବଂ କରୁଛନ୍ତି ତାହା ଆମେରିକାକୁ ଦୀର୍ଘକାଳୀନ କ୍ଷତି ପହଞ୍ଚାଇଛି।

Email:aakar.patel@gmail.com

# ଯେତେ ବିଜ୍ଞ ସେତେ ଅଜ୍ଞ



ଡ. ମନୋଜ କୁମାର ମହାନ୍ତି

ପ୍ରତ୍ୟେକ ସାହିତ୍ୟ ସଭାର ଆୟୋଜନ ଏକପ୍ରକାର ସ୍ୱତନ୍ତ୍ର। ବିଶେଷକରି ରବିବାର ଦିନ ଆୟୋଜିତ ସାହିତ୍ୟ ଆସର ଅବସରର ଆନନ୍ଦ ସମ୍ପୂର୍ଣ୍ଣ ନିଆରା। ଜିଲା ସଂସ୍କୃତି ଭବନରେ ଜଣେ ଶିକ୍ଷାବିତ୍‌ଙ୍କ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବର ଏକ ଭବ୍ୟ ସଭାରେ ମୋର ଉପସ୍ଥିତି ଏକ ସୁନ୍ଦର ଅନୁଭୂତି। ଯଦିଓ ନିମନ୍ତ୍ରଣ ପତ୍ରରେ କାର୍ଯ୍ୟସୂଚୀ ତଥା ସମୟ ନିର୍ଘଣ୍ଟ ହୋଇଥଲା, କିନ୍ତୁ ସଭାଟି ଆରମ୍ଭ ହେଲା ଦେଢ଼ଘଣ୍ଟା ବିଳମ୍ବରେ। କାରଣ ସଭା ପାଇଁ ନିମନ୍ତ୍ରିତ ପ୍ରତ୍ୟେକ ଅତିଥି ଜଣେ ଜଣେ ବିଶିଷ୍ଟ ବ୍ୟକ୍ତି। ଭାରତର ସମୟାନୁବର୍ତ୍ତିତା ସହ ଆମେ ସମସ୍ତେ ଜଡ଼ିତ। ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିଙ୍କର ଏକପ୍ରକାର ମନର ସ୍ଥିତି ଦୀର୍ଘଦିନ ଧରି ବସା ବାନ୍ଧିସାରିଛି। ସେମାନଙ୍କ ଚାଲିଚଳନ ହାବଭାବ ଦେଖି ସାଧାରଣ ଜନତାଙ୍କ ମଧ୍ୟ ସେଇ ପ୍ରକାର ପରିଭାଷାର ପ୍ରତିଫଳନ ହେବାରେ ଲାଗିଛି। ପ୍ରାୟ ଆମର ଏସବୁ ନିତିଦିନିଆ ଘଟଣା। ଆମେ ସମସ୍ତେ କୁହାଳିଆ। ଅନ୍ୟକୁ କହିବାରେ ଆମେ ଯେତେ ସମୟାନୁବର୍ତ୍ତୀ ଓ ଆଗଭର କିନ୍ତୁ କର୍ମକ୍ଷେତ୍ରରେ ତାହା ଦୁର୍ବଳ ତଥା ଶିଥିଳ। ଧୀରେଧୀରେ ଜଣେ ପରେ ଜଣେ ସଭାକକ୍ଷକୁ ପ୍ରବେଶ କରୁଥାନ୍ତି। ସବୁ ଦର୍ଶକଙ୍କୁ ମିଶାଇଲେ ବେଶି ନ ହେଲେ ବି ୨୦ ଜଣ ୬୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ତଥା ବାକି ଆଠଦଶ ଜଣ ସେଇ ପଇଁତିରିଶରୁ ପଇଁଚାଳିଶି ବର୍ଷ ବୟସ ମଧ୍ୟରେ ଉପସ୍ଥିତ ଶ୍ରୋତା ଓ ଦର୍ଶକ। ସେମାନଙ୍କ ମଧ୍ୟରୁ ମୁଁ ଜଣେ। ସଭାରେ ଉପସ୍ଥିତ ଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଜିଲାପାଳଠାରୁ ଆରମ୍ଭକରି ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ଉପସ୍ଥିତ ସଭାର ଆକର୍ଷଣ ବିନ୍ଦୁ। ବ୍ୟସ୍ତତା ସକାଶେ ଜିଲାପାଳ ସ୍ୱଳ୍ପ ସମୟ ମଧ୍ୟରେ ପୁସ୍ତକର ଲୋକାର୍ପଣ ପରେ ପରେ ଅଳ୍ପ କେଇଧାଡ଼ିରେ ସଭାଟିକୁ ସମ୍ବୋଧନକରି ବାହାରିଗଲେ। ପ୍ରତ୍ୟେକ ସାହିତ୍ୟ ଓ ପୁସ୍ତକ ଲୋକାର୍ପଣ ସଭା ପ୍ରକୃତରେ ସମୟ ସାପେକ୍ଷ। କାରଣ କୌଣସି ବିଜ୍ଞ ବ୍ୟକ୍ତିମାନଙ୍କର ଯେତେବେଳେ ମେଳି ହୁଏ ଏବଂ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଚର୍ଚ୍ଚା ଆରମ୍ଭ ହୁଏ ତାକୁ ସମୟରେ ବାନ୍ଧିରଖିହୁଏନା। କଥାରେ ଅଛି ଭାଷା ସାହିତ୍ୟର କୌଣସି ପରିସୀମା ନାହିଁ।

ପ୍ରତ୍ୟେକ ସଭାରେ ଚା' ଜଳଖିଆ ଏକ ସାଧାରଣ ପରମ୍ପରା। ସଭା ଭବ୍ୟ ହେଉକି ସାଧାରଣ କିନ୍ତୁ ସେଠାରେ ସାଧାରଣ ଜନତାଙ୍କୁ ବାନ୍ଧିରଖିବା ପାଇଁ ଶବ୍ଦ ଯେତିକି ଜରୁରୀ ତା'ସହ ଚା' ଜଳଖିଆର ବ୍ୟବସ୍ଥା ସେତିକି ସୁଖଦପୂର୍ଣ୍ଣ। ସାଧାରଣ ସଭାରେ ଜଳଖିଆ ନ ହେଲେବି କପେ ଚା' ଓ ଦିଖଣ୍ଡ ବିସ୍କୁଟ ହେଲେ ତାହା ମଧ୍ୟ ଗ୍ରହଣୀୟ। ସଭା ଆରମ୍ଭର କିଛି ସମୟ ବ୍ୟବଧାନରେ ମଞ୍ଚାସୀନ ଅତିଥିମାନଙ୍କୁ ଚା' ପରଷାଗଲା। ମଞ୍ଚ ତଳେ ବସିଥିବା ଦର୍ଶକଙ୍କୁ ମଧ୍ୟ। ମଞ୍ଚାସୀନ ଅତିଥିଙ୍କୁ ଶଙ୍ଖ ମଲମଲ ଝଟକୁଥିବା କପ୍‌ପ୍ଲେଟ୍‌ରେ ଚା' ପରିଷିବା ଏକ ସ୍ୱଚ୍ଛ ସୁନ୍ଦର ପରିବେଶର ପରିକଳ୍ପନା। ଅର୍ଥାତ୍ ଚା' ପିଇସାରିବା ପରେ ତାକୁ ନେଇ ଧୋଇପୋଛି ପୁଣି ସୁରକ୍ଷିତ ସ୍ଥାନରେ ରଖିହେବ। କିନ୍ତୁ ମଞ୍ଚ ତଳେ ବା ସମ୍ମୁଖରେ ବସିଥିବା ଶ୍ରୋତାଙ୍କ ପାଇଁ କାଗଜ କପ ଦ୍ୱାରା ଚା' ପରଷିବା ନିଶ୍ଚିତଭାବେ ଏକ ଦୂଷିତ ପରିବେଶର ନିଦର୍ଶନ। ଚା' ପିଇବା ପରେ ବସିଥିବା ଶ୍ରୋତାଙ୍କ ଆଚରଣବିଧି ଠିକ୍‌ଠାକ୍ ଲାଗୁ ନ ଥିଲା। କେହି ଚା' ପିଇସାରି କପଟିକୁ ମୋଡ଼ିମାଡ଼ି କୋଣକୁ ଫିଙ୍ଗୁ ଦେଉଥାନ୍ତି ତ ଆଉ କେହି ତାକୁ ବସିଥିବା ଚେୟାର ତଳକୁ ଫୋପାଡ଼ି ଦେଉଥାଆନ୍ତି। କେହି ଜଣେ ଉଠିପଡ଼ି ବାହାର ଡଷ୍ଟବିନ୍‌ରେ ସୁରକ୍ଷିତ ଢଙ୍ଗରେ ପକାଇବା ପାଇଁ ଇଚ୍ଛା ପ୍ରକାଶ ନଜର ଆସୁ ନ ଥାଏ। ମୋର ଚା' ପିଇବା ଅଭ୍ୟାସର ଦୀର୍ଘଦିନ ହେବ ଅନ୍ତ ହୋଇସାରିଛି। ଅନ୍ତତଃ ସେ ସମୟରେ ମୁଁ ଏଭଳି କାର୍ଯ୍ୟର ସମାଲୋଚନାରୁ ଦୂରରେ। ସଭାରେ ସଭାପତିଙ୍କ ଆହ୍ୱାନକ୍ରମେ ମଞ୍ଚାସୀନ ଅତିଥିଗଣ ଜଣଙ୍କ ପରେ ଜଣେ ଆସି ସେମାନଙ୍କ ଅଭିଭାଷଣ ପ୍ରଦାନ କରୁଥାନ୍ତି। ମଞ୍ଚାସୀନ ଅତିଥିମାନଙ୍କ ଆଚରଣକୁ ମୁଁ ଯତ୍ନ ସହକାରେ ନିରୀକ୍ଷଣ କରୁଥାଏ ଅତି ଶୃଙ୍ଖଳିତ ଭାବରେ।

ଚା' ଯୋଗାଣରେ ଥିବା ଲୋକଟି ଦ୍ୱିତୀୟ ପର୍ଯ୍ୟାୟର ଚା' ଆଣି ମଞ୍ଚାସୀନ ଅତିଥିମାନଙ୍କୁ ଆପ୍ୟାୟିତ କରୁଥିବା ସମୟରେ କେତେଜଣ ଅତିଥିଙ୍କର ଚା'ପ୍ରତି ଅନାଗ୍ରହତା ସହ ଆଉ କେତେକଙ୍କର ଆନ୍ତରିକତା ଦେଖିବାକୁ ମିଳେ। ଚା' ଆମ ସମସ୍ତଙ୍କର ଦୈନିକ ଅଭ୍ୟାସ। ସକାଳ ଓ ସଞ୍ଜବେଳେ ପୁଣି କେତେଜଣ ଲୋକଙ୍କର ମଧ୍ୟାହ୍ନରେ ଚା' ପିଇବା ଏକ ଦୁର୍ବଳ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ। ଅତିଥିମାନଙ୍କୁ ଚା' ଯାଚିବା ଏକ ଆତିଥେୟତା ତଥା ଭାରତୀୟ ପରମ୍ପରା। ସେ ଖରାବେଳ ହେଉକି ଶୋଇବାବେଳ। ଚା'ପ୍ରତି ଆଗ୍ରହ ଦେଖାଉଥିବା ମଞ୍ଚାସୀନ ଅତିଥି ଜଣକ ପୋଖତ ପାନୁଆ। ପ୍ରବଳ ଚୋବାନ୍ତି ତାହା ସଭା ଆରମ୍ଭରୁ ଜଣାପଡୁଥିଲା। ସେ ଜଣେ ସୁସାହିତ୍ୟିକ,ଲେଖକ ଏବଂ ସୁବକ୍ତା। ଅନେକ ସାହିତ୍ୟ ସଭା ତଥା ଅନ୍ୟାନ୍ୟ ମଞ୍ଚରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ



ରହିଛି। ଭାଷା ଓ ସାହିତ୍ୟକୁ ଉପସ୍ଥାପନକରି ଅନ୍ୟକୁ ଆକର୍ଷଣ କରିବାରେ ସେ ଆଗଧାଡ଼ିରେ। ଭାଷଣ ସମୟରେ ନିଜର ଆତ୍ମଗରିମା ଓ ଜୟଗାନକୁ ଅତି ସୁନ୍ଦରଭାବେ ନିଜେ ଉପସ୍ଥାପନ କରିବାରେ କୌଣସି ଅସୁବିଧା ସୃଷ୍ଟିହୁଏନାହିଁ। ଜାତଦେଖା ପୁଣି କଦଳୀବିକା ଏହା ଆମ ସ୍ୱଭାବ। ବେଳେବେଳେ ନିଜ ଢୋଲ ନିଜେ ପିଟିବା ବୁଦ୍ଧିମାନର ପରିଚୟ। ବୁଦ୍ଧିମାନ ଲୋକ ହିଁ ନିଜ ଦ୍ୱାରା ପ୍ରଚାରିତ ହେବାକୁ ଭଲପାଏ। ପ୍ରଚାରପ୍ରସାର ଦ୍ୱାରା ମଣିଷର ଏକରକମ ପରିଚୟ ସୃଷ୍ଟିହୁଏ। ପାନ ଚୋବାଉଥିବା ଅତିଥିଙ୍କୁ ସମ୍ମାନପୂର୍ବକ ଚା' ଯାଚିବା ଏବଂ କାଳବିଳମ୍ବ ନ କରି ଅତିଥି ବକ୍ତା ଚା' ଗ୍ରହଣକଲେ। ହେଲେ ପାନଚୋବା ସରିନି ତା'ସହ ଚା' ନିଶା। ମଞ୍ଚାସୀନ ଅତିଥି ଚୋବାଉଥିବା ପାନଛେପକୁ ଢୋକିଦେଲେ, କିନ୍ତୁ ପାନର ଛେଦରାକୁ କାଢ଼ି ନିଜେ ବସିଥିବା ଟେବୁଲ ତଳକୁ ନିର୍ଭୟରେ ଫିଙ୍ଗିଦେଲେ। ଆଶ୍ଚର୍ଯ୍ୟ ଲାଗିଲା ଗୁଣୀଜ୍ଞାନୀ ବୟସ୍କଙ୍କ ନିକଟରେ ଏସବୁ ମଧ୍ୟ ପ୍ରତିଫଳିତ ହୋଇଥାଏ କି ? ସେ ସମ୍ପୂର୍ଣ୍ଣ ଶାରୀରିକ ସୁସ୍ଥ ମଣିଷ। ଅଳ୍ପଦିନ ହେବ ଚାକିରିରୁ ଅବସର ଗ୍ରହଣ କରିଛନ୍ତି, କିନ୍ତୁ ବାର୍ଦ୍ଧକ୍ୟତାର କୌଣସି ଅକ୍ଷମତାର ଗନ୍ଧବାସ୍ନା ନାହିଁ। ସେ ଚାହିଁଥିଲେ ବେସିନ କିମ୍ବା ଡଷ୍ଟବିନ୍ ବ୍ୟବହାର କରିପାରିଥାନ୍ତେ। ଚା' ପିଇସାରି ନିଜ ପାଳିର ବକ୍ତବ୍ୟ ରଖିଲେ। ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍‌ଙ୍କ ନୈତିକ ଜୀବନ ଉପରେ ସେ ଆଲୋକପାତ କଲେ। ସକ୍ରେଟିସ୍ ଜଣେ ଗପୁଡ଼ା ପ୍ରକୃତିର ବ୍ୟକ୍ତି ଥିଲେ। ବାଟେଘାଟେ, ହାଟବଜାରେ ଯିଏ ମିଳିଲା ତା'ସହ ଜ୍ଞାନଚର୍ଚ୍ଚା ଆରମ୍ଭ କରନ୍ତି ସତ, କିନ୍ତୁ ଜ୍ଞାନ ଚର୍ଚ୍ଚାର ଶେଷହେବାର କୌଣସି ନିର୍ଘଣ୍ଟ ନ ଥାଏ। ଭିନ୍ନଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରୁଥିଲେ କାରଣ ସେ ବାସ୍ତବ ଜ୍ଞାନ ବିଷୟରେ ଆଲୋଚନା ପାଇଁ ଅଧିକ ଲୋକଙ୍କ ଉପସ୍ଥିତି ଲୋଡୁଥିଲେ। ଅର୍ଥାତ୍ ସାଧାରଣ ଜନତାରୁ ଉଚ୍ଚବର୍ଗ ତଥା ଯୁବଗୋଷ୍ଠୀଙ୍କୁ ବହୁମାତ୍ରାରେ ସଚେତନ କରାଇବା ଲକ୍ଷ୍ୟରେ ସେ ସମସ୍ତ ଆଲୋଚନା କରୁଥିଲେ। ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଅତ୍ୟଧିକ ମଦ୍ୟପାନ କରୁଥିଲେ ମଧ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁ ନ ଥିଲେ। ସଦା ଭଦ୍ର ତଥା ଶାନ୍ତସରଳ ସ୍ୱଭାବ ଆଚରଣ ପ୍ରଦର୍ଶନ କରୁଥିଲେ। ସକ୍ରେଟିସ୍ ଏକ ନିର୍ଦ୍ଦିଷ୍ଟ ପୋଷାକକୁ ବହୁଦିନଧରି ପରିଧାନ ସହ ନିଜ ଶାରୀରିକ ସ୍ୱଚ୍ଛତାକୁ ଏତେଟା ଗୁରୁତ୍ୱ ଦେଉ ନ ଥିଲେ, କିନ୍ତୁ ସର୍ବସାଧାରଣ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ପ୍ରତି ସେ ବହୁ ସଚେତନ ଥିଲେ। କିନ୍ତୁ ଆମମାନଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ। ଆମେ ନିଜକୁ ଅଧିକ ସ୍ୱଚ୍ଛ ଓ ପରିଷ୍କାର ପାଇଁ ସଦାସର୍ବଦା ଯତ୍ନଶୀଳ, କିନ୍ତୁ ସର୍ବସାଧାରଣ ଜାଗାକୁ ଅପରିଷ୍କାର ନଷ୍ଟଭ୍ରଷ୍ଟ କରି କଦାକାର ବୀଭତ୍ସ କରିବାରେ ବ୍ୟସ୍ତ। ଆମେ ଯେତେ ଶିକ୍ଷିତ ସଭ୍ୟ ବୋଲି ନିଜକୁ ପରିଚୟ ଦିଅନ୍ତି, କିନ୍ତୁ ଆମ ଆଚରଣରେ ସେତିକି ଅଜ୍ଞାନତା ତଥା ଅସଭ୍ୟତା ପ୍ରଦର୍ଶିତ ହେଉଛି। ନୈତିକ ତଥା ଆଦର୍ଶଗତ ଉପଦେଶ, ଅଭିଭାଷଣ ଦେବାରେ ଆମେ ଯେତିକି ଆନନ୍ଦ ଅନୁଭବ କରନ୍ତି ସେତେଟା କାର୍ଯ୍ୟକ୍ଷେତ୍ରରେ ଦେଖିବାକୁ ମିଳୁନାହିଁ। ଏହା ସ୍ପଷ୍ଟ ଯେ ଯିଏ ଯେତେ ବିଜ୍ଞ ସିଏ ସେତେ ଅଜ୍ଞ।

ଦର୍ଶନ ବିଭାଗୀୟ ମୁଖ୍ୟ,
ବିଏନ୍‌ଏମ୍‌ଏ ମହାବିଦ୍ୟାଳୟ, ଭଦ୍ରକ
ମୋ: ୮୮୯୫୩୪୧୦୩୩

# ଇରାନର ନିର୍ବାସିତ ଯୁବରାଜ

ବ୍ୟକ୍ତିତ୍ୱ



ରେଜା ପହଲଭି

ଇରାନରେ ଅର୍ଥନୈତିକ ସମସ୍ୟା ତୀବ୍ର ରୂପ ଧାରଣ କରିବା ସହ ଏହାର ମୁଦ୍ରା 'ରିୟାଲ'ର ମୂଲ୍ୟ ବହୁ ମାତ୍ରାରେ ହ୍ରାସପାଇବା ପରେ ସେଠାରେ ଅରାଜକତା ସୃଷ୍ଟି ହୋଇଛି। ସାମଗ୍ରୀ ଦରଦାମ୍ ବଢ଼ିବା ସହ ନିଯୁକ୍ତି ସଙ୍କୁଚିତ ହୋଇଯାଇଥିବାରୁ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଦେଶର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ନେତୃତ୍ୱାଧୀନ ଇସ୍‌ଲାମିକ ଗଣତନ୍ତ୍ରରେ ଅର୍ଥନୈତିକ ଅବନତି ଓ ମୁଦ୍ରାର ଘୋର ପତନ ହୋଇଥିବାରୁ ତାଙ୍କୁ ହଟାଇବାକୁ ଦେଶବାସୀ ବଜ୍ର ଶପଥ ନେଇଛନ୍ତି। ସ୍ଥିତି ଏଭଳି ହୋଇଛି ଯେ ମହିଳାମାନେ ଖାମେନେଇଙ୍କ ପୋଷ୍ଟରକୁ ସିଗାରେଟ୍ ନିଆଁରେ ଜଳାଇ ଦେଉଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚରେ ଭାଇରାଲ ହୋଇଛି। ଗତ ଦୁଇ ସପ୍ତାହ ଧରି ଦେଶବ୍ୟାପୀ ପ୍ରତିବାଦରେ ୫୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହି ବିକ୍ଷୋଭକୁ ତୀବ୍ରତର କରିବା ଲାଗି ନିର୍ବାସିତ ଯୁବରାଜ ରେଜା ପହଲଭି ଆହ୍ୱାନ ଦେବା ପରେ ସ୍ଥିତି ଅଣାୟତ୍ତ ହୋଇଛି। ଅନେକଙ୍କ ମନରେ ପ୍ରଶ୍ନ ହେବା ସ୍ୱାଭାବିକ ଯେ ଏହି ନିର୍ବାସିତ ଯୁବରାଜ କାହିଁକି ଏଭଳି ଡାକରା ଦେଇଛନ୍ତି। ଇତିହାସ ଦେଖିଲେ ୧୯୭୯ 'ଇସ୍‌ଲାମିକ୍ ରିଭଲ୍ୟୁଶନ'କୁ ମନେପକାଇ ଦିଆଯାଇପାରେ। ମହମ୍ମଦ ରେଜା ପହଲଭି ଥିଲେ ଇରାନର ଶେଷ ରାଜା। ଧର୍ମଗୁରୁ ଆୟାତୋଲ୍ଲା ରୋହାଲ୍ଲା ଖୋମେଇନି ରାଜାଙ୍କ ଶାସନକୁ ବିରୋଧ କରି ରାଜତନ୍ତ୍ରକୁ ଫିଙ୍ଗିଦେଇଥିଲେ। ଫଳରେ ସେଠାରେ ଖୋମେଇନିଙ୍କ ଆଶୀର୍ବାଦରେ ଧର୍ମୀୟ ଶାସନ ଗଠନ ହୋଇଥିଲା। ସେଥିରେ ନୂଆ ପାର୍ଲାମେଣ୍ଟ ଓ ନିର୍ବାଚିତ ରାଷ୍ଟ୍ରପତି ରହିଲେ। ହେଲେ ସବୁକିଛି ଧର୍ମୀୟ ନେତାଙ୍କ ନିୟନ୍ତ୍ରଣରେ ରହିଲା। ଯେଉଁ ପ୍ରତିଶ୍ରୁତି ଦେଇ ସରକାର କ୍ଷମତାକୁ ଆସିଥିଲେ କ୍ରମେ ଭୁଲିବାକୁ ଲାଗିଲେ। ପରେ ଅନେକ ପ୍ରତିବାଦ ଘଟିଛି। ସମୟ କ୍ରମେ ଆୟାତୋଲ୍ଲା ଅଲି ଖାମେନେଇ ଧର୍ମୀୟ ଗୁରୁ ହୋଇ ସେଠାକାର ସରକାରକୁ ଚଳାଇଲେ। ଆଜି ସ୍ଥିତି ବିଗିଡ଼ିଯିବା ପଛରେ ଖାମେନେଇଙ୍କ ଭୂମିକା ରହିଥିବାରୁ ତାଙ୍କୁ ହଟାଇବା ପାଇଁ ଦେଶବାସୀ ଜାଗି ଉଠିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମହମ୍ମଦ ରେଜା ପହଲଭିଙ୍କୁ ଗାଦିଚ୍ୟୁତ କରାଗଲା ବେଳେ ଆମେରିକାରେ ଦୀର୍ଘ ୫୦ ବର୍ଷ ଧରି ନିର୍ବାସିତ ଥିବା ଯୁବରାଜ ରେଜା ପହଲଭି ଦେଶକୁ ଫେରିବାକୁ ଇଚ୍ଛାବ୍ୟକ୍ତ କରିଛନ୍ତି। ସେ ଆହ୍ୱାନ ଦେଇଛନ୍ତି ଯେ, ବର୍ତ୍ତମାନ ସ୍ଥିତିରେ ସାମ୍ବିଧାନିକ ନିୟମ ଅନୁଯାୟୀ ରାଜତନ୍ତ୍ର ହେଉ ବା ଗଣତନ୍ତ୍ର ନିତାନ୍ତ ଆବଶ୍ୟକ। ସେଥିଲାଗି ଗଣଭୋଟ ହେବା ଦରକାର ବୋଲି ଯୁବରାଜ କହିବା ପରେ ତାଙ୍କ ଭୂମିକା ଖୁବ୍ ଚର୍ଚ୍ଚାକୁ ଆସିଛି।

ନିର୍ବାସିତ ଯୁବରାଜ ରେଜା ପହଲଭି ୧୯୭୯ ମସିହାରୁ ନିର୍ବାସନରେ ଅଛନ୍ତି। ସେ ୧୯୬୦ ଅକ୍ଟୋବର ୩୧ ତାରିଖରେ ତେହେରାନରେ ଜନ୍ମଗ୍ରହଣ କରିଥିଲେ। ସେ ଇରାନର ଶେଷ ଶାହ ମହମ୍ମଦ ରେଜା ପହଲଭି ଓ ସମ୍ରାଟ ଫରାହ ପହଲଭିଙ୍କ ଉତ୍ତରାଧିକାରୀ ଭାବେ ଜନ୍ମ ନେଇଥିଲେ। ୧୯୬୭ ମସିହାରେ ତାଙ୍କ ପିତାଙ୍କ ରାଜ୍ୟାଭିଷେକ ସମୟରେ ସେ ଆଧିକାରିକ ଭାବେ ଯୁବରାଜ ନିଯୁକ୍ତ ହୋଇଥିଲେ। ୧୯୭୮ରେ ୧୭ ବର୍ଷ ବୟସରେ ସେ ଆମେରିକା ବାୟୁସେନାରେ ଜେଟ୍ ଫାଇଟର ପ୍ରଶିକ୍ଷଣ ପାଇଁ ଇରାନ ଛାଡ଼ିଥିଲେ। ସେହି ସମୟରେ ଇରାନରେ ଅଶାନ୍ତି ବଢ଼ିବାରୁ ରାଜପରିବାର ମଧ୍ୟ ଜାନୁଆରୀ ୧୯୭୯ରେ ଦେଶ ଛାଡ଼ିଥିଲେ। ଏହି ସମୟରେ ଇସ୍‌ଲାମୀୟମାନେ କ୍ଷମତା ଦଖଲ କରି ଏକ ଧର୍ମୀୟ ଶାସନ ପ୍ରତିଷ୍ଠା କରିବାରୁ ଯୁବରାଜ ରେଜା ପହଲଭି ଦେଶକୁ ଫେରିପାରିଲେ ନାହିଁ। ଯେତେବେଳେ ଧର୍ମୀୟ ଅନୁଶାସନରେ ପରିଚାଳିତ ସରକାରରେ ଅର୍ଥନୈତିକ ଦୁଃସ୍ଥିତି ବଢ଼ିଲା ଓ ଲୋକେ ସେମାନଙ୍କ ଶାସକଙ୍କ ଉପରେ କ୍ରୋଧ ପ୍ରକଟ କଲେ, ସେତେବେଳେ ଯୁବରାଜ ଆଗକୁ ଆସିବାକୁ ଉଚିତ ମଣିଲେ। ବର୍ତ୍ତମାନ ସେ ଅହିଂସାତ୍ମକ ପଦକ୍ଷେପ ମାଧ୍ୟମରେ ଶାସନ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଉଛନ୍ତି। ବିଦେଶରେ ଥିବା ଇରାନୀଙ୍କ ମଧ୍ୟରେ ତାଙ୍କର ବହୁ ଅନୁଗାମୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ରାଜତନ୍ତ୍ରର ପୁନଃ ପ୍ରତିଷ୍ଠାକୁ ସମର୍ଥନ କରିଥାଆନ୍ତି। ତେବେ ଦେଶ ଭିତରେ ତାଙ୍କ ଲୋକପ୍ରିୟତା ଅନିଶ୍ଚିତତା ମଧ୍ୟରେ ରହିଥିଲେ ହେଁ ପରିବର୍ତ୍ତନ ବେଳେ କିଛି ବି ଘଟିପାରେ ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି।

ଯୁବରାଜଙ୍କ ଶିକ୍ଷାଗତ ଯୋଗ୍ୟତା କହିଲେ ସେ ଯୁକ୍ତରାଷ୍ଟ୍ର ବାୟୁସେନାରୁ ତାଲିମ ସମ୍ପନ୍ନ କରିଛନ୍ତି। ୧୯୮୫ରେ ୟୁନିଭର୍ସିଟି ଅଫ୍ ସାଉଥ୍ କାଲିଫର୍ନିଆରୁ ରାଜନୀତି ବିଜ୍ଞାନରେ ବିଏସ୍‌ସି କରିଥିଲେ। ଜେଟ୍ ଫାଇଟର ଉଡ଼ାଣରେ ଦକ୍ଷତା ରଖିଥିବା ରେଜା ପହଲଭି ନିଜ ଦେଶର ଭାଷା ପର୍ସିଆନ୍ ଜାଣିବା ସହ ଇଂଲିଶ୍ ଓ ଫ୍ରେଞ୍ଚରେ ଦକ୍ଷତା ଅର୍ଜନ କରିଛନ୍ତି। ସେ ଜଣେ ଦକ୍ଷ ଜେଟ୍ ଫାଇଟର ପାଇଲଟ ଭାବେ ଇରାନ-ଇରାକ ଯୁଦ୍ଧ ସମୟରେ ସେନାରେ ଯୋଗଦେବାକୁ ଇଚ୍ଛାବ୍ୟକ୍ତ କରିଥିଲେ। କିନ୍ତୁ ଧର୍ମଗୁରୁ ଶାସନ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା। ସେ ଇରାନର ସ୍ଥିତି ଉପରେ ତିନୋଟି ପୁସ୍ତକ ଲେଖିଛନ୍ତି- ଗୋଜାସ୍ତେହ ଭା ଆୟନ୍ଦେହ (୨୦୦୦) ୱିଣ୍ଡସ ଅଫ୍ ଚେଞ୍ଜ: ଦ ଫ୍ୟୁଚର ଅଫ୍ ଡେମୋକ୍ରାସି ଇନ୍ ଇରାନ୍ (୨୦୦୨) ଏବଂ ଇରାନ୍: ଦ ଡିସାଇଡିଂ ଅନର (୨୦୦୯)।

ବ୍ୟକ୍ତିଗତ ଜୀବନ କହିଲେ ୧୯୮୬ ଜୁନ୍ ୧୨ରେ ଯୁବରାଜ ୟାସମିନ ଏତେମାଦ-ଆମିନିଙ୍କୁ ବିବାହ କରିଥିଲେ। ଉଭୟଙ୍କର ନୂର ପହଲଭି, ଇମାନ ପହଲଭି, ଫରାହ ପହଲଭି ନାମରେ ତିନି ଝିଅ ଅଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଘିକୁଆଁରି ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି ମହାରାଷ୍ଟ୍ରର ହୃଷୀକେଶ ଜୟସିଂ ଧାନେ । ସତାରା ଜିଲା ପଡାଲି ଗାଁରେ ରୁହନ୍ତି ଜୟସିଂ। ସେଠାରେ ସେ ୮ ଏକର ଜମିରେ ଘିକୁଆଁରି ଚାଷ କରୁଛନ୍ତି। ଏହି ଚାଷରୁ ସେ ବର୍ଷକୁ ୩.୫ କୋଟି ଟଙ୍କାର ବିଜ୍‌ନେସ୍ କରିବା ସହ ସେଥିରୁ ୩୦% ଲାଭ ପାଉଛନ୍ତି। ଜୟସିଂ ବର୍ଷକୁ ହାରାହାରି ୮୦୦୦ ଲିଟର ଘିକୁଆଁରି ରସ ସଂଗ୍ରହ କରି ସେଥିରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି, ଯାହାର ବଜାରରେ ଅଧିକ ଚାହିଦା ରହିଛି। ଜଣେ ସଫଳ କୃଷକ ହେବା ଲାଗି ତାଙ୍କୁ ଜୀବନରେ ଅନେକ ଉତ୍ଥାନପତନ ଦେଇ ଯିବାକୁ ପଡ଼ିଛି। ଏପରି କି ସେ ଅର୍ଥାଭାବରେ ପଢ଼ି ଦଶମ ପାସ୍ କରିବା ପରେ ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ଦରମା ପାଉଥିଲେ ସେଥିରେ ପରିବାର ଚଳାଇବା ସମ୍ଭବ ନ ହେବାରୁ ସେ ଏକ ନର୍ସରି କରିଥିଲେ । ହେଲେ ତାହା ମଧ୍ୟ ଆବଶ୍ୟକତା ପୂରଣ କରିପାରି ନ ଥିଲା। ଶେଷରେ ୨୦୦୭ରେ ସେ ଘିକୁଆଁରି ଚାଷ କରିବାକୁ ନିଷ୍ପତ୍ତି ନେଇ ଅନ୍ୟ ଚାଷୀମାନଙ୍କଠାରୁ ପ୍ରାୟ ୪୦୦୦ ଘିକୁଆଁରି ଗଛ ସଂଗ୍ରହ କରି ଲଗାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଜାନୁଆରୀ ୧୯୭୭

- ପାକିସ୍ତାନର ଜାତୀୟ ଆସେମ୍ବ୍ଲିକୁ ଭାଙ୍ଗି ଦିଆଯାଇଛି ବୋଲି ରାଷ୍ଟ୍ରପତିଙ୍କ ଘୋଷଣାନାମା ପ୍ରକାଶ ପାଇଛି।
- ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ବତିଘର ଖୋଲିବା ପାଇଁ ୮ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ଜି.ଏସ୍. ଧିଲନ ପ୍ରକାଶ କରିଛନ୍ତି।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 9 | |
| 1 | | 9 | | 4 | 5 | 6 | | |
| | | | | | | 8 | | |
| 2 | | 1 | | 9 | | | | |
| | 8 | 7 | 3 | | | | 1 | |
| | 3 | | 4 | | | | | |
| | | | 2 | | | | | 8 |
| 5 | | | | | | 1 | | 6 |
| | 4 | | | | 3 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 5 | 3 | 2 | 8 | 6 | 4 | 7 |
| 7 | 8 | 2 | 6 | 4 | 5 | 9 | 3 | 1 |
| 4 | 3 | 6 | 9 | 7 | 1 | 5 | 8 | 2 |
| 5 | 4 | 9 | 7 | 6 | 3 | 2 | 1 | 8 |
| 1 | 6 | 7 | 8 | 5 | 2 | 4 | 9 | 3 |
| 3 | 2 | 8 | 1 | 9 | 4 | 7 | 5 | 6 |
| 8 | 9 | 4 | 2 | 3 | 6 | 1 | 7 | 5 |
| 6 | 7 | 1 | 5 | 8 | 9 | 3 | 2 | 4 |
| 2 | 5 | 3 | 4 | 1 | 7 | 8 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତେଲଟାଙ୍କି ତନଖି ପାଇଁ ଯୋଗାଣ ବିଭାଗ ନିଷ୍କ୍ରିୟ

ମହାଶୟ,
କଟକ ଜିଲାର ବିଭିନ୍ନ ଅଞ୍ଚଳରେ କେତେକ ପେଟ୍ରୋଲ ପମ୍ପ ଅପମିଶ୍ରିତ ତେଲ ବିକ୍ରି ହେବା ଏବଂ ମୌଳିକ ସୁବିଧା ଗ୍ରାହକଙ୍କୁ ଯୋଗାଇ ନ ଦେବାର ଅଭିଯୋଗ ହୁଏ। ଏସବୁ ଅଭିଯୋଗ ମିଳିବାପରେ ଯୋଗାଣ ବିଭାଗ ଉକ୍ତ ପେଟ୍ରୋଲ ପମ୍ପଗୁଡ଼ିକ ଉପରେ ଚଢ଼ଉ କରେ। ତେବେ ଚଢ଼ାଉ ପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କିଛି ଜାଣି ହୁଏନାହିଁ। ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ସମୟରେ ପେଟ୍ରୋଲ ପମ୍ପଗୁଡ଼ିକ ମାନଦଣ୍ଡ ପାଳନ କରୁ ନ ଥିବା ନଜରକୁ ଆସିଥାଏ। ତେଲର ଡେନ୍‌ସିଟି ପରୀକ୍ଷା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏହା ଅଧିକାଂଶ ପେଟ୍ରୋଲ ପମ୍ପରେ ଅଚଳ ହୋଇଯାଇଛି। ଗ୍ରାହକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ସହ ଶୌଚାଳୟ ବାଧ୍ୟତାମୂଳକ, କିନ୍ତୁ ଅନେକ ପେଟ୍ରୋଲ ପମ୍ପରେ ତାହା ଉପଲବ୍ଧ ନାହିଁ। ଏ ସବୁ ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ଜାଣୁଛି ; କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ନିକଟରେ କଟକ ସହର ଉପକଣ୍ଠରେ ଦୁଇଟି ପେଟ୍ରୋଲ ପମ୍ପରେ ଚଢ଼ଉ ହେବା ପରେ ଏନ୍‌ଫୋର୍ସମେଣ୍ଟ ଟିମ୍ କି ରିପୋର୍ଟ ଦେଇଥିଲା ସେ ସମ୍ପର୍କରେ କିଛି ଜାଣି ହେଲାନାହିଁ। ପ୍ରଶାସନ ଏହି ଘଟଣାକୁ ହାଲୁକା ଭାବେ ନ ନେଇ ତୁରନ୍ତ ଦୃଷ୍ଟି ଦିଅନ୍ତୁ।

– ଶ୍ୟାମ ସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଖିରେ ଏହି ବେଳେ
ଗୋପନ କଥା ହେଲେ
କହିବା ପାଇଁ ପୀଡ଼େ ପରାଣ
କୁମୁଦ ଦଳେ ଜଳ
ହୁଅଇ ଟଳମଳ
ଶୁଣସି ପଦେ କଥା, ମୋ ରାଣ।
-(ବର୍ଷାରତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସୁରକ୍ଷିତ ଗୁଡ଼ି ଉଡ଼ା

**ଆସୁଛି ମକରସଂକ୍ରାନ୍ତି। ଏହି ଦିନ ଥଣ୍ଡା ଥଣ୍ଡା ପବନରେ ଆକାଶରେ ରଙ୍ଗବେରଙ୍ଗ ଗୁଡ଼ି ଉଡ଼ାଇବାର ମଜା ନେବାକୁ ଯୁବପିଢ଼ିଙ୍କ ମନରେ ଭରି ରହିଛି ଉତ୍କଣ୍ଠା। ହେଲେ ଏହି ଗୁଡ଼ିଉଡ଼ାର ମଜା ଯେପରି କାହା ଜୀବନ ପାଇଁ ବିପଦ ନ ସାଜେ, ସେଥିପାଇଁ ସତର୍କତା ଅବଲମ୍ବନ କରିବା ଜରୁରୀ...**



**ଶୀ**ତଦିନେ ଗୁଡ଼ି ଉଡ଼ାଇବାର ମଜା ନିଆରା। ପିଲାଠୁ ବୃଦ୍ଧ ବିଶେଷକରି ଯୁବପିଢ଼ିଙ୍କ ମନରେ ଏହାକୁ ନେଇ ରହିଥାଏ ବେଶ୍ ଉତ୍କଣ୍ଠା। ତେବେ ମକରସଂକ୍ରାନ୍ତି ଦିନ ଆମ ରାଜ୍ୟ ସମେତ ଦେଶର ବିଭିନ୍ନ ରାଜ୍ୟରେ ଏହିଦିନ ସ୍ୱେଶାଳ ଗୁଡ଼ିଉଡ଼ା ପର୍ବ ପାଳନ କରାଯାଇଥାଏ। କେତେକ ସ୍ଥାନରେ ଭଳିକିଭଳି ନିଆରା ଗୁଡ଼ିଉଡ଼ାକୁ ନେଇ ପ୍ରତିଯୋଗିତା ମାନ ମଧ୍ୟ ଆୟୋଜନ କରାଯାଇଥାଏ। ଏଥିପାଇଁ ମାର୍କେଟରେ ବେଶ୍ କିଛିଦିନ ପୂର୍ବରୁ ଭେଶାଳ ଗୁଡ଼ି, ସୂତା, ନଟେଇ ଆଦିର ଛୋଟ ବଡ଼ ଷ୍ଟଲମାନ ଲାଗିଥାଏ। ହେଲେ ଏହି ଗୁଡ଼ି ଉଡ଼ାଇବା ବେଳେ ସାମାନ୍ୟ ସତର୍କତା ଅଭାବରୁ ଆଙ୍ଗୁଠି କଟିବା, ଛାତରୁ ପଡ଼ି ହାତଗୋଡ଼ ଭାଙ୍ଗିବା, ଗୁଡ଼ି ସହ ଉଡ଼ିଯିବା ଭଳି ଅନେକ ଘଟଣା ଘଟିଥାଏ। କେବଳ ଏତିକି ନୁହେଁ, ଗୁଡ଼ି ଉଡ଼ାଇବା ଓ ଅନ୍ୟର ଗୁଡ଼ି କାଟିବାର ମଜା ନେବା ଆଳରେ କେତେକେ ବ୍ୟବହାର କରୁଥିବା ମାଞ୍ଜା ସୂତା ଯୋଗୁ ଅନେକ ନିରୀହ ଚଢ଼େଇ, ପଶୁଙ୍କଠୁ ଆରମ୍ଭ କରି ମଣିଷଙ୍କ ପର୍ଯ୍ୟନ୍ତ ଜୀବନ ଚାଲିଯାଉଥିବା ଘଟଣା ବି ଦେଖିବାକୁ ମିଳୁଛି। ତେଣୁ ଏହି ଗୁଡ଼ିଉଡ଼ାର ମଜା ଯେପରି ନିଜ ସହିତ ଅନ୍ୟ କାହାର ଜୀବନ ପ୍ରତି ବିପଦ ନ ଆଣେ, ସେଥିପାଇଁ କେତେକ କଥା ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...



**ଚାଇନିଜ୍ ଓ କାଚମାଞ୍ଜାଠୁ ଦୂରେଇ ରୁହନ୍ତୁ:** ଗୁଡ଼ିଉଡ଼ା ଯୋଗୁ ହେଉଥିବା ସବୁଠୁ ଅଧିକ ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ଏହି ମାଞ୍ଜାସୂତା। କାରଣ ଅନ୍ୟଗୁଡ଼ିର ସୂତା କାଟିବା ଲାଗି ଏଥିରେ ବ୍ୟବହାର କରାଯାଉଥିବା କାଚଗୁଣ୍ଡ ଏବଂ ଅନ୍ୟ ହାନିକାରକ ସାମଗ୍ରୀ ଯୋଗୁଁ ଉଡ଼ାଇବା ବେଳେ ଆଙ୍ଗୁଠି କଟିଯିବା, ପକ୍ଷୀମାନଙ୍କ ଡେଣା, ବେକ କଟିଯିବା, ପଶୁମାନଙ୍କ ଦେହରେ କ୍ଷତ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଏମିତିକି ରାସ୍ତାରେ ଗାଡ଼ିଚାଳକଙ୍କ ବେକରେ ଏହି ସୂତା ଲାଗିବା ଯୋଗୁ ଗଭୀର କ୍ଷତ ସୃଷ୍ଟି ହେବା ଏମିତିକି ମୃତ୍ୟୁର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଏହି ମାଞ୍ଜାସୂତା ବଦଳରେ କଟନ୍ ସୂତା ହିଁ ବ୍ୟବହାର କରନ୍ତୁ।

**ସୁରକ୍ଷିତ ସ୍ଥାନ ବାଛନ୍ତୁ:** ଅନେକେ ଛାତ ଉପରେ ଗୁଡ଼ି ଉଡ଼ାଉଥିବା ଦେଖିବାକୁ ମିଳିଥାଏ। ହେଲେ ଏହାଦ୍ୱାରା ଅନ୍ୟମନସ୍କ ହୋଇ କେହି କେହି ଛାତରୁ ପଡ଼ିଯାଉଥିବା ଘଟଣାର ବି ନଜିର ରହିଛି। ସେହିପରି ଘରଛାତ, ବଜାର ପାଖ ଆଦି ଜନଗହଳି ସ୍ଥାନରେ ଗୁଡ଼ି ଉଡ଼ାଇବା ଦ୍ୱାରା ପବନ କମିଯିବା ଫଳରେ ଗୁଡ଼ି ତଳକୁ ଖସିଯାଏ ଏବଂ ଏହାର ସୂତା ରାସ୍ତାରେ ଥିବା ଘର, ଖୁଣ୍ଟ ଆଦିରେ ଲାଗିଯିବା କାରଣରୁ ଗାଡ଼ିଚାଳକଙ୍କ ପାଇଁ କାଳ ସାଜେ। ତେଣୁ ଗୁଡ଼ି ଉଡ଼ାଇବା ଲାଗି ଫାଙ୍କା ଓ ସୁରକ୍ଷିତ ସ୍ଥାନ ବାଛନ୍ତୁ।

**ଠିକ୍ ସମୟ ବାଛନ୍ତୁ:** ଗୁଡ଼ି ଉଡ଼ାଇବା ଲାଗି ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ବାଛନ୍ତୁ। ଏହା ପୂର୍ବରୁ କିମ୍ବା ପରେ ଗୁଡ଼ି ଉଡ଼ାଇବା ଦ୍ୱାରା ଅନ୍ୟ ପାଇଁ ବିଶେଷକରି ପକ୍ଷୀମାନଙ୍କ ପାଇଁ କ୍ଷତିକାରକ ହୋଇପାରେ। ଯଦି କେଉଁଠି ଗୁଡ଼ିର ସୂତାରେ ପକ୍ଷୀ ଲାଗି ଯାଉଛନ୍ତି, ତେବେ ତାଙ୍କୁ ତୁରନ୍ତ ଖୋଲିବାକୁ ଚେଷ୍ଟା କରନ୍ତୁ ଏବଂ ଉଦ୍ଧାରକାରୀ ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

**ଇଲେକ୍ଟ୍ରି ଖୁଣ୍ଟଠୁ ଦୂରେଇ ରୁହନ୍ତୁ:** ଇଲେକ୍ଟ୍ରି ଖୁଣ୍ଟ କିମ୍ବା ଟ୍ରାନ୍ସଫର୍ମର ଥିବା ସ୍ଥାନରେ ଆଦୌ ଗୁଡ଼ି ଉଡ଼ାନ୍ତୁ ନାହିଁ। ସେହିପରି ଯଦି ଗୁଡ଼ି ଉଡ଼ାଇବା ବେଳେ ଦୂରରୁ ଏହା ଇଲେକ୍ଟ୍ରି ଖୁଣ୍ଟରେ ଲାଗିଯାଉଛି, ତେବେ ଖୁଣ୍ଟରେ ଚଢ଼ି ଏହାକୁ କାଢ଼ିବାର ଭୁଲ୍ ଆଦୌ କରନ୍ତୁ ନାହିଁ। ସୂତାକୁ ଛିଣ୍ଡାଇ ଦେବାକୁ ଚେଷ୍ଟା କରନ୍ତୁ, ଯେପରି ତାହା ଅନ୍ୟ କାହାକୁ କ୍ଷତି ନ ପହଞ୍ଚାଇବ।





## କ'ଣ କୁହନ୍ତି ଏମାନେ...

### ସୁରକ୍ଷା ପ୍ରତି ସଜାଗ ରୁହେ



**ସନାତନ ଭୋଇ** (ପୁରୀ)- ଗୁଡ଼ି ଉଡ଼ାଇବାର ମଜା ଯିଏ ଥରେ ପାଇଛି ଶୀତଦିନ ଆସିଲେ ସେ ଗୁଡ଼ି ନ ଉଡ଼ାଇ ରହିପାରିବ ନାହିଁ। ତେଣୁ ପିଲାବେଳୁ ଆମେ ମକର ସଂକ୍ରାନ୍ତି ଆସିଲେ ଗୁଡ଼ି ଉଡ଼ାଇବା ଲାଗି ଚାଉଳଗୁଣ୍ଡ, ମଇଦା, କେନ୍ଦୁଅଠା, କାଚଗୁଣ୍ଡ ଦେଇ ମାଞ୍ଜା ସୂତା ତିଆରି କରୁଥିଲୁ। ହେଲେ ଏହାଦ୍ୱାରା ଅନ୍ୟମାନଙ୍କର କ୍ଷତି ହେଉଥିବାରୁ ଧୀରେ ଧୀରେ ଏହାକୁ ବନ୍ଦ କରି ମାର୍କେଟ୍‌ରେ ମିଳୁଥିବା ସୂତା ନଟେଇ ଆଣି ଗୁଡ଼ି ଉଡ଼ାଉଛୁ। ହେଲେ ଏବେ ମାର୍କେଟ୍‌ରେ ଗୁଡ଼ି ଉଡ଼ାଇବା ଲାଗି ମିଳୁଥିବା ସହଜରେ ନ ଛିଣ୍ଡିବା ଭଳି କେତେକ ଚାଇନିଜ୍ ସିନ୍ଥେଟିକ୍ ଓ ପ୍ଲାଷ୍ଟିକ୍ ସୂତା ମଧ୍ୟ ଅନେକଙ୍କ ପାଇଁ କ୍ଷତିକାରକ ସାଜୁଛି। ତେଣୁ ଏହା ବଦଳରେ କଟନ ଓ ଅନ୍ୟକୁ କ୍ଷତି ନ ପହଞ୍ଚାଇବା ଭଳି ସୂତା ବ୍ୟବହାର କରୁଛି। ସରକାରଙ୍କ ତରଫରୁ ମଣିଷ ଓ ପଶୁପକ୍ଷୀଙ୍କ ସୁରକ୍ଷା ଲାଗି ଲାଗୁ କରାଯାଉଥିବା ବିଭିନ୍ନ ଗାଇଡ୍‌ଲାଇନ୍‌କୁ ନିଜେ ପାଳନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଲାଗି ଅନୁରୋଧ କରୁଛି।

### ମଜା ନ ପାଲଟୁ ସଜା



**ଲକ୍ଷ୍ମୀପ୍ରିୟା ସ୍ୱାଇଁ** (ଛାତ୍ରୀ, ବାଗଲପୁର, କଟକ)- ଥଣ୍ଡା ଥଣ୍ଡା ଖୋଲାପବନରେ ଗୁଡ଼ି ଉଡ଼ାଇବାର ସୁଯୋଗକୁ କିଏ ବା ହାତ ଛଡ଼ା କରିବାକୁ ଚାହେଁ! ହେଲେ ଏହି ମଜା ଯେପରି କାହା ପାଇଁ ସଜା ନ ପାଲଟେ ସେଥିପ୍ରତି ବିଶେଷ ଧ୍ୟାନ ଦିଏ। ତେଣୁ ଘର ପାଖରେ କିମ୍ବା ଇଲେକ୍ଟ୍ରି ଖୁଣ୍ଟ ପାଖରେ ନ ଉଡ଼ାଇ ସାଙ୍ଗସାଥୀଙ୍କ ସହ ଯାଇ ବିଲ କିମ୍ବା ଖୋଲା ପଡ଼ିଆ ଭଳି ଫାଙ୍କା ସ୍ଥାନରେ ଗୁଡ଼ି ଉଡ଼ାଏ। କିଛି ବର୍ଷ ହେବ ଗୁଡ଼ି ସୂତାରେ ଲାଗି ଅନେକଙ୍କର କ୍ଷତ ହେବା ସହ କେତେକଙ୍କ ଜୀବନହାନି ହେବା ଘଟଣା ଶୁଣି ଭାରି ଦୁଃଖ ଲାଗୁଛି। ତେଣୁ ଗୁଡ଼ି ଉଡ଼ାଇବା ଲାଗି ପ୍ଲାଷ୍ଟିକ୍ ଏବଂ କାଚଗୁଣ୍ଡ ଥିବା ମାଞ୍ଜା ସୂତା ଆଦୌ ବ୍ୟବହାର କରୁନାହିଁ।

## ଏ ସପ୍ତାହର ପ୍ରଶ୍ନ ?

୧- କାଜିରଙ୍ଗା ଜାତୀୟ ଉଦ୍ୟାନ (କାଜିରଙ୍ଗା ନ୍ୟାଶନାଲ୍ ପାର୍କ) .......... ରାଜ୍ୟରେ ଅବସ୍ଥିତ ?
୨- ଓ୍ୱାଇଜେ-୨୦ ହାଇପରସୋନିକ ଆଣ୍ଟି-ଶିପ୍ ମିଶାଇଲ୍ ....... ଦେଶ ନିର୍ମାଣ କରିଛି।
୩- ଲେଜିଓନାଇରେସ୍ ରୋଗର କାରକ ........... ?
୪- ଆଇଷ୍ଟେଣ୍ଟ ଦ୍ୱାରା ଭାରତର ପ୍ରଥମ ଥ୍ରିଡି ଫ୍ଲେକ୍ସ ଆଲ୍ଟ୍ରାସ୍ ଆଞ୍ଜିଓଗ୍ରାଫି ବିଶାଳ ...... ହସ୍ପିଟାଲରେ କରାଯାଇଛି ?
୫- ନିକଟରେ ଜିଓ ଟ୍ୟାଗ୍ ପାଇଥିବା ନାଗୌରୀ ଅଶ୍ୱଗନ୍ଧା ..... ରାଜ୍ୟରେ ଦେଖିବାକୁ ମିଳିଥାଏ ?

## ଗତ ଥରର ଉତ୍ତର

୧ ତାମିଲନାଡୁ
୨ ଶିଖର ଧାୱନ
୩ ମିନିଷ୍ଟ୍ରି ଅଫ୍ ଇନ୍‌ଫର୍ମେଶନ୍ ଆଣ୍ଡ ବ୍ରଡ୍‌କାଷ୍ଟିଂ
୪ ଟାଇଟନ୍
୫ ପ୍ରଶାନ୍ତ ମହାସାଗର

## ଉତ୍ତରଦାତା


କିଶୋର ପାଣି, ଭୁବନେଶ୍ୱର


ପ୍ରଭଞ୍ଜନ ପଲାଇ, କଟକ


ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର


ଶ୍ରୀନିବାସ ପଣ୍ଡା, ଗଞ୍ଜାମ

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଉଚ୍ଚା ବିଲ୍ଡିଂ-୨୦୨୫

୧. ବୁର୍ଜ ଖଲିଫା, ଦୁବାଇ.......... ୮୨୮ମିଟର
୨. ମେର୍ଡେକା ୧୧୮, ମାଲେସିଆ.......... ୬୭୯ମିଟର
୩. ସାଙ୍ଘାଇ ଟାୱାର, ଚାଇନା.......... ୬୩୨ ମିଟର
୪. ମକ୍କା ରୟାଲ କ୍ଲକ ଟାୱାର, ସୌଦିଆରବିଆ.......... ୬୦୧ ମିଟର
୫. ପିଙ୍ଗ ଆନ୍ ଫାଇନାନ୍ସ ସେଣ୍ଟର, ଚାଇନା.......... ୫୯୯ ମିଟର
୬. ଗୋଲ୍ଡ ଇନ୍ ଫାଇନାନ୍ସ ୧୧୭, ଚାଇନା.......... ୫୯୭ ମିଟର
୭. ଲଟେ ୱାର୍ଲ୍ଡ ଟାୱାର, ସାଉଥ୍ କୋରିଆ.......... ୫୫୬ ମିଟର
୮. ୱାନ୍ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ଆମେରିକା.......... ୫୪୧ ମିଟର
୯. ଗୁଆଙ୍ଗଝୌ ସିଟିଏଫ୍ ଫାଇନାନ୍ସ ସେଣ୍ଟର, ଚାଇନା.......... ୫୩୦ ମିଟର
୧୦. ତିଆଞ୍ଜିନ୍ ସିଟିଏଫ୍ ଫାଇନାନ୍ସ ସେଣ୍ଟର, ଚାଇନା.......... ୫୨୮ ମିଟର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ-ମେଲ୍ ଠିକଣା: dharitriagamiasha@gmail.com

## ୟୁଥ୍ ଆଲର୍ଟ

# ଷ୍ଟାଇଲିଶ୍ ଗ୍ଲୋଭ୍ସ

**କିଛିଦିନ ହେବ ଶୀତ ବଢ଼ିଯାଇଛି, ଯେଉଁଥିପାଇଁ ଫ୍ୟାଶନ୍ ସହ ସୁରକ୍ଷାକୁ ଆଖିଆଗରେ ରଖି ଯୁବପିଢ଼ିଙ୍କ ବିଭିନ୍ନ ପ୍ରକାରର ଓ୍ୱିଣ୍ଟର ଆଉଟ୍‌ଫିଟ୍‌ରେ ଲାଟେଷ୍ଟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି ହ୍ୟାଣ୍ଡ ଗ୍ଲୋଭ୍ସ...**



**ଲେଦର ଗ୍ଲୋଭ୍ସ:** ଏହି ଗ୍ଲୋଭ୍ସ ଦେଖିବାକୁ ଯେତିକି ଟ୍ରେଣ୍ଡି ଏବଂ ଆଇକନିକ, ପିନ୍ଧିବାକୁ ସେତିକି ଆରାମଦାୟକ। ତେବେ ଯୁବତୀଙ୍କ ଅପେକ୍ଷା ଯୁବକମାନେ ଏହାକୁ ଅଧିକ ପସନ୍ଦ କରିଥା'ନ୍ତି। ଏହା କାଜୁଆଲ୍ ଆଉଟ୍‌ଫିଟ୍ ପାଇଁ ସବୁଠୁ ମଡର୍ନ ଓ ଏଲିଗାଣ୍ଟ ଲୁକ୍ ଦେଇଥାଏ।

**କାଜୁଆଲ୍-ଷ୍ଟାଇଲ୍ ଉଲେନ୍ ଗ୍ଲୋଭ୍ସ:** ଯୁବତୀ ହେଉ ଅବା ଯୁବକ, ରେଗୁଲାର୍ ୱେର୍ ପାଇଁ ଏହି ଗ୍ଲୋଭ୍ସ ସବୁଠୁ ଭଲ। ଏହା ଶସ୍ତା, ସୁନ୍ଦର ଏବଂ ମଜଭୁତ। ଏହା ହାତକୁ ଗରମ ରଖିବା ସହ ସୁନ୍ଦର ବି ଦେଖାଯାଇଥାଏ। ଶୀତଦିନେ ଏହାକୁ ସ୍ୱେଟର, ଜ୍ୟାକେଟ୍ ଆଦି ସହିତ ଆରାମରେ ପିନ୍ଧିପାରିବେ। ମାର୍କେଟ୍‌ରେ ଏହାର ସିଙ୍ଗଲ୍ କଲର, ମଲ୍ଟି କଲର ଡିଜାଇନ୍‌ର ବହୁତ ପ୍ରକାରର କଲେକ୍ସନ ଉପଲବ୍ଧ।

**ଫ୍ୟାଶନେବଲ୍ ଉଲେନ୍ ଗ୍ଲୋଭ୍ସ:** ଏହି ଗ୍ଲୋଭ୍ସ ହାତକୁ ଥଣ୍ଡାରୁ ସୁରକ୍ଷା ଦେବା ସହ ଯେକୌଣସି ଫ୍ୟାଶନେବଲ୍ ଆଉଟ୍‌ଫିଟ୍ ସହିତ ପେୟାର କଲେ ଏଲିଗାଣ୍ଟ ଏବଂ ଟ୍ରେଣ୍ଡି ଲାଗିଥାଏ। ଏହାର ବଟନ୍, ଜିପ୍, ଲେଦର ପ୍ୟାଚ୍, କଲର ବ୍ଲକିଂ ଭଳି ବିଭିନ୍ନ ୟୁନିକ୍ ଡିଜାଇନ୍ ଉଭୟ ଯୁବତୀ ଯୁବକଙ୍କୁ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ। ଅଫିସ୍ ମିଟିଂଠୁ ଆରମ୍ଭ କରି ପାର୍ଟି, ଫଙ୍କସନ୍ ଏବଂ ଆଉଟିଂ ପାଇଁ ଏହା ବେଷ୍ଟ ଅପ୍ସନ୍।

**ଫିଙ୍ଗରଲେସ୍ ଗ୍ଲୋଭ୍ସ:** ଯୁବପିଢ଼ିଙ୍କ ଡିମାଣ୍ଡକୁ ଆଖିଆଗରେ ରଖି ଏହାର ଅନେକ ଭେରାଇଟି ବର୍ତ୍ତମାନ ମାର୍କେଟ୍‌ରେ ଉପଲବ୍ଧ। ବିଶେଷକରି ଉଲେନ୍, ଲେସ୍, ନେଟ୍, ଲେଦର ଆଦି ଅଧିକ ବ୍ୟବହୃତ ହେଉଛି। ଏହା ଅପେକ୍ଷାକୃତ କ୍ଲାସି ମଧ୍ୟ ଦେଖାଯାଉଛି। ଫୋନ୍ ବ୍ୟବହାର କରିବା, ଗାଡ଼ି ଚଲାଇବାରେ ସୁବିଧା ହେଉଥିବାରୁ ଏହାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।



**ଏମ୍ବେଲିସ୍ଡ ଉଲେନ୍ ଗ୍ଲୋଭ୍ସ:** ଏହା ସାଧାରଣ ଗ୍ଲୋଭ୍ସଠୁ ଅଲଗା। କାରଣ ଏଥିରେ ଗ୍ଲୋଭ୍ସ ଉପରେ ଏମ୍ବ୍ରୋଏଡରି, ମୋତି, ଷ୍ଟୋନ୍, କ୍ରିଷ୍ଟାଲ୍ ୱାର୍କ କରାଯାଇଥାଏ; ଯାହାକି ଓ୍ୱିଣ୍ଟର ପାର୍ଟି ୱେର୍ ଯୁବତୀମାନଙ୍କ ପାଇଁ ପର୍ଫେକ୍ଟ ଚଏସ୍।

## ଜାଣନ୍ତୁ ଦୁନିଆ

# ଦାମୀ କୁକୁର

**କୁହାଯାଏ, କୁକୁର ହେଉଛି ମଣିଷର ସବୁଠୁ ବିଶ୍ୱସ୍ତ ପୋଷା ଜୀବ। ଏମାନେ ମାଲିକ ସହ ଯେତିକି ଫ୍ରେଣ୍ଡଲୀ, ଚୋରଠାରୁ ଘରକୁ ସୁରକ୍ଷା ଦେବାରେ ବି ସେତିକି ତତ୍ପର। ସେଥିପାଇଁ ଅଧିକାଂଶ ଲୋକ କୁକୁର ରଖିବାକୁ ପସନ୍ଦ କରନ୍ତି। ତେବେ ଜାଣନ୍ତୁ ସେଭଳି କେତେକ ଲୋକପ୍ରିୟ ଓ ସବୁଠୁ ଦାମୀ କୁକୁରଙ୍କ ବିଷୟରେ...**



**ରେଡ୍ ନୋଜ୍ ପିଟ୍‌ବୁଲ୍ ଟେରିୟର:** ଏହି କୁକୁର ପ୍ରଜାତିର ଜନ୍ମ ଇଂଲଣ୍ଡ କିମ୍ବା ଆୟରଲାଣ୍ଡରେ ହୋଇଥିବା କୁହାଯାଏ। ଏମାନଙ୍କ ଓଜନ ମାଈ କୁକୁର ୧୪ରୁ ୨୭ କିଲୋଗ୍ରାମ ହୋଇଥିବା ବେଳେ ଅଣ୍ଡିରା କୁକୁରର ଓଜନ ୨୦ରୁ ୩୦ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କ ଉଚ୍ଚତା ମଧ୍ୟ ମଧ୍ୟମ ଅର୍ଥାତ୍ ୧୭ରୁ ୨୨ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କ ଦାନ୍ତ ଖୁବ୍ ଶକ୍ତ। ଏମାନେ ବହୁତ ବଳୁଆ ଏବଂ ସାହସୀ ହେବା ସହ ନିଜ ମାଲିକ ପ୍ରତି ସେତିକି ବିଶ୍ୱସ୍ତ ହୋଇଥା'ନ୍ତି। ପିଲାମାନଙ୍କ ସହ ଏମାନେ ଭଲ ଭାବେ ମିଶିଯିବା ସହ ଖୁସିରେ ଖେଳୁଥିବାରୁ ଅଧିକାଂଶ ପରିବାର ଏହାକୁ ପେଟ୍ ଭାବେ ରଖିବାକୁ ପସନ୍ଦ କରନ୍ତି। ତେଣୁ, ଭାରତରେ ଏହା ସବୁଠୁ ଲୋକପ୍ରିୟ ଓ ଦାମୀ କୁକୁର। ଏହାର ଦାମ୍ ୭୫ ହଜାର ଟଙ୍କାରୁ ଆରମ୍ଭ ହୋଇ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।



**ତିବତନ୍ ମାଷ୍ଟିଫ୍:** ହିମାଳୟ ଅଞ୍ଚଳରୁ ଆସିଥିବା ଏହି ବଡ଼ ଆକାରର ଓଥା ପାହାଡ଼ୀ କୁକୁର ପ୍ରଜାତି ମଧ୍ୟ ଅଧିକାଂଶ ଲୋକଙ୍କର ବହୁତ ପ୍ରିୟ ପେଟ୍। ଏମାନେ ନିଜ ସାଙ୍ଗରେ ଅନ୍ୟ ପ୍ରଜାତିର କୁକୁରଙ୍କୁ ରଖିବା ପସନ୍ଦ କରନ୍ତି ନାହିଁ। ଦୁନିଆର ସବୁଠୁ ଦାମୀ କୁକୁର ପ୍ରଜାତି ମଧ୍ୟରେ ଏହାର ନାମ ବି ରହିଛି। ଭାରତରେ ଏହାର ମୂଲ୍ୟ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ରହିଥିବା ବେଳେ ଆଶ୍ଚର୍ଯ୍ୟର କଥା ଯେ, ନିକଟରେ ଚାଇନାରେ ଏହି କୁକୁର ୧ କୋଟି ୨୫ ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲା।

**ଆଲାସ୍କା ମାଲମ୍ୟୁଟ୍:** ଏହି ପ୍ରଜାତି ଖୁବ୍ ବଡ଼ ଏବଂ ଶକ୍ତିଶାଳୀ ମଧ୍ୟ ହୋଇଥା'ନ୍ତି। ଏମାନେ ଗରମ ଜାଗା, ଆପାର୍ଟମେଣ୍ଟ ଭଳି ଜାଗାରେ ରହିବାକୁ ପସନ୍ଦ କରନ୍ତି ନାହିଁ। କାରଣ ଏମାନଙ୍କୁ ବାହାରେ ଖେଳିବା, ଦୌଡ଼ିବା ଆଦି ଭାରି ପସନ୍ଦ। ଏମାନେ ଶାନ୍ତ ଏବଂ ଫ୍ରେଣ୍ଡଲୀ ହୋଇଥା'ନ୍ତି। ତେଣୁ ଲୋକେ ଏହାକୁ ପେଟ୍ ଭାବେ ରଖିବାକୁ ଭଲପାଆନ୍ତି। ଏହାର ଦାମ୍ ୨ ଲକ୍ଷରୁ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।





**ଆଫଗାନ୍ ହାଉଣ୍ଡ:** ଏହି ପ୍ରଜାତି କୁକୁରଙ୍କ ଶରୀର ପତଳା ଏବଂ ବେକ ଲମ୍ବା। ଦେହରେ ଲମ୍ବା ସିଲ୍କ ଲୋମ ଥିବାରୁ ଏମାନେ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଲାଗିଥାଆନ୍ତି। ଏମାନେ ବହୁତ ଶାନ୍ତ। ଏହି କୁକୁର ପ୍ରଜାତି ଗ୍ରେ ଡଗ୍‌ଠାରୁ ଉତ୍ପନ୍ନ କରାଯାଇଛି। ଆମ ଦେଶରେ ଏହି କୁକୁରର ଦାମ ପ୍ରାୟ ୧.୫ ଲକ୍ଷରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜାନୁଆରୀ ୧୧/୨୦୨୬ Bhubaneswar, Sunday, January 11/ 2026



କେନ୍ଦୁଝର ଜିଲା କାଞ୍ଜିପାଣି ଘାଟିରେ ଶନିବାର ପ୍ରବଳ ଥଣ୍ଡା ଯୋଗୁ ବରଫ ସଦୃଶ ଆସ୍ତରଣ ପଡ଼ିଛି। (ଫଟୋ-ନରେଶ ଚନ୍ଦ୍ର ପଟ୍ଟନାୟକ)

# ୨୫ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

## ସୁନ୍ଦର ସମ୍ବଲପୁର ଅଧିକ ସୁନ୍ଦର ହେବ

**ସମ୍ବଲପୁର,୧୦।୧(ପ୍ରମୋଦ ବହିଦାର)**

ସମ୍ବଲପୁରର ବିକାଶ ରାଜ୍ୟର ସନ୍ତୁଳିତ ବିକାଶ ଓ ସୁଶାସନର ଅଭିନ୍ନ ଅଙ୍ଗ। ସୁନ୍ଦର ସମ୍ବଲପୁର ଆହୁରି ସୁନ୍ଦର ହେବ। ୨ଦିନିଆ ସମ୍ବଲପୁର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଅପରାହ୍ନରେ ବୁର୍ଲାସ୍ଥିତ ପିଏମ୍‌ଶ୍ରୀ ବିଦ୍ୟାଳୟରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ଏହି ଅବସରରେ ସେ ପ୍ରାୟ ୯୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ୨୫ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଥିରେ ମା' ସମଲେଇ ମନ୍ଦିରର ବିକାଶ ସହିତ ମହାନଦୀ ରିଭର ଫ୍ରଣ୍ଟ ନିର୍ମାଣ, ଗୋପାଳଜୀ ମଠର ବିକାଶ ସ୍ୱରୂପ ଦୀପ ଘର, ପାର୍କିଂ ସୁବିଧା, ଭକ୍ତ ନିବାସ, ଲେକ୍‌ଜୋନ୍, ଦୋକାନ ଗୃହ, ଫୁଡ୍ ପାର୍କ, ପ୍ରବେଶ ପଥ ବିକଶିତ କରାଯିବା ଯୋଜନା ରହିଛି, ଯାହା ସମ୍ବଲପୁର ଜିଲାର ବିକାଶ ଯାତ୍ରାରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଠାରେ ଆୟୋଜିତ ସାଧାରଣ ସଭା ପରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ସମ୍ବଲପୁରର ବିକାଶଧାରାକୁ ଅବ୍ୟାହତ ରଖିବା ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ନୂତନ ଭାଜପା ସରକାର କ୍ଷମତାକୁ ଆସିବା ପରେ ସମସ୍ତ ୩୦ ଜିଲାରେ ଶିଳ୍ପ ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖିଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ହେବାକୁ ଥିବା ପ୍ରାୟ ୧୮ ଲକ୍ଷ କୋଟି ଟଙ୍କା ରାଜ୍ୟର ସମସ୍ତ ଜିଲାକୁ ଶିଳ୍ପସମୃଦ୍ଧ ଜିଲାରେ ପରିଣତ କରିବ। ଏଥିରେ ସମ୍ବଲପୁର ଜିଲାର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ବିଗତ ଦିନରେ ସମ୍ବଲପୁରଠାରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି ଓ ଏହାର ତ୍ୱରିତ ସମାଧାନ ପାଇଁ ଅବଶ୍ୟକ ପଦକ୍ଷେପ ଆମକୁ ଜନତାଙ୍କ ଆହୁରି ନିକଟତର କରି ଦେଉଛି। ଆମ ଶାସନ କେବଳ ଭୁବନେଶ୍ୱରରୁ ଅଫିସର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରୁ ପରିଚାଳିତ ହୁଏ ନାହିଁ। ସରକାରଙ୍କ ନୀତି ନିୟମରେ ଯଦି କିଛି ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୁଏ, ତାକୁ ଆମେ ନିଜ ସମ୍ମାନର ସହିତ ସ୍ୱୀକାରକରି ଆବଶ୍ୟକ ସଂଶୋଧନ କରିବା ପାଇଁ ଚେଷ୍ଟା କରି ଆସିଛୁ ଓ ଆଗକୁ ମଧ୍ୟ ଏହି ଧାରା ବଜାୟ ରହିବ।

ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁରକୁ ପ୍ରଗତିପଥରେ ଆଗେଇନେବା ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। ଏଠାରେ ପ୍ରତିଟି ଲୋକଙ୍କ ମୁହଁରେ ପ୍ରତିଫଳିତ ହୋଇଛି ବୋଲି ସେ କହିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ, ଡବଲ ଇଞ୍ଜିନ ସରକାର ଡବଲ ବିକାଶର ପ୍ରତିଶ୍ରୁତି ପୂରଣ କରୁଛି, ଯାହା ଜିଲା ବା ସହରରେ ସୀମିତ ନୁହେଁ ବରଂ ରାଜ୍ୟର ପ୍ରତ୍ୟେକଟି ଗାଁକୁ ବିକଶିତ କରିବା ପାଇଁ ଆମ ସରକାରଙ୍କ ସଙ୍କଳ୍ପବଦ୍ଧ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଆର୍‌ଡିସି ସଚିନ୍ ରାମଚନ୍ଦ୍ର ଯାଧବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ସମ୍ବଲପୁର ମହାନଗତ ନିଗମ ଅଯୁକ୍ତ ରେହାନ ଖତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମାଝୀ ଶନିବାର ସ୍ଥାନୀୟ ଅଶୋକ ନିବାସରେ ରାତ୍ରିଯାପନ କରିବା ପରେ ରବିବାର ତାଙ୍କ ସମ୍ବଲପୁର ଗସ୍ତର ଦ୍ୱିତୀୟ ଦିବସରେ ଆଉ କେତେକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି।



ବୁର୍ଲା ପିଏମ୍‌ଶ୍ରୀ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମୋଟ୍ ଚିପି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ।

# ରାଇପଦାରେ ବାଘ ଆତଙ୍କ

## ଜଙ୍ଗଲକୁ ନ ଯିବାକୁ ସତର୍କ କଲା ବନବିଭାଗ

**ଜି.ଉଦୟଗିରି,୧୦।୦୧**
**(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)**

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ମୁଣ୍ଡାମାଲାଙ୍ଗ ନିକଟରେ ଏକ ଚିତାବାଘ ବୁଲୁଥିବା ଜଣାପଡିଛି। ବାଘଟି ବୁଲୁଥିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏହା ପ୍ରଚାର ହୋଇଯିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ତେବେ ବନବିଭାଗ ଲୋକଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ ଦେଇଛି।

ଖବରରୁ ଜଣାପଡ଼ିଛି, କଳିଙ୍ଗା ନିବାସୀ ରାଧାମୋହନ ସାହୁଙ୍କ ମୁଣ୍ଡାମାଲାଙ୍ଗରେ ଏକ ବଗିଚା ରହିଛି। ଏଥିରେ ସେ ଚାଷ କରନ୍ତି। ବଗିଚାକୁ ପାଣି ମଡାଇବାକୁ ରାଧାମୋହନ ଏକ ପାଣି ପମ୍ପ ଫିଟିଂ କରିଛନ୍ତି। ପାଣି ପମ୍ପର ସୁରକ୍ଷା ଲାଗି ସେଠାରେ ଏକ ସିସିଟିଭି କ୍ୟାମେରା ସେ ଲଗାଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ମୁଣ୍ଡାମାଲାଙ୍ଗ ନିକଟରେ ଏକ ଚିତାବାଘ ବୁଲୁଥିବା ବେଳେ ସେହି କ୍ୟାମେରାରେ କଏଦ ହୋଇଛି। ସକାଳେ ଏହି ଦୃଶ୍ୟ ଦେଖି ରାଧାମୋହନ କଳିଙ୍ଗା ଅଞ୍ଚଳର ସାମାଜିକ କର୍ମୀ ଆମନ ଚନ୍ଦ୍ର ନାୟକଙ୍କୁ କହି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କଳିଙ୍ଗା ପରେ ବାଘଟି ବର୍ତ୍ତମାନ ପୁକୁଲିଙ୍ଗିଆ ଓ ରାଇପଦା ଅଞ୍ଚଳର ଜଙ୍ଗଲରେ ବୁଲୁଥିବା ଜଣାପଡ଼ିଛି। ବାଘର ଗତିବିଧି ଉପରେ ନଜର ରଖି ତାକୁ ଟ୍ରାକିଂ କରୁଥିବା ବନ ବିଭାଗ କର୍ମଚାରୀ କହିଛନ୍ତି। ତେବେ ଜି.ଉଦୟଗିରି ଫରେଷ୍ଟର ପ୍ରଶାନ୍ତ ସାହୁ, ଫରେଷ୍ଟ ଗାର୍ଡ ମନୋଜ ମହାପାତ୍ର, ରଶ୍ମିତା ବାକ୍ସିଙ୍କ ସହ ପାରା କର୍ମଚାରୀ ଘଟଣା ସ୍ଥଳରେ ଉପସ୍ଥିତ ରହି ବାଘର ଗତିବିଧି ଉପରେ ନଜର ରଖିଛନ୍ତି।



ମୁଣ୍ଡାମାଲାଙ୍ଗ ନିକଟରେ ବୁଲୁଥିବା ଚିତା ବାଘ।

# ଏଏପିଆଇ ଗ୍ଲୋବାଲ ହେଲ୍‌ଥକେୟାର ସମିଟ୍ ଉଦ୍‌ଘାଟିତ

## ଯୋଗଦେଲେ ଦୁଇଦେଶର ୧୧୦ରୁ ଉର୍ଦ୍ଧ୍ୱ ଡାକ୍ତର

**ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)**

ଆମେରିକାନ୍ ଆସୋସିଏଶନ ଅଫ୍ ଇଣ୍ଡିଆନ ଅରିଜିନ ବା ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ (ଏଏପିଆଇ) ପକ୍ଷରୁ କିମ୍ସରେ ୧୯ତମ ଗ୍ଲୋବାଲ ହେଲ୍‌ଥ କେୟାର ସମିଟ୍ ୨୦୨୬ ଶନିବାର ଉଦ୍‌ଘାଟିତ ହୋଇଛି। ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ୧୧୦ରୁ ଉର୍ଦ୍ଧ୍ୱ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଯୋଗଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ କହିଲେ, ଅନ୍ତର୍ଜାତୀୟ ଚିକିତ୍ସା ସହଯୋଗ ଓ ଜ୍ଞାନ ବିନିମୟକୁ ଆଗକୁ ବଢ଼ାଇବା କ୍ଷେତ୍ରରେ ଏଭଳି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଏହି ଅବସରରେ କିଟ୍, କିସ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏଏପିଆଇ ପକ୍ଷରୁ ଅଚ୍ୟୁତଙ୍କୁ ସମ୍ମାନିତ କରାଯାଇଥିଲା। ଏଏପିଆଇ ସଭାପତି ତଥା ଏଏପିଆଇ ଜିଏଚ୍‌ଏସ୍ ଅଧ୍ୟକ୍ଷ ଡା. ଅମିତ ଚକ୍ରବର୍ତ୍ତୀ, ଫିଜିସିଆନ୍ସ ଅଫ୍ ଆମେରିକାର ସଭାପତି ଡା. ଅତଶୁ ନାୟକ, କିଟ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଆର୍. ସି. ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କିମ୍ସ ମହାନିର୍ଦ୍ଦେଶକ ଡା. ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# କଥାଶିଳ୍ପୀ ବିଜୟ ନାୟକଙ୍କ 'ଅରଣ୍ୟ ରୋଦନ' ଲୋକାର୍ପିତ

**ଭୁବନେଶ୍ୱର, ୧୦।୧ (ବନ୍ଦନା ସେଠୀ)**

ନୂଆଦିଲ୍ଲୀଠାରେ ବିଶ୍ୱ ପୁସ୍ତକ ମେଳାର ଥିମ୍ ମଣ୍ଡପଠାରେ କଥାଶିଳ୍ପୀ ବିଜୟ ନାୟକଙ୍କ ହିନ୍ଦୀ ଗଳ୍ପ ସଂକଳନ 'ଅରଣ୍ୟ ରୋଦନ' ଲୋକାର୍ପିତ ହୋଇଯାଇଛି। ଏନ୍.ବି.ଟି. ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସ୍ପେନର ସଂସ୍କୃତି ମନ୍ତ୍ରୀ ଏର୍ଣ୍ଣେଷ୍ଟ ଉର୍ଟାସୁନ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ନୂଆଦିଲ୍ଲୀର ପ୍ରଲେଖ ପ୍ରକାଶନ ପକ୍ଷରୁ ପ୍ରକାଶିତ ଏହି ଗଳ୍ପ ସଙ୍କଳନରେ ୨୧ଟି ଗଳ୍ପ ସ୍ଥାନ ପାଇଛି। ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁବାଦିତ ଗଳ୍ପଗୁଡ଼ିକ ବିଭିନ୍ନ ହିନ୍ଦୀ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକପାଠିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ନାୟକଙ୍କ ଗଳ୍ପଗୁଡ଼ିକର ଭୂମି ସ୍ଥାନୀୟ, କିନ୍ତୁ ଭାବ ବୈଶିକ ହୋଇଥିବାରୁ ପୁସ୍ତକଟି ସର୍ବଭାରତୀୟସ୍ତରରେ ଆଦୃତ ହେବ ବୋଲି ପୁସ୍ତକାର୍ପଣ ଅବସରରେ ମତପ୍ରକାଶ ପାଇଛି। ଉତ୍ସବରେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ସଚିବ ବିନୀତ ଯୋଶୀ, ଏନ.ବି.ଟି. ଅଧ୍ୟକ୍ଷ ମିଲିନ୍ଦ ସୁଧାକର ମରାଠେ, ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ, ଜ୍ଞାନରଞ୍ଜନ ନନ୍ଦ, ସୁରତ ମହନ୍ତ, ପ୍ରମୋଦ ସର, ରାମଚନ୍ଦ୍ର ନାଥ, ସଂଗ୍ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



MADE WITH PRIDE IN INDIA | CUSTOMER CARE NO 080-6000 4411 | Shop Online on judgeappliances.com
*ସର୍ତ୍ତାବଳୀ ପ୍ରଯୁଜ୍ୟ । ଷ୍ଟାଇକ୍ ଅଫ୍ ମୂଲ୍ୟଗୁଡ଼ିକ ଏମ୍.ଆର୍.ପି.କୁ (କର ସହିତ) ସୂଚିତ କରେ । ତଳେ ଦିଆଯାଇଥିବା ମୂଲ୍ୟଗୁଡ଼ିକ ଅଫର୍ ମୂଲ୍ୟ ପ୍ରତିଫଳିତ କରେ । ବ୍ୟାଙ୍କ, ଏକ୍ସଚେଞ୍ଜ ଅଥବା କୁପନ୍ ଅଫର୍ ସହିତ ଏହି ଅଫର୍ ଅନ୍ୟାନ୍ୟ ପ୍ରମୋସନ୍ ଉପରେ ବୈଧ ନୁହେଁ । ସମଗ୍ର ଭାରତରେ ଷ୍ଟକ୍ ଥିବା ପର୍ଯ୍ୟନ୍ତ ବଛା ବଛା ମଡେଲ୍ ଉପରେ ବୈଧ । ACE ନନ୍-ଷ୍ଟିକ୍ 3 ପିସ୍ ସେଟ୍ ମଧ୍ୟରେ ରହିଛି: ଫ୍ରାଇ ପ୍ୟାନ୍ 20 cm, ଓମନି ତାୱା 25 cm, ଏବଂ 20 cm ଲିଡ୍ ସହିତ କଢ଼େଇ । ଜଜ୍ ହେଉଛି ଭାରତରେ ହରଓ୍ୱଡ୍ ହୋମ୍‌ୱେୟାର୍ସ ଲିମିଟେଡ୍‌ର ଏକ ରେଜିଷ୍ଟର୍ଡ ଟ୍ରେଡମାର୍କ । ସମ୍ପୂର୍ଣ୍ଣ ନିୟମ ଓ ସର୍ତ୍ତାବଳୀ ପାଇଁ ଆମର ନିକଟବର୍ତ୍ତୀ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍/ଡିଲର ଆଉଟ୍‌ଲେଟ୍‌କୁ ଯାଆନ୍ତୁ । କେବଳ ବଛା ବଛା ପ୍ରଡକ୍ଟ ଉପରେ ହିଁ 55% ପର୍ଯ୍ୟନ୍ତ ରିହାତି ପ୍ରଯୁଜ୍ୟ ଏବଂ ଉପଲବ୍ଧତାର ଉପରେ ନିର୍ଭର କରେ । ଏହି ଅଫର୍ 13 ଡିସେମ୍ବର, 2025ରୁ 20 ଜାନୁଆରୀ 2026 ପର୍ଯ୍ୟନ୍ତ ବୈଧ ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ରବିବାର, ଜାନୁଆରୀ ୧୧/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 11/2026 | Page 16 | ₹ 7.00 | BALASORE
୫୨ଶ ଭାଗ ୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 49 | ମୂଲ୍ୟ ₹୭/-

# ସମ୍ବଲପୁରରେ ଗଡ଼ିଲା ଇ–ବସ୍

## ପ୍ରଦୂଷଣ ନିୟନ୍ତ୍ରଣରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ



ସମ୍ବଲପୁର ରିଭରଫ୍ରଣ୍ଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଇ–ବସ୍ ସେବାର ଉଦ୍‌ଘାଟନ କରୁଛନ୍ତି।

**ସମ୍ବଲପୁର,୧୦।୧ (ପ୍ରମୋଦ ବହିଦାର)**

ଯାତ୍ରୀଙ୍କ ସୁରକ୍ଷିତ ଓ ସୁଲଭ ମୂଲ୍ୟରେ ଯାତ୍ରା ପାଇଁ ଶନିବାର ସମ୍ବଲପୁରରେ ଇ–ବସ୍ ସେବା ଶୁଭାରମ୍ଭ ହୋଇଛି। ଚଳିତମାସ ଶେଷସୁଦ୍ଧା ସମ୍ବଲପୁରରେ ଚାଲିବ ୫୦ଟି ନୂତନ ଇ–ବସ୍। ସମ୍ବଲପୁରଠାରେ ଶନିବାର ୨୫ଟି ନୂତନ ଇ–ବସ୍ ଚଳାଚଳ ଓ ପୁନଃ ବିକଶିତ ଅତ୍ୟାଧୁନିକ ବସ୍ ଟର୍ମିନସ୍‌ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ମା' ସମଲେଶ୍ୱରୀ ମନ୍ଦିର ନିକଟ ମହାନଦୀ ପାର୍ଶ୍ୱସ୍ଥ ରିଭରଫ୍ରଣ୍ଟରେ ଆୟୋଜିତ ଇ–ବସ୍ ସେବାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମାଝୀ ପତାକା ଦେଖାଇ ନୂତନ ଇ–ବସ୍‌ଗୁଡ଼ିକର ଯାତ୍ରା ଅନୁକୂଳ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ବଲପୁରରେ ପରିବେଶ ଅନୁକୂଳ ଇ–ବସ୍ ସେବା ସହରରେ ପ୍ରଦୂଷଣ ନିୟନ୍ତ୍ରଣରେ ବିଶେଷ ସହାୟକ ହେବ। ଏଥିରେ ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳରେ ଜନସାଧାରଣଙ୍କ ଗମନାଗମନକୁ ଅଧିକ ସୁଗମ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଯାତ୍ରା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୫ଟି ଇ–ବସ୍‌ର ଶୁଭାରମ୍ଭ ହୋଇଛି। ଚଳିତମାସ ଶେଷ ସୁଦ୍ଧା ସମ୍ବଲପୁରରେ ଆହୁରି ୨୫ଟି ନୂତନ ଇ–ବସ୍ ମିଶି ମୋଟ ୫୦ଟି ଇ–ବସ୍ ଚଳାଚଳ କରିବ। ଫଳରେ ଅଧିକ ରୁଟ୍‌ରେ ଇ–ବସ୍ ଚଳାଚଳ କରିବ। ଏହି ବସ୍‌ରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପ୍ରବେଶ ଓ ପ୍ରସ୍ଥାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ହ୍ୱିଲ୍ ଚେୟାର ଉପଲବ୍ଧ ରହିଛି। ଏଥିରେ ଯାତ୍ରା କଲେ ସେମାନଙ୍କୁ ସ୍ୱତନ୍ତ୍ର ରିହାତି ଦିଆଯିବା ସହିତ ସମସ୍ତ ଯାତ୍ରୀଙ୍କୁ ଡିଜିଟାଲ ପେମେଣ୍ଟର ସୁବିଧା ମିଳିବ। କ୍ୟାପିଟାଲ ରିଜିଓନ ଅର୍ବାନ୍ ଟ୍ରାନ୍ସପୋର୍ଟ (ସିଆରୟୁଟି) ଏହାର ପରିଚାଳନା ଦାୟିତ୍ୱରେ ରହିବ। ତେବେ ଇ–ବସ୍ ସେବା ପାଇଁ ସମ୍ବଲପୁରଠାରେ ପ୍ରାୟ ୧.୫ ଏକର ପରିମିତ ଅଞ୍ଚଳରେ ବସ୍ ଚାର୍ଜିଂ କେନ୍ଦ୍ର ତଥା ଅତ୍ୟାଧୁନିକ ଆନୁଷଙ୍ଗିକ ବ୍ୟବସ୍ଥା ଖଚିତ ବସ୍ ଟର୍ମିନସ୍‌କୁ ବିକଶିତ କରାଯାଇଛି। ଆଗାମୀ ୧୦ ବର୍ଷ ପାଇଁ ଏହି ଇ–ବସ୍‌ର ରକ୍ଷଣାବେକ୍ଷଣ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସ୍ୱରୂପ ରାଜ୍ୟ ସରକାରଙ୍କ ପକ୍ଷରୁ ୨୩୮ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମଞ୍ଚରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରୀ, ଏସ୍‌ପି ମୁକେଶ କୁମାର ଭାମୁ ଉପସ୍ଥିତ ଥିଲେ।

# ଆନ୍ଦୋଳନରତ ଚାଷୀଙ୍କୁ ଉଠାଇନେଲା ପୋଲିସ



ଅତାବିରାରେ ଆନ୍ଦୋଳନରତ ଚାଷୀଙ୍କୁ ପୋଲିସ ଉଠାଇନେଉଛି।

## ଧାନବିକ୍ରି ଅବ୍ୟବସ୍ଥାର ପ୍ରତିବାଦ

**ବରଗଡ଼/ଅତାବିରା,୧୦।୧ (ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ସପ୍ତାକେ ପରେ ୨ ମାସ ପୂରିବ। କିନ୍ତୁ ଏପର୍ଯ୍ୟନ୍ତ ଧାନବିକ୍ରି ଅବ୍ୟବସ୍ଥା ଲାଗି ରହିଛି। ଜିଲାର ଅନେକ ଚାଷୀ ଏବେ ସୁଦ୍ଧା ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଥିବାବେଳେ ବହୁଚାଷୀଙ୍କୁ ଟୋକନ ମିଳିପାରି ନାହିଁ। ସେହିପରି ମଣ୍ଡିରେ ଧାନ ଉଠାଣ ବିଳମ୍ବ ହେଉଥିବା ବେଳେ କଟ୍‌ନୀଛଟ୍‌ନୀ ଜୋର୍ ଧରିଥିବା ଚାଷୀମାନେ ଅଭିଯୋଗ କରିଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରି ଜିଲାର ଚାଷୀମାନେ ତାତି ଉଠିଛନ୍ତି। ଶନିବାର ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନ ପକ୍ଷରୁ ଅତାବିରା ମଣ୍ଡି ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଚାଷୀ ମଣ୍ଡି ସମ୍ମୁଖ ୫୩ ନମ୍ବର ଜାତୀୟ ରାଜପଥକୁ ଆସି କିଛି ସମୟ ଧରି ☞ପୃଷ୍ଠା–୬

DSPL-454
ପୋଷଣ ଅଭିଯାନ
ଓଜନ ଉତ୍ସବ ୨୦୨୫-୨୬
(ଦ୍ୱିତୀୟ ପର୍ଯ୍ୟାୟ)
୧-୨୫ ଜାନୁଆରୀ ୨୦୨୬

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ଜାନୁଆରୀ ୧ ରୁ ୨୫ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ବିଭାଗର ସହଭାଗିତାରେ **"ଓଜନ ଉତ୍ସବ"** ଆୟୋଜନ କରାଯାଉଅଛି
- ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ରରେ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପ କରାଇବାକୁ ଅନୁରୋଧ
- ଅପହଞ୍ଚ/ ଦୁର୍ଗମ ଅଞ୍ଚଳରେ ଶତ ପ୍ରତିଶତ ଶିଶୁଙ୍କ ଓଜନ ଏବଂ ଉଚ୍ଚତା ଆକଳନ ସୁନିଶ୍ଚିତ କରାଯିବ
- ଶିଶୁଙ୍କ ପୌଷ୍ଟିକ ସ୍ଥିତି ଅନୁଯାୟୀ ପୁଷ୍ଟି ପୁନର୍ବାସ କେନ୍ଦ୍ର (ଏନ୍.ଆର୍.ସି)ରେ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ପୂର୍ଣ୍ଣ ଆହାର କାର୍ଯ୍ୟକ୍ରମର ଲାଭ ନିଅନ୍ତୁ

ସହାୟତା ନମ୍ବର
ପୁଲିସ୍ ହେଲ୍ପଲାଇନ୍ ୧୧୨
ମହିଳା ହେଲ୍ପଲାଇନ୍ ୧୮୧
ପୋଷଣ ହେଲ୍ପଲାଇନ୍ ୧୫୧୫
ଶିଶୁ ହେଲ୍ପଲାଇନ୍ ୧୦୯୮
ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
OIPR-

# ଆର୍ଥିକ ସ୍ୱାବଲମ୍ବନ ଓ ସ୍ୱାୟତ୍ତତା ହାସଲ ଲାଗି ଆତ୍ମନିର୍ଭର ହେଉଛି ଭାରତ : ଶକ୍ତିକାନ୍ତ ଦାସ



ବିବେକ ଦେବରାୟ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଓ ପ୍ରବୀଣ ଲେଖକ ଥିଲେ। ସେ ଭାରତକୁ ଯୋଜନା ଆଧାରିତ ଅର୍ଥ ବ୍ୟବସ୍ଥାରୁ ବଜାର ଆଧାରିତ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ବିବେକ ଦେବରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ କହିଛନ୍ତି, ସ୍ୱର୍ଗତ ଦେବରାୟ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ, ନୀତି ଆୟୋଗ ସଦସ୍ୟ ଭଳି ବହୁ ପ୍ରମୁଖ ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କର କାର୍ଯ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୀର୍ଘକାଳୀନ ଅଭିବୃଦ୍ଧି, ରଣନୀତି ଓ ନୀତିଗତ ସଂସ୍କାରକୁ ପ୍ରଭାବିତ କରିଥିଲା। ସେ ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରଣକାରୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥିଲେ । ଏଥିସହ ଅର୍ଥନୀତି, ଆଇନ ଓ ସାହିତ୍ୟରେ ତାଙ୍କର ଲେଖନୀ ଚଳଚଞ୍ଚଳ ଥିଲା। କେବଳ ଅର୍ଥନୀତି ନୁହେଁ ; ବେଦ, ରାମାୟଣ, ମହାଭାରତ ଏବଂ ଭଗବଦ୍ ଗୀତା ଉପରେ ମଧ୍ୟ ସେ ଅନେକ ପ୍ରଭାବୀ ଲେଖା ଲେଖିଯାଇଛନ୍ତି। ସାହିତ୍ୟ, ଶିକ୍ଷା ଏବଂ ଜନନୀତି କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ୨୦୨୫ରେ ମରଣୋତ୍ତର ଭାବେ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ 'ଭାରତୀୟ ଅର୍ଥ ବ୍ୟବସ୍ଥା ; ବର୍ଦ୍ଧିତ ବିଶ୍ୱସନୀୟତାର ଏକ କାହାଣୀ ଶୀର୍ଷକ'' ବିଷୟବସ୍ତୁ ଉପରେ ମତ ରଖି ଶକ୍ତିକାନ୍ତ କହିଛନ୍ତି, ବର୍ତ୍ତମାନ ଆମେ ଏପରି ଏକ ବିନ୍ଦୁରେ ଛିଡ଼ା ହୋଇଛୁ, ଯେଉଁଠି ପରିବର୍ତ୍ତିତ ଭୂରାଜନୈତିକ ଏବଂ ବାଣିଜ୍ୟ ନୀତି ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଏକ ନୂଆ ଆକାର ଦେଉଛି। ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ଆତ୍ମସୁରକ୍ଷା ଏବଂ ବିଭାଜନ କାରଣରୁ ବିଶ୍ୱବ୍ୟାପୀ ଅସ୍ଥିରତା ସୃଷ୍ଟି ହୋଇଛି। ସେମିକଣ୍ଡକ୍ଟର, ବିରଳ ମୃତ୍ତିକା, ଶକ୍ତି ଏବଂ ଔଷଧ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ବର୍ତ୍ତମାନ ପ୍ରଭାବ ବିସ୍ତାର କରିବାର ଉପକରଣ ରୂପେ ବ୍ୟବହାର କରାଯାଉଛି। ଏହା ବିଶ୍ୱରେ ଅନିଶ୍ଚିତତା ସୃଷ୍ଟି କରିବା ସହିତ ବାଣିଜ୍ୟିକ ମାନ୍ଦାବସ୍ଥାକୁ ଡାକିଆଣିଛି। ଭାରତ ଏହି ବାସ୍ତବତାକୁ ସ୍ୱୀକାର କରି ଏକ ସହଯୋଗୀ ତଥା ନିୟମ ଆଧାରିତ ବିଶ୍ୱ ବ୍ୟବସ୍ଥାକୁ ସମର୍ଥନ କରୁଛି। ନିଜ ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହିତ ସହଭାଗିତା ଓ ରଣନୀତି ପ୍ରସ୍ତୁତ କରୁଛି। ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇଲେ ସୁଦ୍ଧା ବହୁପାକ୍ଷିକ ବ୍ୟବସ୍ଥାକୁ ପୁନର୍ଜୀବିତ କରିବାକୁ ଭାରତ ସମର୍ଥନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଭାରତ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣକୁ ଗ୍ରହଣ କରିଛି। ଆତ୍ମନିର୍ଭରଶୀଳତାର ଅର୍ଥ ବିଚ୍ଛିନ୍ନତା ନୁହେଁ, ବରଂ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଓ ପ୍ରଯୁକ୍ତିବିଦ୍ୟା ଉତ୍ପାଦନର କ୍ଷମତା ହାସଲ କରିବା। ଏହା ବିଦେଶୀ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବ। କୋଭିଡ୍ ମହାମାରୀ, ୟୁକ୍ରେନ ସଂଘର୍ଷ, ବିଶ୍ୱ ଦରବୃଦ୍ଧି, ନିମ୍ନ ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ଆର୍ଥିକ ଅସ୍ଥିରତା ସତ୍ତ୍ୱେ ଭାରତୀୟ ଅର୍ଥ ବ୍ୟବସ୍ଥା ସ୍ଥିର ରହିଛି ଏବଂ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ରୂପେ ଉଭା ହୋଇଛି। ସ୍ଥିର ଘରୋଇ ଉପଯୋଗ ଏବଂ ନିବେଶ ଦ୍ୱାରା ଭାରତୀୟ ଅର୍ଥ ବ୍ୟବସ୍ଥା ୮.୨ ପ୍ରତିଶତରୁ ଅଧିକ ବିକାଶ ହାର ହାସଲ କରିପାରିଛି। ୨୦୨୫-୨୬ରେ ବାସ୍ତବ ଜିଡିପି ୭.୪ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି। ଏହା ବ୍ୟତୀତ, ୨୦୨୫-୨୬ରେ ବିଶ୍ୱ ଜିଡିପି ଅଭିବୃଦ୍ଧିରେ ଭାରତ ପ୍ରାୟ ୧୮ ପ୍ରତିଶତ ଯୋଗଦାନ ଦେବ ବୋଲି ଆକଳନ କରାଯାଇଛି। ଚତୁର ମୁଦ୍ରା ନୀତି ପରିଚାଳନା ଯୋଗୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ଅକ୍ଟୋବର ୨୦୨୫ରେ ସିପିଆଇ ମୁଦ୍ରାସ୍ଫୀତି ୦.୨୫ ପ୍ରତିଶତର ସର୍ବନିମ୍ନ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଭାରତ ଖୁବ୍ ଦକ୍ଷତାପୂର୍ଣ୍ଣ ଭାବେ ଆର୍ଥିକ ପରିଚାଳନା ମଧ୍ୟ କରୁଛି।

ଢାଞ୍ଚାଗତ ସଂସ୍କାର କାରଣରୁ ଭାରତ ସ୍ଥିର ଅଭିବୃଦ୍ଧି ହାସଲ କରିଛି ଏବଂ ଏହାର ବିଶ୍ୱସନୀୟତା ମଧ୍ୟ ବୃଦ୍ଧି ପାଉଛି। ଜିଏସ୍‌ଟି ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ସେହିପରି ରେରା ଆଇନ ରିଅଲ ଇଷ୍ଟେଟ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବା ସହିତ ଉପଭୋକ୍ତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିଛି। ୨୯ଟି ଶ୍ରମ ଆଇନକୁ ଚାରିଟି ଶ୍ରମ ସଂହିତାରେ ଏକୀକୃତ କରାଯାଇ ଶ୍ରମିକଙ୍କୁ ଉପଯୁକ୍ତ ମଜୁରି, ମହିଳା ଶ୍ରମିକଙ୍କ ଅଂଶଗ୍ରହଣ, ସାମାଜିକ ସୁରକ୍ଷା, ଶିଳ୍ପ ସମ୍ପର୍କ ଏବଂ ବୃତ୍ତିଗତ ନିରାପତ୍ତା ସୁନିଶ୍ଚିତ କରାଯାଇଛି। ୧୪ଟି ପ୍ରମୁଖ କ୍ଷେତ୍ରରେ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା ଉତ୍ପାଦନ ବୃଦ୍ଧି କରିଛି। ଏହାବ୍ୟତୀତ ମେକ୍ ଇନ ଇଣ୍ଡିଆ, ଜାତୀୟ ଭିତ୍ତିଭୂମି ପାଇପ ଲାଇନ, ଗତିଶକ୍ତି, ଡିଜିଟାଲ ଇଣ୍ଡିଆ ମିଶନ, ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ, ଭାରତମାଳା, ସାଗରମାଳା, ଉଡାନ ଯୋଜନା ଆଦି ଦେଶର ସାମଗ୍ରିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି।

ବ୍ୟବସାୟିକ ସୁଗମତା ଏବଂ ଜୀବନଧାରଣକୁ ସହଜ କରି ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଭାରତ ବର୍ତ୍ତମାନ ଏକ ଐତିହାସିକ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଛିଡ଼ା ହୋଇଛି। ବିଶ୍ୱସ୍ତରରେ ଆର୍ଥିକ ଅନିଶ୍ଚିତତା ଆସିବା ସତ୍ତ୍ୱେ ବର୍ତ୍ତମାନ ଦେଶ ଗ୍ରହଣ କରିଥିବା ନୀତିଗତ ପଦକ୍ଷେପ ଭାରତକୁ ନିଶ୍ଚିତ ଭାବେ ଏକ ବିକଶିତ ରାଷ୍ଟ୍ର ଦିଗରେ ନେଇଯିବ ବୋଲି ଶକ୍ତିକାନ୍ତ କହିଛନ୍ତି।

# ଧାନ ବିକିବା ଅପେକ୍ଷାରେ ଚାଷୀ

**ଟିହିଡ଼ି,୧୦।୧(ସଞ୍ଜିତ ବଳ)**

- ବିଭିନ୍ନ ସ୍ଥାନରେ ଖୋଲିଲାଣି ୧୪ ମଣ୍ଡି
- ଟୋକନ ମିଳି ନ ଥିବାରୁ ଅସନ୍ତୋଷ

ଟିହିଡ଼ି ବ୍ଲକରେ ଗତ ୫ ତାରିଖଠାରୁ ଶୁକ୍ରବାର ସୁଦ୍ଧା ୧୨ଟି ସମବାୟ ସମିତି ସମେତ ୧୪ଟି ସ୍ଥାନରେ ଧାନ ମଣ୍ଡି ଖୋଲି ସାରିଛି। ମାତ୍ର ଧାନ ସଂଗ୍ରହ ଆରମ୍ଭ ହୋଇ ନ ଥିବାରୁ ଚାଷୀମାନେ ଧାନ ବିକିବାକୁ ଅପେକ୍ଷା କରିଛନ୍ତି। ରାଇସ୍ ମିଲ୍ ସହ ସମବାୟ ସମିତି ଓ ମହିଳା ଗୋଷ୍ଠୀ ଟ୍ୟାଗ୍ ହୋଇ ନ ଥିବାରୁ ଧାନ ସଂଗ୍ରହ ଆରମ୍ଭ ହୋଇପାରୁ ନାହିଁ। ଅପରପକ୍ଷେ ୭୦ପ୍ରତିଶତ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବ୍ଲକରେ ଗତ ୫ ତାରିଖରେ ୫ଟି, ୭ ତାରିଖରେ ୬ଟି, ପରେ ଆରସା ସମିତି, ଶୁକ୍ରବାର ଅପରାହ୍ନରେ ପାଳିଆବିନ୍ଧା ପଞ୍ଚାୟତର ମିଶନ ଶକ୍ତି ଫେଡେରେଶନ ଓ ଶ୍ୟାମସୁନ୍ଦରପୁର ସମିତିରେ ମଣ୍ଡି ଖୋଲିଛି। ମିଶନ ଶକ୍ତି ଫେଡେରେଶନ ମଣ୍ଡିକୁ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଯଶୋଦା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ଜୀବନଜ୍ୟୋତି ପଲାଇ ଯୋଗ ଦେଇଥିଲେ। ଫେଡେରେଶନ ସଭାନେତ୍ରୀ ମାମିନା କର, ସମ୍ପାଦିକା ପଦ୍ମିନୀ ବେହେରା, ଧାନ କ୍ରୟ କମିଟିର ବିଶ୍ୱମ୍ଭର ସାହୁ, ଅଭିମନ୍ୟୁ ବେହେରା, ଭକ୍ତରଞ୍ଜନ ମଲ୍ଲିକ, ଭାଗୀରଥି ବୈିୟାରୀ, କ୍ଷୀରୋଦ ଶତପଥୀ, ଚାଷୀ ଦୁଷ୍ମନ୍ତ ନାୟକ, ବିକାଶ ବେହେରା, ରାଜକିଶୋର ଶତପଥୀ, ଡିଇଓ ଶେଫାଳିନୀ ବିଶ୍ୱାଳ, ଏମ୍‌ବିକେ ଜୟଶ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ମୋଟ ୩୬୯ ଚାଷୀ ପଞ୍ଜୀକରଣ କରିଥିଲେ ମଧ୍ୟ ମାତ୍ର ୩୦ ପ୍ରତିଶତ ଚାଷୀଙ୍କର ଟୋକନ ଆସିଥିବା ଜଣାପଡ଼ିଛି। ସେହିପରି ଶ୍ୟାମସୁନ୍ଦରପୁର ସମିତିରେ ଧାନମଣ୍ଡିକୁ ସଭାପତି ଭୀମସେନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମ୍ପାଦକ କାଳନ୍ଦୀ ଚରଣ ଦାସ, ଚାଷୀ କମିଟିର ରମାକାନ୍ତ ଦାସ, ଲକ୍ଷ୍ମଣ ଦାସ, ସୁବାଶିଷ ଦାସ, କବିତା ଦାସ, ରାଜୀବ ରାଉତ, ଚାଷୀ ଅନନ୍ତ ଦାସ, ମନ୍ମଥ ରାଉତ, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମିତିରେ ୧୦୬୬ ପଞ୍ଜୀକୃତ ଚାଷୀ ଥିବାବେଳେ ମାତ୍ର ୪୦ ପ୍ରତିଶତ ଚାଷୀଙ୍କୁ ଟୋକନ ମିଳିଥିବା ଜଣାପଡ଼ିଛି। ତେବେ ମଣ୍ଡି ଖୋଲାରେ ଧାନ ସଂଗ୍ରହ ସୀମିତ ଥିବାରୁ ଚାଷୀମାନେ ବାଧ୍ୟହୋଇ ବାହାର ରାଜ୍ୟର ବେପାରୀମାନଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ନିଜର ଗୁଜୁରାଣ ମେଣ୍ଟାଇବାକୁ ଚାଷୀମାନେ କମ୍ ମୂଲ୍ୟରେ ଧାନ ବିକି ଶୋଷଣର ଶିକାର ହେଉଛନ୍ତି। ତୁରନ୍ତ ମଣ୍ଡି ସହ ରାଇସ୍ ମିଲ୍‌ଗୁଡ଼ିକୁ ଟ୍ୟାଗ୍ କରାଯିବା ଏବଂ ସବୁ ଚାଷୀଙ୍କ ପାଇଁ ଟୋକନ ଯୋଗାଇ ଦିଆଯିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଅଖିଳ ଭାରତୀୟ ଦୁଃଖୀ ସମାଜର ପ୍ରସ୍ତୁତି ବୈଠକ

**ଭଦ୍ରକ,୧୦।୧(ସନାତନ ରାଉତ)**

ଭଦ୍ରକର ପ୍ରସିଦ୍ଧ ସୁଫି ସାନ ସରକାର ବାବା ସୈୟଦ ଶାହା ୱାସିମ ଅଖତର କାଦରୀ ଓରଫ ମାମାଜାନଙ୍କ ଜନ୍ମଦିନ ପାଳନ ପାଇଁ ଭଦ୍ରକ ଅଖିଳ ଭାରତୀୟ ଦୁଃଖୀ ସମାଜ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଶନିବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଇଂ. ମନୱର ହୋସେନଙ୍କ ସଭାପତିତ୍ୱ ଓ ସମ୍ପାଦକ ଇଂ. ରେଜାଏ ରସୁଲଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୪ ତାରିଖରେ ଜନ୍ମଦିନ ପାଳନ କରାଯିବ ଏବଂ ଏହି ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ ସହ ମେଗା ରକ୍ତଦାନ ଶିବିର ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାର ନଗର(ଗୁଲସନେ ନସୀମ) ଖାନକାହା ସରିଫଠାରେ ଅୟୋଜନ କରାଯିବ। ସେହିପରି ସୋର, ବାଲେଶ୍ୱର, ଜଳେଶ୍ୱର ଓ ବାରିପଦାଠାରେ ରକ୍ତଦାନ ଶିବିର ସହ ସଫେଇ କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର କରାଯାଇଛି। ଇଂ. ହବିବୁଲା ଖାନ, ହାଜି ସବବୀର ଅଲି, ଜମିଲ ଅଖତର ଖାନ, ଇଂ. ମୁଖତାର ଅହେମ୍ମଦ ରସିଦ, ହାଜି ତବାରକ ଅଲି, ଲିୱା ମାଷ୍ଟର, ହାଜି ଅବୁ ହୋସେନ ଖାନ, ମାଷ୍ଟର ମୁସ୍ତାକ ଗୌହର, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର, ମେହବୁବ ଖାନ, ଶେଖ୍ ରଫିକ, ଜହର ଖାନ, ଇମତିୟାଜ ଖାନ, ଶିକ୍ଷାବିତ୍ ଶେଖ୍ ମୈରାଜୁଦ୍ଦିନ, ଗୁଡୁ ଖାନ ପ୍ରମୁଖଙ୍କ ସମେତ ପ୍ରତ୍ୟେକ ବସ୍ତିର ରକ୍ତଦାନ ଶିବିରର ଗାଇଡ୍‌ମାନେ ବୈଠକରେ ଉପସ୍ଥିତ ଥିଲେ।

# ପୁନଃନିର୍ମାଣ ହେବ ବିପଦସଙ୍କୁଳ ବିଦ୍ୟାଳୟ

## ଶିଳାନ୍ୟାସ କଲେ ବିଧାୟକ

**ବାସୁଦେବପୁର,୧୦।୧(ନାରାୟଣ ପ୍ରସାଦ ବାରିକ୍)**



ଭୂମିପୂଜା ଅବସରରେ ବିଧାୟକ ଅଶୋକ କୁମାର ଦାସ, ବିଡିଓ ତନ୍ମିତା କର ଓ ଅନ୍ୟମାନେ।

ବାସୁଦେବପୁର ବ୍ଲକ କିଷ୍ମତକୃଷ୍ଣପୁର ପଞ୍ଚାୟତରେ ଥିବା ବିପଦସଙ୍କୁଳ ବହୁମାଘେରୀ ପ୍ରାଥମିକ ବିଦ୍ୟାଳୟ ପୁନଃନିର୍ମାଣ ହେବ। ଶନିବାର ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଭୂମିପୂଜା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଡିଓ ତନ୍ମିତା କର, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ବାରିକ୍, ଏସ୍‌ଏମ୍‌ସି ସଭାପତି ଶଙ୍କର୍ଷଣ ଜାନା, ସାମାଜିକ କର୍ମୀ ସିଦ୍ଧାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମାଝୀ, ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ମଣ୍ଡଳ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ପ୍ରଦାନ କରିବା ସହ ସ୍କୁଲ ଗୃହ ନିର୍ମାଣ ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରୁ ମଧ୍ୟ ୬ ଲକ୍ଷ ୬୦ ହଜାର ଟଙ୍କାର ଅନୁଦାନ ରାଶି ଯୋଗାଇ ଦିଆଯିବା ପରେ ଗାଁରେ ଖୁସିର ଲହରୀ ଖେଳିଯାଇଛି।

ପ୍ରକାଶ ଯେ, ୨୦୨୫ ସେପ୍ଟେମ୍ବର ୫ରେ ଏହି ସ୍କୁଲ ଗୃହ ଛାତ ପଡ଼ି ୩ ଛାତ୍ରୀ ଆହତ ହୋଇଥିଲେ। ଏହି ବିଦ୍ୟାଳୟର ବିପଦସଙ୍କୁଳ ଅବସ୍ଥା ଦେଖି ଅଭିଭାବକମାନେ ପିଲାମାନଙ୍କୁ ପାଠ ପଢ଼ିବାକୁ ଏଠାକୁ ଛାଡ଼ି ନ ଥିଲେ। ଏକ ଅସ୍ଥାୟୀ ଘରେ ୩୧ଜଣ ପିଲା ଶିଶୁବାଟିକାଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିଲେ। ଏହି ଘଟଣା ଘଟିବା ପରେ ବିଦ୍ୟାଳୟକୁ ପୁନଃନିର୍ମାଣ ପାଇଁ ଗ୍ରାମବାସୀ ଅଡ଼ି ବସିଥିଲେ। ତେବେ ଶିକ୍ଷା ବିଭାଗ ପଦକ୍ଷେପ ନ ନେବାରୁ ବିଧାୟକ ଦାସ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରି ତାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବିନିଯୋଗରେ ନୂତନ ସ୍କୁଲ ଗୃହ ନିର୍ମାଣ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ଗୁରୁତ୍ୱ ଦେଇ ଏହି ପ୍ରତିଶ୍ରୁତି ରକ୍ଷା କରି ବିଦ୍ୟାଳୟ ପୁନଃନିର୍ମାଣ ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ପ୍ରଦାନ କରିଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମଇଁଷିକୁ ଟିକାକରଣ କରି ନ ପାରି ଫେରିଲେ ପ୍ରାଣୀ ଚିକିତ୍ସକ

**ଧୁଷୁରୀ,୧୦।୧(ଦୀପ୍ତିରଞ୍ଜନ ନାୟକ)**

ଚାନ୍ଦବାଲି ବ୍ଲକର ଖଟୁଆପାଟଣା ଓ ଦୋହରାପାଟଣାରେ କଳିଜା କୃମିରେ ମଇଁଷିଙ୍କ ମୃତ୍ୟୁ ପରେ ୪ଦିନ ହେଲା ପ୍ରାଣୀ ଚିକିତ୍ସକମାନେ ୨ ଗାଁରେ ପ୍ରତିଷେଧକ ବ୍ୟବସ୍ଥା ପୂର୍ବକ ଟିକାକରଣ ସହ ଔଷଧ ବଣ୍ଟନ କରୁଛନ୍ତି। ୨ ଗାଁରେ ସମସ୍ତ ମଇଁଷିଙ୍କୁ ଟିକାକରଣ ପାଇଁ ରାଜ୍ୟ ପ୍ରାଣୀଧନ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରାଣୀଧନ ମୁଖ୍ୟ ଚିକିତ୍ସା ଅଧିକାରୀ ଏକ ପ୍ରାଣୀ ଚିକିତ୍ସକ ଟିମ୍ ଶନିବାର ସକାଳୁ ୨ ଗାଁକୁ ପଠାଇଥଲେ। ଏହି ଟିମ୍ ଖଟୁଆପାଟଣାରେ ପହଞ୍ଚି ମଇଁଷିମାନଙ୍କୁ ଟିକା ଦେଇଥିଲେ। ହେଲେ ଦୋହରାପାଟଣାରେ ଏହି ଟିମ୍ ଟିକାକରଣ କରି ନ ପାରି ଫେରିଛି। ଚିକିତ୍ସକମାନେ ପହଞ୍ଚି ଟିକା ଦେବାକୁ ଜଣେ ମଇଁଷି ପାଳକଙ୍କୁ କହିବାରୁ ସେ ସିଧାସଳଖ ମନା କରିଦେଇଥିଲେ। ତାଙ୍କର କେତୋଟି ମଇଁଷି ଗର୍ଭବତୀ ଥିବା ଓ ଆଉ କେତୋଟି ଦୁହାଁଳ ଥିବାରୁ ଟିକା ଦେଇହେବ ନାହିଁ ବୋଲି ସେ ରୋକ୍‌ଠୋକ୍ ମନା କରି ଦେଇଛନ୍ତି। ଟିମ୍‌ର ଚିକିତ୍ସକମାନେ ପ୍ରାୟ ୨ ଘଣ୍ଟା ବୁଝାଶୁଝା କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ଗ୍ରାମବାସୀ ମଧ୍ୟ ସେହି ମଇଁଷି ପାଳକଙ୍କୁ ସଚେତନ କରିବାକୁ ଉଦ୍ୟମ କରିଥିଲେ। ଭଗବାନ ଭରସା। ସେ ମାରିଲେ ମାରିବେ ବୋଲି କହି ସେ ବିରକ୍ତ ହୋଇଥିଲେ। ଶେଷରେ ଟିକାକରଣ କରି ନ ପାରି ପ୍ରାଣୀ ଚିକିତ୍ସକମାନେ ନିରାଶ ହୋଇ ଫେରିଥିଲେ। ଆଉ କେତେଜଣ ମଇଁଷି ପାଳକ ଟିକାକରଣକୁ ଅଗ୍ରାହ୍ୟ କରି ବିଲକୁ ମଇଁଷି ନେଇ ଚାଲିଯାଇଥିଲେ। ସୁନ୍ଦରପୁର ପ୍ରାଣୀଧନ ନିରୀକ୍ଷକ ଅକ୍ଷୟ କୁମାର ନାୟକ, ଘଣ୍ଟେଶ୍ୱର ପ୍ରାଣୀଧନ ନିରୀକ୍ଷକ ବିଶ୍ୱଭୂଷଣ ଦାସ ଓ ଚାନ୍ଦବାଲି ଗୋଷ୍ଠୀ ପ୍ରାଣୀଧନ ଆଟେଣ୍ଡାଣ୍ଟ ବସନ୍ତ କୁମାର ସାହୁ ଏହି ଟିମ୍‌ରେ ସାମିଲ ଥିଲେ।

# ପିଏମ୍‌ଶ୍ରୀ ଉତ୍ସବରେ ୭୦ ଷ୍ଟଲ୍ ପ୍ରଦର୍ଶିତ

**ବନ୍ତ,୧୦।୧(ହରିନାରାୟଣ ମହାନ୍ତି)**



ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପ୍ରଦର୍ଶିତ ଷ୍ଟଲ୍ ବୁଲି ଦେଖୁଛନ୍ତି।

ବନ୍ତ ବ୍ଲକର ସେଣ୍ଡତୀରାସ୍ଥିତ ପିଏମ୍‌ଶ୍ରୀ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ ଓ ଦୋକାନ ଯାତ୍ରା ୩ ବିଭାଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୦ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଆକାଂକ୍ଷୀ ମେଳାରେ ଭିଜନ ଓଡ଼ିଶା-୨୦୩୬, ସୃଜନଶୀଳ ଲିଖନ, ନାଟ୍ୟାଭିନୟ, ସବୁଜ ଓଡ଼ିଶା ଏବଂ ଆକାଂକ୍ଷୀ ଛାତ୍ର ପରିଷଦରେ ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ ଆଦି ପ୍ରଦର୍ଶିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ପ୍ରେମାନନ୍ଦ ନାୟକ, ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ପୀତାମ୍ବର ପହି, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଅନାଦି ଚରଣ ସେନାପତି, ପରିଚାଳନା କମିଟି ସଭାପତି ଜ୍ୟୋତି ରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ, ଅଭୟ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ଅବିନାଶ ବାଇ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ର, ମନୋଜ କୁମାର ଶଂଖୁଆ, ଚିନ୍ମୟ ନାୟକ, ଅଭିମନ୍ୟୁ ବାରିକ, ଭୈରବ ମାଝୀ, ବିଜୟ କୁମାର ସାହୁ, କମଳାକାନ୍ତ ଜେନା, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତ, ପ୍ରଭାସିନୀ ବିଶ୍ୱାଳ, ମାନସୀ ସେଠୀ, ପଦ୍ମାବତୀ ଧଳ, ସ୍ମିତପ୍ରଜ୍ଞା ସେଠୀ, ସବିତା ସାହୁ, ସ୍ୱର୍ଣ୍ଣଲତା ଆଇଚ, ଶିକ୍ଷା କର୍ମଚାରୀ ହରିହର ପଲେଇ, ଅନୁସୂୟା ବିଶ୍ୱାଳ, ସୁବାଶିଷ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ପୁରାତନ ଛାତ୍ର ଏବଂ ପରିଚାଳନା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଦୁଇଦିନ ଉପାସରେ ୧୦୯ ଛାତ୍ରୀଛାତ୍ର

**ବାସୁଦେବପୁର,୧୦।୧(କାଳିପଦ ରାୟ)**

ବାସୁଦେବପୁର ପୌରପାଳିକା ଅଧୀନ ଶୁକଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଦୁଇଦିନ ଧରି ମଧ୍ୟାହ୍ନଭୋଜନ ଦିଆଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ଉପାସରେ ରହିବାକୁ ପଡ଼ିଛି। ପ୍ରକାଶ ଯେ, ଗତ ସୋମବାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ରହିଥିଲା। ମଧ୍ୟାହ୍ନଭୋଜନ ପାଇଁ ପ୍ରଶାସନ ପକ୍ଷରୁ ଟଙ୍କା ଦିଆଯାଇ ନ ଥିବାରୁ ମଧ୍ୟାହ୍ନଭୋଜନ ରୋଷେଇ ହୋଇ ନ ଥିଲା ବୋଲି ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର କାଠ କହିଥିଲେ। ଏନେଇ ଏବିଇଓ ଅମିୟ ମହାଲିକ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ। ମଙ୍ଗଳବାର ଏବିଇଓ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ଖାଇବା ପାଇଁ ବନ୍ଦୋବସ୍ତ କରିଥିଲେ। ବୁଧବାର ଓ ଗୁରୁବାର ଅଭିଭାବକମାନେ କୌଣସିମତେ ଖାଦ୍ୟ ସାମଗ୍ରୀ ଯୋଗାଡ଼ କରିବା ପରେ ବିଦ୍ୟାଳୟରେ ରୋଷେଇ ହୋଇଥିଲା। ଶୁକ୍ରବାର ମଧ୍ୟାହ୍ନଭୋଜନ ଯୋଗାଉଥିବା ସଂସ୍ଥା ଖାଦ୍ୟ ନେଇ ବିଦ୍ୟାଳୟରେ ପହଞ୍ଚିବା ପରେ ଛାତ୍ରୀଛାତ୍ର ଖାଦ୍ୟ ଗ୍ରହଣ କରିବାକୁ ମନା କରିଥିଲେ। ଏବିଇଓ ମହାଲିକ ଓ ତପନ କୁମାର ଦ୍ୱିବେଦୀ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଖାଇବା ପାଇଁ ବୁଝାଇଥିଲେ। ହେଲେ ପୂର୍ବରୁ ଖାଦ୍ୟ ଯୋଗାଉଥିବା ସଂସ୍ଥା ନିମ୍ନମାନର ଖାଦ୍ୟ ଦେଇଥିବାରୁ ସେମାନେ ଖାଦ୍ୟ ନେବା ପାଇଁ ମନା କରି ଉପାସରେ ରହିଥିଲେ। ଶନିବାର ବିଦ୍ୟାଳୟରେ ପଢୁଥିବା ୧୦୯ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ମଧ୍ୟରୁ ୮୧ ଅଭିଭାବକ ପ୍ରଧାନଶିକ୍ଷକଙ୍କୁ ରୋଷେଇ ଖାଦ୍ୟ ଯୋଗାଇଦେବା ପାଇଁ ଦରଖାସ୍ତ ପ୍ରଦାନ କରିଛନ୍ତି। କିନ୍ତୁ କୌଣସି ସମାଧାନ ହୋଇପାରି ନାହିଁ। ଫଳରେ ଦୁଇଦିନ ଧରି ଛାତ୍ରୀଛାତ୍ର ଉପାସରେ ରହିଛନ୍ତି। ଏନେଇ ଏବିଇଓ ମହାଲିକ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିବା କହିଛନ୍ତି। ଅପରପକ୍ଷେ ଖାଦ୍ୟ ଯୋଗାଉଥିବା ସଂସ୍ଥା ସହ କେତେଜଣ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଖାଇବା ପାଇଁ ବାଧ୍ୟ କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

# ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

**ଟିହିଡ଼ି,୧୦।୧(ସଞ୍ଜିତ ବଳ)**

ଟିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ଝାଡ଼ପଟା ଗ୍ରାମର ପୂର୍ବତନ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ମହାନ୍ତି(୭୩)ଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। କିଛିଦିନ ପୂର୍ବେ ସେ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ତାଙ୍କ ମରଶରୀର ଦୋଳସାହି ବଜାରରେ ପହଞ୍ଚିବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମକୁ ନିଆଯାଇଥିଲା। ସେ ୧୯୯୭ରେ ବ୍ଲକ୍‌ର ୬ନଂ. ଜୋନ୍‌ରୁ କଂଗ୍ରେସରୁ ପ୍ରାର୍ଥୀ ହୋଇ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ଗଣେଶ ମଳିକ, ମୀନକେତନ ସେନାପତି, ସୁରେଶ ମହାପାତ୍ର, ଭାଜପା ନେତା ସୁଧାଂଶୁ ପାଣିଗ୍ରାହୀ, ଭରତ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ଅଜୟ ତ୍ରିପାଠୀ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଧାମନଗର ଓକିଲ ସଂଘର ବାର୍ଷିକୋତ୍ସବ

**ଧାମନଗର,୧୦।୧(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ/ଦୀନକୃଷ୍ଣ ମହାପାତ୍ର)**

ଧାମନଗର କୋର୍ଟ ପରିସରରେ ଶନିବାର ଧାମନଗର ଓକିଲ ସଂଘର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଯୋଗଦେଇ କହିଥିଲେ, ନିଜ କାମକୁ ସାଧୁତା, ସଚ୍ଚୋଟତା ଓ ଏକାଗ୍ରତା ସହ କଲେ ଆବଶ୍ୟକତାଠାରୁ ଅଧିକ କାମ କରିହେବ। ଆଇନରେ ଆଶ୍ରୟ ନେଉଥିବା ସାଧାରଣ ନାଗରିକ କମ୍ ସମୟ ବ୍ୟବଧାନରେ ଉପଯୁକ୍ତ ନ୍ୟାୟ ପାଇପାରିବେ। ମୁଖ୍ୟବକ୍ତା ହାଇକୋର୍ଟର ଅତିରିକ୍ତ ସରକାରୀ ଆଇନଜୀବୀ ପାର୍ଥସାରଥୀ ନାୟକ, ଅନ୍ୟତମ ଅତିଥି ଭାବେ ଭଦ୍ରକ କୋର୍ଟ ଭାରପ୍ରାପ୍ତ ବିଚାରପତି ପ୍ରଭାତ କୁମାର ରାଜଗୁରୁ, ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ସମ୍ପାଦକ ରଞ୍ଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦିବଂଗତ ଯୁବ ଆଇନଜୀବୀ ପ୍ରେମଜିତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ସଞ୍ଚାଳନ କରିଥିବା ବେଳେ ସମ୍ପାଦକ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ହାଇକୋର୍ଟ ଆଇନଜୀବୀ ଏମ୍‌ଡି ମଦାନି ଓ ଭଦ୍ରକ କୋର୍ଟର ବରିଷ୍ଠ ଆଇନଜୀବୀ ଦୁର୍ଗାପ୍ରସନ୍ନ ରାୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ରଙ୍କ ସହ ଆଇନଜୀବୀ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ବିଷ୍ଣୁମୋହନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ସ୍ନେହାଶିଷ ପଣ୍ଡା, ପର୍ଶୁରାମ ମହାପାତ୍ର, ପ୍ରଜ୍ଞା ପରମିତା ଦାଶ ପ୍ରମୁଖ ସହଯୋଗ କରିଥିଲେ। ୨ୟ ଅଧିବେଶନରେ ମୁଖ୍ୟଅତିଥି ଏମ୍‌ପି ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ରାଜ୍ୟ ବାର୍ କାଉନସିଲ୍‌ର ସଦସ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ରାଜ୍ୟ ଆଇନଜୀବୀ ପରିଷଦର ନେତା ରାଜୀବ ମହାନ୍ତି ଓ ଡ. ମନୋଜ ଦାସ ଯୋଗ ଦେଇଥିଲେ।




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ରାମ ମନ୍ଦିରରେ ସାମୂହିକ ଦୀପ ଦାନ



ସାମୂହିକ ଦୀପ ଦାନ କାର୍ଯ୍ୟକ୍ରମ।

## ଏମ୍‌ପିଙ୍କ ଆଶୁ ଆରୋଗ୍ୟ କାମନା

**ଗାନ୍ଧିଛକ,୧୦।୧(ଦିଲ୍ଲୀପ ପଣ୍ଡା)**

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ବସ୍ତା ଭାଜପା ପକ୍ଷରୁ ବାଲେଶ୍ୱର ଉତ୍ତର ସାଂଗଠନିକ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ସ୍ଥାନୀୟ ରାମ ମନ୍ଦିରରେ ଶନିବାର ସାମୁହିକ ଦୀପ ଦାନ କରିଛନ୍ତି।

ଗତ ନଭେମ୍ବର ମାସରେ ଏମ୍‌ପି ଷଡ଼ଙ୍ଗୀ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଦିଲ୍ଲୀସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଅଦ୍ୟାବଧି ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଏବଂ ଖୁବଶୀଘ୍ର ସୁସ୍ଥ ହେବା କାମନା କରି ମନ୍ଦିରରେ ପୂଜାର୍ଚ୍ଚନା ସହ ଦୀପ ଦାନ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ କମଲ ଲୋଚନ ଦାସ, ବରିଷ୍ଠ ଭାଜପା ନେତା ଶ୍ୟାମାପ୍ରସାଦ ବେହେରା, ବିଧାୟକ ପ୍ରାର୍ଥୀ ରବୀନ୍ଦ୍ରନାଥ ଅଣ୍ଡିଆ, ଜିଲା ଉପ-ସଭାପତି କୃଷ୍ଣଚନ୍ଦ୍ର ଦତ୍ତ, ବସନ୍ତ ବାରିକ, ସୂର୍ଯ୍ୟ ନାରାୟଣ ସାହୁ, ରବୀନ୍ଦ୍ର ଜୈନ, ଅନିଲ କୁମାର ସାହୁ, ବିଶ୍ୱନାଥ ସିଂ, ଫର୍ଣ୍ଣାଲ ବିଶ୍ୱାଳ, ଇଂ. ଦିବାକର ରାଉତ, ରାଧାକୃଷ୍ଣ ବେହେରା, ନିହାର ରଞ୍ଜନ ବେହେରା, ରାଜେନ ପରିଡ଼ା, ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏମ୍‌ପିଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଆର୍ଥିକ ସ୍ୱାବଲମ୍ବନ ଓ ସ୍ୱାୟତ୍ତତା ହାସଲ ଲାଗି ଆତ୍ମନିର୍ଭର ହେଉଛି ଭାରତ : ଶକ୍ତିକାନ୍ତ ଦାସ



ବିବେକ ଦେବରାୟ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଓ ପ୍ରବୀଣ ଲେଖକ ଥିଲେ। ସେ ଭାରତକୁ ଯୋଜନା ଆଧାରିତ ଅର୍ଥ ବ୍ୟବସ୍ଥାରୁ ବଜାର ଆଧାରିତ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ବିବେକ ଦେବରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ କହିଛନ୍ତି, ସ୍ୱର୍ଗତ ଦେବରାୟ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ, ନୀତି ଆୟୋଗ ସଦସ୍ୟ ଭଳି ବହୁ ପ୍ରମୁଖ ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କର କାର୍ଯ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୀର୍ଘକାଳୀନ ଅଭିବୃଦ୍ଧି, ରଣନୀତି ଓ ନୀତିଗତ ସଂସ୍କାରକୁ ପ୍ରଭାବିତ କରିଥିଲା। ସେ ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରଣକାରୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥିଲେ। ଏଥିସହ ଅର୍ଥନୀତି, ଆଇନ ଓ ସାହିତ୍ୟରେ ତାଙ୍କର ଲେଖନୀ ଚଳଚଞ୍ଚଳ ଥିଲା। କେବଳ ଅର୍ଥନୀତି ନୁହେଁ; ବେଦ, ରାମାୟଣ, ମହାଭାରତ ଏବଂ ଭଗବଦ୍ ଗୀତା ଉପରେ ମଧ୍ୟ ସେ ଅନେକ ପ୍ରଭାବୀ ଲେଖା ଲେଖିଯାଇଛନ୍ତି। ସାହିତ୍ୟ, ଶିକ୍ଷା ଏବଂ ଜନନୀତି କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ୨୦୨୫ରେ ମରଣୋତ୍ତର ଭାବେ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ 'ଭାରତୀୟ ଅର୍ଥ ବ୍ୟବସ୍ଥା ; ବର୍ଦ୍ଧିତ ବିଶ୍ୱସନୀୟତାର ଏକ କାହାଣୀ ଶୀର୍ଷକ'' ବିଷୟବସ୍ତୁ ଉପରେ ମତ ରଖି ଶକ୍ତିକାନ୍ତ କହିଛନ୍ତି, ବର୍ତ୍ତମାନ ଆମେ ଏପରି ଏକ ବିନ୍ଦୁରେ ଛିଡ଼ା ହୋଇଛୁ, ଯେଉଁଠି ପରିବର୍ତ୍ତିତ ଭୂରାଜନୈତିକ ଏବଂ ବାଣିଜ୍ୟ ନୀତି ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଏକ ନୂଆ ଆକାର ଦେଉଛି। ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ଆତ୍ମସୁରକ୍ଷା ଏବଂ ବିଭାଜନ କାରଣରୁ ବିଶ୍ୱବ୍ୟାପୀ ଅସ୍ଥିରତା ସୃଷ୍ଟି ହୋଇଛି। ସେମିକଣ୍ଡକ୍ଟର, ବିରଳ ମୃତ୍ତିକା, ଶକ୍ତି ଏବଂ ଔଷଧ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ବର୍ତ୍ତମାନ ପ୍ରଭାବ ବିସ୍ତାର କରିବାର ଉପକରଣ ରୂପେ ବ୍ୟବହାର କରାଯାଉଛି। ଏହା ବିଶ୍ୱରେ ଅନିଶ୍ଚିତତା ସୃଷ୍ଟି କରିବା ସହିତ ବାଣିଜ୍ୟିକ ମାନ୍ଦାବସ୍ଥାକୁ ଡାକିଆଣିଛି।

ଭାରତ ଏହି ବାସ୍ତବତାକୁ ସ୍ୱୀକାର କରି ଏକ ସହଯୋଗୀ ତଥା ନିୟମ ଆଧାରିତ ବିଶ୍ୱ ବ୍ୟବସ୍ଥାକୁ ସମର୍ଥନ କରୁଛି। ନିଜ ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହିତ ସହଭାଗିତା ଓ ରଣନୀତି ପ୍ରସ୍ତୁତ କରୁଛି। ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇଲେ ସୁଦ୍ଧା ବହୁପାକ୍ଷିକ ବ୍ୟବସ୍ଥାକୁ ପୁନର୍ଜୀବିତ କରିବାକୁ ଭାରତ ସମର୍ଥନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଭାରତ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣକୁ ଗ୍ରହଣ କରିଛି। ଆତ୍ମନିର୍ଭରଶୀଳତାର ଅର୍ଥ ବିଚ୍ଛିନ୍ନତା ନୁହେଁ, ବରଂ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଓ ପ୍ରଯୁକ୍ତିବିଦ୍ୟା ଉତ୍ପାଦନର କ୍ଷମତା ହାସଲ କରିବା। ଏହା ବିଦେଶୀ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବ। କୋଭିଡ୍ ମହାମାରୀ, ୟୁକ୍ରେନ ସଂଘର୍ଷ, ବିଶ୍ୱ ଦରବୃଦ୍ଧି, ନିମ୍ନ ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ଆର୍ଥିକ ଅସ୍ଥିରତା ସତ୍ତ୍ୱେ ଭାରତୀୟ ଅର୍ଥ ବ୍ୟବସ୍ଥା ସ୍ଥିର ରହିଛି ଏବଂ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ରୂପେ ଉଭା ହୋଇଛି। ସ୍ଥିର ଘରୋଇ ଉପଯୋଗ ଏବଂ ନିବେଶ ଦ୍ୱାରା ଭାରତୀୟ ଅର୍ଥ ବ୍ୟବସ୍ଥା ୮.୨ ପ୍ରତିଶତରୁ ଅଧିକ ବିକାଶ ହାର ହାସଲ କରିପାରିଛି। ୨୦୨୫-୨୬ରେ ବାସ୍ତବ ଜିଡିପି ୭.୪ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି। ଏହା ବ୍ୟତୀତ, ୨୦୨୫-୨୬ରେ ବିଶ୍ୱ ଜିଡିପି ଅଭିବୃଦ୍ଧିରେ ଭାରତ ପ୍ରାୟ ୧୮ ପ୍ରତିଶତ ଯୋଗଦାନ ଦେବ ବୋଲି ଆକଳନ କରାଯାଇଛି। ଚତୁର ମୁଦ୍ରା ନୀତି ପରିଚାଳନା ଯୋଗୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ଅକ୍ଟୋବର ୨୦୨୫ରେ ସିପିଆଇ ମୁଦ୍ରାସ୍ଫୀତି ୦.୨୫ ପ୍ରତିଶତର ସର୍ବନିମ୍ନ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଭାରତ ଖୁବ୍ ଦକ୍ଷତାପୂର୍ଣ୍ଣ ଭାବେ ଆର୍ଥିକ ପରିଚାଳନା ମଧ୍ୟ କରୁଛି।

ଢାଞ୍ଚାଗତ ସଂସ୍କାର କାରଣରୁ ଭାରତ ସ୍ଥିର ଅଭିବୃଦ୍ଧି ହାସଲ କରିଛି ଏବଂ ଏହାର ବିଶ୍ୱସନୀୟତା ମଧ୍ୟ ବୃଦ୍ଧି ପାଉଛି। ଜିଏସ୍‌ଟି ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ସେହିପରି ରେରା ଆଇନ ରିଅଲ ଇଷ୍ଟେଟ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବା ସହିତ ଉପଭୋକ୍ତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିଛି। ୨୯ଟି ଶ୍ରମ ଆଇନକୁ ଚାରିଟି ଶ୍ରମ ସଂହିତାରେ ଏକୀକୃତ କରାଯାଇ ଶ୍ରମିକଙ୍କୁ ଉପଯୁକ୍ତ ମଜୁରି, ମହିଳା ଶ୍ରମିକଙ୍କ ଅଂଶଗ୍ରହଣ, ସାମାଜିକ ସୁରକ୍ଷା, ଶିଳ୍ପ ସମ୍ପର୍କ ଏବଂ ବୃତ୍ତିଗତ ନିରାପତ୍ତା ସୁନିଶ୍ଚିତ କରାଯାଇଛି। ୧୪ଟି ପ୍ରମୁଖ କ୍ଷେତ୍ରରେ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା ଉତ୍ପାଦନ ବୃଦ୍ଧି କରିଛି। ଏହାବ୍ୟତୀତ ମେକ୍ ଇନ ଇଣ୍ଡିଆ, ଜାତୀୟ ଭିତ୍ତିଭୂମି ପାଇପ ଲାଇନ, ଗତିଶକ୍ତି, ଡିଜିଟାଲ ଇଣ୍ଡିଆ ମିଶନ, ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ, ଭାରତମାଳା, ସାଗରମାଳା, ଉଡାନ ଯୋଜନା ଆଦି ଦେଶର ସାମଗ୍ରିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି।

ବ୍ୟବସାୟିକ ସୁଗମତା ଏବଂ ଜୀବନଧାରଣକୁ ସହଜ କରି ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଭାରତ ବର୍ତ୍ତମାନ ଏକ ଐତିହାସିକ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଛିଡ଼ା ହୋଇଛି। ବିଶ୍ୱସ୍ତରରେ ଆର୍ଥିକ ଅନିଶ୍ଚିତତା ଆସିବା ସତ୍ତ୍ୱେ ବର୍ତ୍ତମାନ ଦେଶ ଗ୍ରହଣ କରିଥିବା ନୀତିଗତ ପଦକ୍ଷେପ ଭାରତକୁ ନିଶ୍ଚିତ ଭାବେ ଏକ ବିକଶିତ ରାଷ୍ଟ୍ର ଦିଗରେ ନେଇଯିବ ବୋଲି ଶକ୍ତିକାନ୍ତ କହିଛନ୍ତି।

# ସଞ୍ଜ ନଇଁଲେ ମାଡ଼ି ଆସୁଛି ଶୀତ

## ୨ଦିନ ହେଲା ଶିମିଳିପାଳରେ ପାରଦ ବିଯୁକ୍ତ ୧ ଡିଗ୍ରୀ

ବାରିପଦା,୧୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନର ଉପର ବାରହାକାମୁଡ଼ାରେ ୪୮ ଘଣ୍ଟା ଧରି ତାପମାତ୍ରା ବିଯୁକ୍ତ ୧ ଡିଗ୍ରୀରେ ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଏହି ସୂଚନା ଦେଇଛନ୍ତି।

ପ୍ରକୃତିର ଅନନ୍ୟ ଶୋଭା ବର୍ଦ୍ଧନ କରୁଥିବା ଶିମିଳିପାଳ ଅଭୟାରଣ୍ୟରେ ତାପମାତ୍ରା ହ୍ରାସ ପାଇଛି। ସବୁଜ ବନାନୀ ମଧ୍ୟରେ ତୁଷାରପାତକୁ ଦେଖି ପ୍ରକୃତିପ୍ରେମୀ ଆନନ୍ଦିତ ହେଉଛନ୍ତି। ପ୍ରତ୍ୟୁଷରେ ପ୍ରକୃତି ଯେପରି ଧଳା ଚାଦର ଘୋଡ଼ାଇ ହେବାପରି ଦୃଶ୍ୟମାନ ହେଉଛି। ପର୍ଯ୍ୟଟକମାନେ ଶିମିଳିପାଳକୁ ପୂର୍ବ ଭାରତର କାଶ୍ମୀର ବୋଲି କହୁଛନ୍ତି। ଜିଲାବ୍ୟାପି ଶୀତର ପ୍ରଭାବ ପଡୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସଞ୍ଜ ନଇଁଲେ ଶୀତ ମାଡ଼ି ଆସୁଥିବାରୁ ଭୟରେ ଲୋକେ ଘରକୁ ଫେରି ଆସୁଛନ୍ତି। ଏପରିକି ବନ୍ୟଜନ୍ତୁଙ୍କ ସମେତ ପକ୍ଷୀ ମଧ୍ୟ ଏଥିରେ ପ୍ରଭାବିତ ହେଉଛନ୍ତି। ଶୀତ କଷ୍ଟ ଲାଘବ କରିବା ପାଇଁ ଲୋକେ ନିଆଁକୁ ଆଦରି ନେଉଥିବା ବେଳେ ବାରିପଦାରେ ବାୟୁ ପ୍ରଦୂଷଣ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ପାଖାପାଖି ରହୁଛି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଗୁଡୁଗୁଡ଼ିଆରେ ୧ ଡିଗ୍ରୀ, ଚହଲାରେ ୩ ଡିଗ୍ରୀ, ବରେହିପାଣିରେ ୪ ଡିଗ୍ରୀ, ରାମତୀର୍ଥରେ ୮ ଡିଗ୍ରୀ, ସାତକୋଶିଆ ଏବଂ କିଆଝରୀରେ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପି ଅସମ୍ଭାଳ ଶୀତ ଅନୁଭୁତ ହେଉଛି। ବୃଦ୍ଧାବୃଦ୍ଧ ଓ ଶିଶୁମାନେ ଶୀତ ଯୋଗୁ ବେଶୀ ପ୍ରଭାବିତ ହେଉଛନ୍ତି।

# ନଦୀପଠାରୁ ମିଳିଲା ଯୁବକଙ୍କ ମୃତଦେହ

ଠାକୁରମୁଣ୍ଡା, ୧୦।୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ରାଇପଦା ଗ୍ରାମ ନିକଟ ସିମ୍ ନଦୀପଠାରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଖଣ୍ଡବନ୍ଧ ପଞ୍ଚାୟତ ବାଲିପୋଷି ଦେହୁରୀସାହିର ଜିତେନ ନାୟକ(୨୨)। ଠାକୁରମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୦୧/୨୬) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୂଚନା ଅନୁଯାୟୀ, ବାଲିପୋଷି ଗ୍ରାମ ଦେହୁରୀସାହିର ସ୍ୱର୍ଗତ ନୀଳମଣି ନାୟକଙ୍କ ପୁଅ ଜିତେନ ଶୁକ୍ରବାର ରାଇପଦା ଗ୍ରାମରେ ହେଉଥିବା ସାପ୍ତାହିକ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ହାଟ ନିକଟ ଦେଇ ବହି ଯାଇଥିବା ଏହି ନଦୀପଠାରେ ତାଙ୍କ ମୃତଦେହ ପଡ଼ିଥିବା ସକାଳେ ସ୍ଥାନୀୟ ଲୋକେ ଦେଖି ଠାକୁରମୁଣ୍ଡା ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଠାକୁରମୁଣ୍ଡା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନଦୀପଠାରୁ ମୃତଦେହ କାଢ଼ିଥିଲେ।

# ଏନ୍‌ଏସି କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା




ବିକ୍ଷୋଭ ପ୍ରଦର୍ଶନ କରୁଥିବା ମହିଳାମାନେ।

ଉଦଳା,୧୦।୧(ସନ୍ତୋଷ କୁମାର ବାଛିନୀ)

ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମସ୍ତ କାମ ଦିଆଯିବା ଓ ଚକ୍ରାନ୍ତ କରି ଟେଣ୍ଡର କରାଯାଉଥିବା ଅଭିଯୋଗ ନେଇ ଉଦଳା ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଶୁକ୍ରବାର ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆହାର କେନ୍ଦ୍ର ନିମନ୍ତେ କିଛି ଦିନ ପୂର୍ବରୁ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୂଚନା ପ୍ରଦାନ ନ କରି ଟେଣ୍ଡର ମାଧ୍ୟମରେ ପୂର୍ବରୁ କାମ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିବା ଅଭିଯୋଗ କରିଛନ୍ତି ଆନ୍ଦୋଳନରତ ମହିଳା। ଅନ୍ୟପକ୍ଷରେ ସମସ୍ତ ଟେଣ୍ଡର ପ୍ରକ୍ରିୟା ନିୟମ ଅନୁସାରେ ହୋଇଛି ଏବଂ ଆନ୍ଦୋଳନକାରୀମାନେ ଭିତ୍ତିହୀନ ଆଧାରରେ ଧାରଣା ଦେଇଥିବା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ଜେନା କହିଛନ୍ତି। ଉଭୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ନଗରପାଳ ପ୍ରମିଳା ପଣ୍ଡା ଆଲୋଚନା କରିଥିବା ବେଳେ ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ଶେଷରେ ଆହାର କେନ୍ଦ୍ର ନିମନ୍ତେ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ କିଛି ଦିନ ପାଇଁ ଘୁଞ୍ଚାଇ ଦିଆଯିବା ସହିତ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ଭାଗ ନେଇ ପାରିବେ ବୋଲି ନଗରପାଳ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବେତନଟୀ,ମୋରଡ଼ାରେ ପାଣି ପଞ୍ଚାୟତ ପକ୍ଷ ପାଳନ

ବେତନଟୀ (ଧରଣୀଧର ମହାନ୍ତି)/ମୋରଡ଼ା(ସ୍ମାରକ ମାଜୀ),୧୦।୧

ବେତନଟୀ ଚଣ୍ଡୀ ମନ୍ଦିର ଛକଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ କୃଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଠା ଜଳ ସେଚନ ବିଭାଜନ ବାରିପଦାର ନିର୍ବାହୀ ଯନ୍ତ୍ରୀ ଯୋଗେନ୍ଦ୍ର ରଥ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନୀୟ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ମଣ୍ଡଳ ସଭାପତି ଜୀବନ ପରିଡ଼ା, ବାରିପଦା ଉପଖଣ୍ଡ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ମାଳତୀ ବେସ୍ରା, କନିଷ୍ଠ ଯନ୍ତ୍ରୀ ସୁମନ୍ତ କୁମାର ନାୟକ, ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ବେତନଟୀ ଉଦ୍ୟାନ ବିଭାଗ ଅଧିକାରୀ ମଧୁସ୍ମିତା ସେଠୀ, ବ୍ଲକ କୃଷି ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଭବ ଶଙ୍କର ମହାନ୍ତ, ଜୋସ୍ନା ପଣ୍ଡା, ଭବେଶ କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ମୋରଡ଼ା ସୁବର୍ଣ୍ଣରେଖା ଜଳସେଚନ କାର୍ଯ୍ୟାଳୟରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ହୋଇଯାଇଛି। ଜମ୍ବୀରା କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ କୁମାର କୁଣ୍ଟୁ, ମୁଖ୍ୟ ବକ୍ତା ସୁଧାଂଶୁ ଶେଖର ସେଠୀ, ସମ୍ମାନିତ ଅତିଥି କୃଷି ଅଧିକାରୀ ବିଜୟ କୁମାର ନାଏକ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସେଠୀ, ଏଇଇ ନରୋତ୍ତମ ପାତ୍ର, ତ୍ରିଲୋଚନ ସେନାପତି, ପାଣି ପଞ୍ଚାୟତ ସଭାପତି ଘାସିରାମ ବେହେରା, ପୁରୁଷୋତ୍ତମ ଘୋଷ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

# ନିଆଁରେ ପୋଡ଼ି ମହିଳା ଗୁରୁତର

ବୈଶିଙ୍ଗା,୧୦।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଯୁଗପୁରା ଗ୍ରାମର ଜଣେ ମହିଳା ଚୁଲିରେ ରୋଷେଇ କରୁଥିବା ସମୟରେ ଦେହରେ ନିଆଁ ଲାଗି ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଯୁଗପୁରା ଗ୍ରାମର ରମେଶ ଚନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ଶିବାନୀ ରାତ୍ରି ଭୋଜନ ପାଇଁ ଚୁଲିରେ ରୋଷେଇ କରୁଥିଲେ। ଏହି ସମୟରେ ଅସାବଧାନତା ବଶତଃ ପିନ୍ଧା ଲୁଗାରେ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ନିଆଁ ସମ୍ପୂର୍ଣ୍ଣ ଶରୀରକୁ ବ୍ୟାପି ଯାଇଥିଲା। ପାଟି ଶୁଣି ତାଙ୍କ ସ୍ୱାମୀ ପହଞ୍ଚି ନିଆଁକୁ ଆୟତ କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଶଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ମେଡ଼ିକାଲରେ ଚିକିତ୍ସା ଜାରି ରହିଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି।

# ପୋଲିସ କର୍ମଚାରୀଙ୍କ ମା'ଙ୍କୁ ଆକ୍ରମଣ

## ଲୁଟିନେଲେ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା

ବାରିପଦା,୧୦।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ସୀମାନ୍ତ ଭୀମିଦା ପଞ୍ଚାୟତରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୁରୁବାର ସନ୍ଧ୍ୟା ସମୟରେ ଟିକାୟତପୁର ଗ୍ରାମର ଜଣେ ପୋଲିସ କନଷ୍ଟେବଲଙ୍କ ଘରେ ମୁଖାଧାରୀ ଦୁର୍ବୃତ୍ତ ପଶି ତାଙ୍କ ରୋଗିଣା ବୃଦ୍ଧା ମା'ଙ୍କୁ ଆକ୍ରମଣ କରି ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଭୀମିଦା ପୋଲିସ ଆଉଟପୋଷ୍ଟଠାରୁ ୨୦୦ ମିଟର ଦୂରରେ ଘଟଣା ଘଟିଥିଲେ ହେଁ ପୋଲିସର ବିଳମ୍ବିତ ତଦନ୍ତ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବଡ଼ସାହି ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି।

ସୂଚନାଯୋଗ୍ୟ, ବେତନଟୀ ଜେଏମ୍‌ଏଫ୍‌ସି କୋର୍ଟରେ କାର୍ଯ୍ୟରତ ପୋଲିସ କନଷ୍ଟେବଲ ଶ୍ରୀନିବାସ ବେହେରାଙ୍କ ଗାଁ ଘରେ ସାନଭାଇ ସୁଶାନ୍ତ ଓ ବୃଦ୍ଧା ମା' ହେମଲତା(୮୨) ରହନ୍ତି। ଗୁରୁବାର ସନ୍ଧ୍ୟାରେ ସୁଶାନ୍ତ ବାହାର କବାଟରେ ତାଲା ପକାଇ ଭୀମିଦା ଛକ ଔଷଧ ଦୋକାନକୁ ଆସିଥିବା ବେଳେ ଦୁର୍ବୃତ୍ତମାନେ କବାଟ ତାଲା ଭାଙ୍ଗି ଘରେ ପଶି ହେମଲତାଙ୍କୁ ଭୁଜାଲି ଦେଖାଇ ସୁନାହାର ଓ ଦୁଇକାନ ଛିଣ୍ଡାଇ ସୁନା କାନଫୁଲ ନେଇ ଚମ୍ପଟ ମାରିଥିଲେ। ବୃଦ୍ଧା ଜଣଙ୍କ ବଡ଼ପାଟିରେ ଡାକ ପକାଇବାରୁ ପଡ଼ୋଶୀମାନେ ପହଞ୍ଚି ସାନପୁଅକୁ ଜଣାଇବାରୁ ସଙ୍ଗେ ସଙ୍ଗେ ତାଙ୍କୁ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# 'କଠିନ ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ'

ଖାରପୋଖରିଆ, ୧୦।୧(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଧାଙ୍ଗୁଡ଼ିଶୋଳ ପଞ୍ଚାୟତର ମାଟିଆବେଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣୀ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ସୁଦାମ ଚନ୍ଦ୍ର ଦତ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରାଧାପକ ଡ. ସରୋଜ କୁମାର ନାୟକଙ୍କ, ସମ୍ମାନିତ ଅତିଥି ଭାବେ ବାରିପଦା ଆଦିବାସୀ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଗୁରୁଚରଣ ସିଂ, ବ୍ଲକ ଅଧ୍ୟକ୍ଷା ତୁଳସୀ ସିଂ, ନିଖିଳ ଭାରତ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ମୟୂରଭଞ୍ଜ ସଭାପତି ତଥା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଚିତ୍ତ ରଞ୍ଜନ ପ୍ରତିହାରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କାଦାଇ ଟୁଡୁ, ଧାଙ୍ଗୁଡ଼ିଶୋଳା ପଞ୍ଚାୟତ ସମିତିସଭ୍ୟା ରୀମା ସିଂ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷାନୀତି-୨୦୨୦କୁ ଆଧାର କରି ଛାତ୍ରୀଛାତ୍ରଙ୍କ ନିମନ୍ତେ ଅନୁଶାସନ, ଗୁଣାତ୍ମକ ଶିକ୍ଷା, ଶିକ୍ଷା କ୍ଷେତ୍ରରେ ଅଭିଭାବକ ଓ ଶିକ୍ଷକଙ୍କ ଗୁରୁ ଭୂମିକା ଉପରେ ଆଲୋକପାତ କରିଥିଲେ। କଠିନ ପରିଶ୍ରମ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚାଇଥାଏ ବୋଲି ବିଧାୟକ ହାଁସଦା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଐତିହାସିକ ଉପାଖ୍ୟାନ ଦୃଷ୍ଟାନ୍ତ ଦେଇଥିଲେ। ଶିକ୍ଷକ ଦେବପ୍ରସନ୍ନ ଶେଠ ପଡ଼ା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସତ୍ୟବାନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନାଟ୍ୟ ସଂସଦର ବାର୍ଷିକୋତ୍ସବ

ମୋରଡ଼ା/ରାସଗୋବିନ୍ଦପୁର,୧୦।୧
(ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ନଳଗଜାସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ସମ୍ମାନିତ ଅତିଥି ପ୍ରାଧାପକ ବ୍ରଜେନ୍ଦ୍ରନାଥ ସେନାପତି, ପ୍ରାଧାପକ ରବୀନ୍ଦ୍ର କୁମାର ରାଉତ, ଅଧ୍ୟାପକ ପ୍ରଦୀପ କୁମାର ବଡ଼ନାଏକ, ମୁଖ୍ୟ ବକ୍ତା ଭାବେ ଅବନୀକାନ୍ତ ଗିରି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଅଧ୍ୟାପକ ଉମେଶ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦୀପ କୁମାର ବଡ଼ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା,ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ

ମୋରଡ଼ା,୧୦।୧(ସ୍ମାରକ ମାଜୀ)

ମୋରଡ଼ା ବ୍ଲକସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ ଶୁକ୍ରବାର ଚିତ୍ରଡ଼ାସ୍ଥିତ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଇଓ ବିଜୟ କୁମାର ପାଣିଗ୍ରାହୀ ଏଥିରେ ଯୋଗ ଦେଇଥିଲେ। ବ୍ଲକ ଅଧୀନ ୨୩ଟି ଉଚ୍ଚ ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୫ଟି ଇକୋ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୩ ଶ୍ରେଷ୍ଠ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିବା ବେଳେ ଜିଲାସ୍ତରକୁ ମନୋନୀତ ହୋଇଛି। ବିଚାରକ ଭାବେ ନଳିନୀ ଚୌଧୁରୀ, ଜଗନ୍ନାଥ ସାହୁ ଓ ନାରାୟଣ ଗିରି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀ ଏବଂ ଶିକ୍ଷକ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ତ୍ୟାଗ ହିଁ ସୁସ୍ଥ ସମାଜ ଗଠନ କରେ: ବିଧାୟକ

ବଉଳା,୧୦।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଇଞ୍ଜୋଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗଦେଇ ତ୍ୟାଗ ହିଁ ସୁସ୍ଥ ସମାଜ ଗଠନ କରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଆମ୍ଭୋ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମନାଭ ଖମାରୀ, ବିଶେଷ ଅତିଥି ଇଞ୍ଜୋଳ ସରପଞ୍ଚ ସସ୍ମିତା ମହାପାତ୍ର, ସମ୍ମାନିତ ଅତିଥି ଇଞ୍ଜୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବାବୁ ଜେନା, ନାଏବ ସରପଞ୍ଚ ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶିକ୍ଷକ ବିଷ୍ଣୁ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁରେନ୍ଦ୍ର ନାୟକ, ସମ୍ପାଦକୀୟ ପାଠ କରିଥିଲେ।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ଠାକୁରମୁଣ୍ଡା, ୧୦।୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତାରୁ ଶନିବାର ପୂର୍ବାହ୍ନରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିଛି। କରଞ୍ଜିଆ ଏସ୍‌ଡିପିଓ ନବକିଶୋର ନାୟକ ଉକ୍ତ ଗାଡ଼ିକୁ ଧରି ଠାକୁରମୁଣ୍ଡା ଥାନାକୁ ନେଇ ଅଟକ ରଖିଛନ୍ତି। ପିକ୍‌ଅପ୍ ଭ୍ୟାନ୍(ଓ୨୨ଏଚ୍୨୭୦୯)ଟି ଠାକୁରମୁଣ୍ଡାରୁ ୬ ଗୋରୁଙ୍କୁ ବୋଝେଇ କରି କରଞ୍ଜିଆ ଆଡ଼କୁ ଯାଉଥିଲା। କରଞ୍ଜିଆରୁ ଠାକୁରମୁଣ୍ଡା ଆସୁଥିବା ଏସ୍‌ଡିପିଓ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଜିଆଣି ଓ ଅସନବଣି ମଝିରାସ୍ତାରେ ଗାଡ଼ିକୁ ଅଟକାଇଥିଲେ।

# ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଗୋପବନ୍ଧୁ ନଗର,୧୦।୧(ଶାନ୍ତନୁ କୁମାର ମଢୁଆଳ)




ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଗୋପବନ୍ଧୁ ନଗର ବ୍ଲକ ଜୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ତ୍ତ, ଆଇନ, ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ମୁଖ୍ୟ ବକ୍ତା ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଓ ବିଧାୟକ ଭାସ୍କର ମଢ଼େଇ ଯୋଗଦାନ କରି ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ହେବାପାଇଁ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଂଯୋଜକ ଦୀନକୃଷ୍ଣ ଦାଶବାବୁ, ପୁରାତନ ଛାତ୍ର ସଂସଦର ସଭାପତି ଅମର କୁମାର ନାୟକ, ସମ୍ପାଦକ ସମୀର କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା 'ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା' ଉନ୍ମୋଚିତ ହୋଇଥିଲା। ଅବସର ପ୍ରାପ୍ତ ଶିକ୍ଷକ ଓ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ମୋନାଲିଶା ଭଞ୍ଜ ଓ ଶିକ୍ଷକ ହରେନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ପୂର୍ବତନ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦୀକ୍ଷିତ, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ବ୍ଲକ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀ, ବିଆର୍‌ସିସି କୁଳମଣି ନାୟକ, ଜୟପୁର ସାଧନ କେନ୍ଦ୍ର ସଂଯୋଜକ ହିମାଂଶୁ କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ଅନୁଶିକ୍ଷା ନିରୀକ୍ଷକ ପଣ୍ଡିତ ଲକ୍ଷ୍ମୀଧର ପୁଆଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କରଣ ମହାମଞ୍ଚର ବୈଠକ

ଯୋଡ଼ା,୧୦।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ବସବାସ କରୁଥିବା କରଣ ସମ୍ପ୍ରଦାୟଙ୍କ ପକ୍ଷରୁ ପ୍ରତିଷ୍ଠିତ କରଣ ମହାମଞ୍ଚର ବୈଠକ ଶୁକ୍ରବାର କମାରଯୋଡ଼ାସ୍ଥିତ ଟିପି ମହାନ୍ତିଙ୍କ ଫାର୍ମହାଉସରେ ଅନୁଷ୍ଠିତ ହୋଇଯାଇଛି। ସମାଜକୁ ଦିଗଦର୍ଶନ ଦେଉଥିବା କରଣ ସମାଜ ଏବେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଅବହେଳିତ ହେଉଛନ୍ତି। ସେମାନଙ୍କୁ ସଂଗଠିତ କରି ପରସ୍ପର ସହିତ ସୁସମ୍ପର୍କ ସ୍ଥାପନ କରିବା ବୈଠକର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଯୋଡ଼ା ପୌର ନଗରପାଳ ଜଗଦୀଶ ପ୍ରସାଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଖଣି ମାଲିକ ତାରିଣୀ ପ୍ରସାଦ ମହାନ୍ତି, ଶିଳ୍ପପତି ବିନୋଦ ପଟ୍ଟନାୟକ, ଚିନ୍ମୟ ଦାସ, ମାଇନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅବଜରଭର ସମ୍ପାଦକ ଶିରିଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଦୁର୍ଗା ପ୍ରସାଦ ମହାନ୍ତି, ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଯୋଡ଼ା ଅଞ୍ଚଳର ଶତାଧିକ ମହିଳା, ପୁରୁଷ ଯୋଗଦେଇଥିଲେ।



सत्यमेव जयते
Government of Gujarat
Shri Narendra Modi
Hon'ble Prime Minister
Shri Bhupendrabhai Patel
Hon'ble Chief Minister, Gujarat
Vibrant GUJARAT REGIONAL CONFERENCES
Regional Aspirations, Global Ambitions
SMRITI VAN EARTHQUAKE MUSEUM
Kutch & Saurashtra
11th & 12th January, 2026
Regional Aspirations, Global Ambitions
Focus Sectors
Ceramics
MSMEs
Engineering
Startups
Minerals
Petrochemicals
Fisheries
Textile
Ports & Logistics
Skill Development
Tourism & Culture
Agro & Food Processing
Green Energy Ecosystem
Machinery & Equipment
Blue Economy
Key Features of the Conference
Inaugural Session
Sector-specific Seminars
Country Seminar
Panel Discussions
CEO Round Table Conference
Startup Felicitation Programme
B2B/ B2G Meetings
Excursion Visits
Industrial Tours
Regional MSME Conclave
Regional Awards (MSMEs/Artisans)
Trade Show/ Exhibition
Reverse Buyer-Seller Meet
Udyami Mela
Vendor Development Programme
Cultural Programme
Valedictory Session
Vibrant Gujarat Regional Exhibition
11th to 15th January, 2026 | 10:00 hrs. to 17:30 hrs.
Inauguration by
Shri Narendra Modi
Hon'ble Prime Minister
In the august presence of
Shri Bhupendrabhai Patel
Hon'ble Chief Minister, Gujarat
Shri Harsh Sanghavi
Hon'ble Deputy Chief Minister, Gujarat
11th January, 2026, Sunday
12:30 hrs.
Marwadi University, Rajkot, Gujarat
"Vibrant Gujarat Regional Conference will open a new direction for Gujarat's industrial excellence."
- Shri Harsh Sanghavi, Hon'ble Deputy Chief Minister, Gujarat
Partner Countries
Japan
Rwanda
South Korea
Ukraine
Live Telecast on: CMOGuj CMOGuj CMOGujarat CMOGujarat vibrantgujarat vibrantgujarat vibrant_gujarat vibrantgujarat
Scan QR code for website
Scan QR code for location
Partner Organisations
icbc INDO CANADIAN BUSINESS CHAMBER
JETRO
US-INDIA
U.S.-India Business Council
THE WORLD BANK
ACMA
IACC INDO-AMERICAN CHAMBER OF COMMERCE
UIBC
kotra
FEBI
AMCHAM INDIA

## ୧୦୦ କୋଟି ଟଙ୍କାର ବାଲି ଲୁଟ୍ ଅଭିଯୋଗ
# ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ଏତଲା

ଜଳେଶ୍ୱର,୧୦।୧(ନବୀନ ସାହୁ)- ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ମହମ୍ମଦନଗର ପାଟଣାର ୧୦୦ କୋଟି ଟଙ୍କାର ବାଲି ଲୁଟ୍ ଘଟଣାରେ ରାଜସ୍ୱ ନିରୀକ୍ଷକ ସାଗର ବାସ୍କେଙ୍କ ବିରୋଧରେ ଜିଲ୍ଲା ଖଣି ଅଧିକାରିଣୀ ସନ୍ତୋଷପ୍ରଭା ସେଠୀ ଥାନାରେ ଏତଲା ଦେଇଛନ୍ତି। ଏନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ.୧୬/୨୬) ରୁଜୁ ହୋଇଛି।

# କଂଗ୍ରେସର ମିଶ୍ରଣ ପର୍ବ
## ଅନ୍ୟ ଦଳ ଛାଡ଼ିଲେ ଶତାଧିକ କର୍ମୀ

ବାଲେଶ୍ୱର,୧୦।୧(ବାଞ୍ଛାନିଧି ଦେ)



ନବାଗତଙ୍କ ଗହଣରେ କଂଗ୍ରେସ ନେତୃବୃନ୍ଦ।

ବାଲେଶ୍ୱର ସଦର କଂଗ୍ରେସ ନିଜର ଶକ୍ତି ବୃଦ୍ଧି କରିବାରେ ଲାଗିଛି। ଅନ୍ୟ ଦଳରୁ ଅନେକ କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ଆଦର୍ଶ, ଲୋକାଭିମୁଖୀ କାର୍ଯ୍ୟ ଏବଂ ଭାରତ ଯୋଡ଼ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ବଙ୍ଗଳା ପଞ୍ଚାୟତ ଶତାଧିକ ବିଜେଡି ଓ ଭାଜପା କର୍ମୀ ଶୁକ୍ରବାର କଂଗ୍ରେସରେ ଯୋଗଦେଇଛନ୍ତି। ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସରୋଜ ଲେଙ୍କାଙ୍କ ନେତୃତ୍ୱରେ ନବାଗତମାନେ ଦଳର ସଦସ୍ୟତା ଗ୍ରହଣ କରିଥିଲେ। ପୂର୍ବତନ ୱାର୍ଡସଭ୍ୟ ଜୟ କିଶୋର ତରେଇ ଏବଂ ୱାର୍ଡସଭ୍ୟ ପ୍ରାର୍ଥୀ ଶ୍ରୀପତି ମାଝୀଙ୍କ ସମେତ ୧୧୨ଜଣ ଭାଜପା ଏବଂ ବିଜେଡିର କର୍ମୀ କଂଗ୍ରେସର ହାତ ଧରିଛନ୍ତି। ଅନନ୍ତ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୁବନେତା ସରୋଜ ଲେଙ୍କା, ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ପୂର୍ବତନ କାଉନସିଲର ଅନୁପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନବାଗତଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ସଂଖ୍ୟାଲଘୁ କଂଗ୍ରେସ ନେତା ସେଖ ଅସଗର ଅଲ୍ଲି ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ସମିତି ସଭ୍ୟ ବିଜୟ ମାଝୀ ଧନ୍ୟବାଦ ଦେଇଥିଲେ।

# ପ୍ରଧାନ ଶିକ୍ଷକ ନିଲମ୍ବିତ
## ଫଳକ ଭାଙ୍ଗି ଛାତ୍ର ମୃତ୍ୟୁ ଘଟଣା

କାଳିଆପଦା,୧୦।୧(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଫଳକ ଭାଙ୍ଗି ଛାତ୍ର ମୃତ୍ୟୁ ଘଟଣାରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ନିଲମ୍ବିତ କରାଯାଇଛି। ସରକାରୀ କାର୍ଯ୍ୟରେ ଅବହେଳା ଦର୍ଶାଇ ତାଙ୍କୁ ନିଲମ୍ବନ କରାଯାଇଥିବା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା କହିଛନ୍ତି। ଏହାର ପ୍ରତିବାଦରେ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ରବିବାର ସନ୍ଧ୍ୟା ସୁଦ୍ଧା ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେଲେ ସୋମବାର ପ୍ରାଥମିକ ଶିକ୍ଷକ ସଂଘ, ଛାତ୍ର ଅଭିଭାବକ ଏବଂ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ସୂଚନା ମିଳିଛି। ପ୍ରଧାନ ଶିକ୍ଷକଙ୍କ ସପକ୍ଷରେ ଶତାଧିକ ଛାତ୍ର ଅଭିଭାବକ ଏବଂ ଗ୍ରାମବାସୀ ଲିଖିତ ଭାବରେ ବାଲିଆପାଳ ଥାନା ଅଧିକାରୀ ଏବଂ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦରଖାସ୍ତ ଦେଇଥିବା ଜଣାପଡ଼ିଛି।

---

## ଭୁବନେଶ୍ୱର ମହାନଗର ନିଗମ

ସଂଖ୍ୟା 141, ତା.7.1.2026
SWZ-14/2026

### ନୋଟିସ

No.C-2047:ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଆସନ୍ତା ତା.25.01.2026 ରିଖ ଠାରୁ ତା.07.02.2026 ରିଖ ପର୍ଯ୍ୟନ୍ତ ଖଣ୍ଡଗିରିଠାରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ଦୋକାନ/ମୀନା ବଜାର ଇତ୍ୟାଦି ନିମନ୍ତେ ସ୍ଥାନ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟବସାୟୀ/ଅନୁଷ୍ଠାନ ମଣ୍ଡଳ ଆୟୁକ୍ତ (I/C) ଦକ୍ଷିଣ ପଶ୍ଚିମ ମଣ୍ଡଳ, ସେଣ୍ଟାଲ କଲୋନୀ, ଭୁବନେଶ୍ୱରଙ୍କ ନିକଟରେ ତା. 18.01.2026 ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଜଣାଙ୍କ ପ୍ରମାଣପତ୍ର ଓ ପରିଚୟ ପତ୍ର ସହିତ ସାଦା କାଗଜରେ ଦରଖାସ୍ତ କରିପାରିବେ । ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଆବଶ୍ୟକସ୍ଥଳେ କ୍ଷମତାପ୍ରାପ୍ତ ଅଧିକାରୀ ଉପରିସ୍ଥ ନିୟମକୁ ପରିବର୍ତ୍ତନ କରିପାରିବେ । ଚୟନ ସର୍ତ୍ତାବଳୀ ମହାନଗର ନିଗମ ଦକ୍ଷିଣ ପଶ୍ଚିମ ମଣ୍ଡଳ ଦ୍ୱାରା ଗଠିତ ଚୟନ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯାଇ ଚୟନ କରାଯିବ ।

ସ୍ୱା./-ମଣ୍ଡଳ ଆୟୁକ୍ତ, (I/C)
OIPR- (ଦକ୍ଷିଣ ପଶ୍ଚିମ ମଣ୍ଡଳ), ଭୁବନେଶ୍ୱର ମହାନଗର ନିଗମ

---

## VIKRAM DEV UNIVERSITY

JEYPORE-764001, DIST: KORAPUT, ODISHA

No._109_/VDU/26 DATE : 08.01.2026

### QUOTATION CALL NOTICE

No.CAD-2982 : Sealed quotations (separately for Technical Bid and Financial Bid in two covers) are invited from the registered firms/authorized Dealers with valid and updated GST/PAN/Registration certificate for supply and installation of Desktop Computers, Computer CPU, Monitor, Printer, Photo Copier (B&W) & (color), High Speed Copier, External SSD, Computer Chair, Computer Table, Steel Almirah & Steel File Cabinet. So as to reach in the office of the undersigned on or before 19.01.2026 by 5.00 P.M by Registered Post/Speed Post Positively for consideration. Quotations received after the due date will not be entertained. The quotation will be opened in the office of the undersigned at 3:00 P.M. on 20.01.2026 in the presence of the bidders. The firms/ authorized dealers should quote their Brand Name, Price etc. as per the specification clearly in their quotations. Further, they should enclose their GST/ IT clearance/ authorized dealership certificate with their quotation for consideration. The Firms/dealers are requested to visit University website (www.vikramdevuniversity.ac.in) for details. The undersigned reserves the right to cancel any or all the quotations without assigning any reason thereof.

Sd./- Registrar
OIPR- V.Dev University, Jeypore

---

## Bhubaneswar Municipal Corporation

No.1357/ BMC Dated 08.01.26

### NOTICE

**Selection of Self-Help Groups (SHGs) / Mission Shakti for Supply of cloth and stitching of Uniforms for Swachha Karmis engaged in Wealth Centres established under the jurisdiction of BMC**

No.C-2040: Sealed Proposals are invited for "Selection of Self-Help Groups (SHGs) for Supply of cloth and stitching of Uniforms for Swachha Karmis engaged in Wealth Centres established under the jurisdiction of BMC" in conformity with the terms and conditions mentioned in the tender document. The interested SHGs registered under Bhubaneswar Municipal Corporation or Mission Shakti having listed for tailoring activities fulfilling the eligibility criteria laid down in the document can apply by hand or post to the undersigned within such date and time as mentioned in the tender document. Please refer to website www.bmc.gov.in for complete details and downloading the document. The tender document shall available from **dt 09.01.2026** with last date of submission being **dt. 27.01.2026 till 5.00 PM.**
For any queries, please contact D.C (Sanitation), BMC.

By order of Commissioner, BMC
Sd./- Dy.Commissioner (Sanitation)
OIPR- Bhubaneswar Municipal Corporation

---

## NOTIFIED AREA COUNCIL, BHANJANAGAR

e-Procurement Notice
Tender Reference No.BNJ/EO/3-2025-26
Tender Call Notice No- Dt.83/09.01.2026

No.C-2049: Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

1. Name of the work: Civil Works
2. No.of Works : 04 Nos.
3. Bid Value: Rs.3.91 to 14.14 lakh
4. Period of Work: 03 Months
5. Date and Time of availability of the bid documents in the portal: 10.01.2026 at 11 AM to 5.00 PM of dt.21.01.2026.
6. Last date / time for receipt of bids in the portal: 21.01.2026 upto 5.00 P.M.
7. Bids received online shall be opened on 22.01.2026 at 11 AM.
8. Name and Address of the Officer Inviting Bid: Executive Officer, N.A.C., Bhanjanagar.

Further details can be seen from the procurement portal: www.tendersorissa.gov.in

Sd./- Executive Officer,
OIPR- NAC, Bhanjanagar

---

## Bhubaneswar Municipal Corporation

Phone No.0674-2431253, e-mail: info@bmc.gov.in
No.୧୩୫୪/Date ୦୮.୦୧.୨୬

### ବିଜ୍ଞପ୍ତି/ନୋଟିସ

**ୟୁନିଫର୍ମ ପ୍ରସ୍ତୁତି ନିମନ୍ତେ କପଡ଼ା କ୍ରୟ ଓ ସିଲାଇ କାର୍ଯ୍ୟ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଚୟନ ନିମନ୍ତେ ପ୍ରସ୍ତାବ ଆହ୍ୱାନ ବିଜ୍ଞପ୍ତି**

**No.C-2041:** ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଭୁବନେଶ୍ୱର ମହାନଗର ନିଗମ (BMC) ଅଧୀନରେ ଥିବା ସମସ୍ତ ସମ୍ପଦ କେନ୍ଦ୍ରରେ କାର୍ଯ୍ୟରତ ସ୍ୱଚ୍ଛକର୍ମୀଙ୍କ ପାଇଁ ୟୁନିଫର୍ମ ପ୍ରସ୍ତୁତି (କପଡ଼ା କ୍ରୟ ଓ ସିଲାଇ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ (SHG)ମାନଙ୍କଠାରୁ ପ୍ରସ୍ତାବ ପତ୍ର ଆହ୍ୱାନ କରାଯାଉଅଛି । ଏହି ପ୍ରସ୍ତାବ ପତ୍ରଗୁଡିକ ଟେଣ୍ଡର ଡକ୍ୟୁମେଣ୍ଟ ଅନୁଯାୟୀ ପ୍ରସ୍ତୁତ କରି ଜଉମୁଦଦିଆ ଲଫାପାରେ ଦାଖଲ କରିବା ଆବଶ୍ୟକ । ଏହି କାର୍ଯ୍ୟ ପାଇଁ କେବଳ BMC ରେ ଅନୁବନ୍ଧିତ ଏବଂ ମିଶନ ଶକ୍ତି ତାଲିକାଭୁକ୍ତ SHG ମାନେ ଯୋଗ୍ୟ ବିବେଚିତ ହେବେ । ଯେଉଁ SHG ମାନଙ୍କ ପାଖରେ ଟେଲରିଂ/ସିଲାଇ କରିବା କାର୍ଯ୍ୟର ପୂର୍ବ ଅଭିଜ୍ଞତା ରହିଛି ଏବଂ ଟେଣ୍ଡର ଡକ୍ୟୁମେଣ୍ଟରେ ଉଲ୍ଲିଖିତ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି, ସେହିମାନେ ଏହି ପ୍ରସ୍ତାବ ଦାଖଲ କରିପାରିବେ । ଇଚ୍ଛୁକ SHG ନିର୍ଦ୍ଧାରିତ ସମୟ ଓ ତାରିଖ ମଧ୍ୟରେ ନିଜ ନିଜ ପ୍ରସ୍ତାବ ନିଜେ କିମ୍ବା ଡାକ ମାଧ୍ୟମରେ ଦାଖଲ କରିପାରିବେ । ଟେଣ୍ଡର ଡକ୍ୟୁମେଣ୍ଟ, ସର୍ତ୍ତାବଳୀ, ଯୋଗ୍ୟତା ମାନଦଣ୍ଡ ଓ ବିସ୍ତୃତ ସୂଚନା BMC ୱେବସାଇଟ www.bmc.gov.in ରେ ଉପଲବ୍ଧ ଅଛି । ଏହି ଟେଣ୍ଡର ଡକ୍ୟୁମେଣ୍ଟ ୦୯.୦୧.୨୦୨୬ ତାରିଖରୁ ୨୭.୦୧.୨୦୨୬ ତାରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ କରିପାରିବେ । ଟେଣ୍ଡର ଡକ୍ୟୁମେଣ୍ଟ ଖୋଲାଯିବାର ତାରିଖ ୨୮.୦୧.୨୦୨୬ ପୂର୍ବାହ୍ନ ୧୧.୩୦ ଘଟିକାରେ ନିର୍ଦ୍ଧାରିତ ।

ଆୟୁକ୍ତ, ଭୁବନେଶ୍ୱର ମହାନଗର ନିଗମଙ୍କ ଆଦେଶକ୍ରମେ
OIPR- ସ୍ୱା./– ଉପାୟୁକ୍ତ (ପରିମଳ), ଭୁବନେଶ୍ୱର ମହାନଗର ନିଗମ

---

## ODISHA STAFF SELECTION COMMISSION

UNIT-II, Bhubaneswar-751009

No.IIE-75/2025-164/OSSC: Date: 09.01.2026

**Subject: Notice regarding revised date of Activation of Online Application Form for Combined Post Graduate Level Recruitment Examination (CPGLRE)-2025.**

No.T: Pursuant to **Advertisement No.5915/OSSC; dated 30.12.2025,** this is for information of all concerned that the ONLINE APPLICATION FORM for recruitment to 102 no. of vacancies against the posts of **Combined Post Graduate Level Recruitment Examination (CPGLRE)- 2025** is revised as per the following programme:-

| | Start Date | End Date |
|---|---|---|
| Online Registration | 22.01.2026 | 21.02.2026 |
| Submission of Online Application Form | 22.01.2026 | 24.02.2026 |
| Date of editing of Online Application Form | 22.01.2026 | 27.02.2026 |
| Mode of Application | Online Mode only through the website "www.ossc.gov.in". No Physical copy/ Hard Copy of the Online Application Form needs to be submitted by the applicant. | |

The candidates may go through the Detailed Advertisement available in the "Advertisement" section of the Commission's website **"www.ossc.gov.in"**. After Activation of the Online Application form, they may apply for the posts through **"Online Mode"** only within the above-stipulated dates as mentioned in the table above by clicking on the **"Apply online"** tab available on the Home page of the website.

All other terms and conditions of the advertisement remain unchanged.

By order of Commission
OIPR- Sd./- I/C Secretary

---

## OFFICE OF THE BARIPADA MUNICIPALITY

BARIPADA, MAYURBHANJ- 757001
Tel:06792-252703, Website:www.baripadamunicipality.in
e-mail: baripadam.hud@nic.in

### Expression Of Interest (EOI)

**For Operation & Maintenance of Ama Pokhari at Tadki in W.N.-25 in Baripada Municipality Area**

**No.132** **Date:08.01.26**

**No.C-2042:** Baripada Municipality invites Expression of Interest from interested Mission Shakti Group/Area Level Federation under Baripada Municipality for Operation & Maintenance of Ama Pokhari at Tadki in W.N.-25 in Baripada Municipality Area. The Expression of Interest should be submitted to the address of Executive Officer, Baripada Municipality on or before date 27.01.2026 Time 5:00 P.M. at Municipality Office. The EOI will be opened on Date 28.01.2026 at - 11:30 AM in the Conference Hall of Baripada Municipality. The following document to be submitted with EOI.

**Eligibility Criteria for Selection of Mission Shakti Group**

| Sl.No. | Parameter | Criteria |
|---|---|---|
| 1 | Group Formation | Date of Formation of Group shall be minimum 3 Years prior to the date of submission of application. |
| 2 | Group Management | Strictly adhering to Pancha Sutra (Regular Meeting, Regular Saving, Regular Internal Lending, Regular Repayment, Regular Record Keeping) |
| 3 | Involvement in IGA | Must have involved in Income Generating Activities(Minimum Criteria last 3 Years) |
୬. ଜମିର ବିବରଣୀ- ଏଥିସହିତ ଜମି ସଂଲଗ୍ନ କରାଯାଇଛି।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ। ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, ଢେଙ୍କାନାଳ

### ମୌଜା-ତର୍କାବେଡା, ତହସିଲ-ହିନ୍ଦୋଳ-, ଥାନା-ବାଲିମି-୩୪, ଜିଲ୍ଲା-ଢେଙ୍କାନାଳ, ମୋଟ ରକବା – ଏ. ୩୪.୯୬୪

| କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନମ୍ବର | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅକ୍ଷୟ ପାଣିଗ୍ରାହୀ, ପି-ସୁରେନ୍ଦ୍ର ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-ବେରୁଆଁପାଳ | ୨ | ୭୮ | ତଇଲା-୨ | ୦.୧୬୦ | ୦.୧୬୦ | |
| ୨ | | ୨ | ୭୯ | ତଇଲା-୨ | ୦.୫୮୦ | ୦.୫୮୦ | |
| ୩ | | ୨ | ୮୦ | ତଇଲା-୨ | ୦.୩୯୦ | ୦.୩୯୦ | |
| ୪ | ଅନ୍ତର୍ଯାମୀ ଜେନା, ପ୍ରଭାକର ଜେନା, ଡ୍ରାଇଭର ଜେନା, ପି-ଲିଙ୍ଗରାଜ ଜେନା, ଉପେନ୍ଦ୍ର ଜେନା, ପି-ମୋହନ ଜେନା, ଜା-ଚଷା, ବା-ନିଜଗାଁ | ୩ | ୩୦୪ | ତଇଲା-୨ | ୦.୧୬୦ | ୦.୧୬୦ | |
| ୫ | | ୩ | ୩୦୫ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୬ | | ୩ | ୩୦୬ | ପତିତ | ୦.୧୮୦ | ୦.୧୮୦ | |
| ୭ | | ୩ | ୩୦୭ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୮ | | ୩ | ୩୦୮ | ଶାରଦ-୩ | ୦.୦୯୦ | ୦.୦୯୦ | |
| ୯ | | ୩ | ୩୧୦ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୦ | | ୩ | ୩୧୧ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୧ | | ୩ | ୩୧୩ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୨ | | ୩ | ୩୨୬ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୩ | | ୩ | ୩୦୬/୪୨୦୮ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୪ | ଅଲି ବେଓ୍ୱା, ସ୍ୱା-ଲୋକନାଥ ଦାସ, | ୧୫ | ୫୯ | ତଇଲା-୨ | ୦.୧୪୦ | ୦.୧୪୦ | |
| ୧୫ | ଚେଣ୍ଟୁ ଦାସ, ହଟିଆ ଦାସ, ମାହୁଲି ଦାସ, ରମେଶ ଦାସ, ଆଦର ଦେଇ, ପି-ଲୋକନାଥ ଦାସ, ବଂଶି ଦାସ, ପି-ନିର୍ମଳ ଦାସ, ଜା-ଗଉଡ, ବା-ବେରୁଆଁପାଳ | ୧୫ | ୬୩ | ଶାରଦ-୩/୪ | ୦.୧୫୦ | ୦.୧୫୦ | |
| ୧୬ | ଈଶ୍ୱର ସାହୁ, ଗଣିଆଁ ସାହୁ, ପି-ଅଧିକାରୀ ସାହୁ, ଜା-ଚଷା, ବା-ନିଜଗାଁ | ୨୩ | ୮୧୪ | ଶାରଦ-୩ | ୦.୧୭୦ | ୦.୧୭୦ | |
| ୧୭ | | ୨୩ | ୮୨୨ | ଶାରଦ-୩/୨ | ୦.୧୦୦ | ୦.୧୦୦ | |
| ୧୮ | କିଶା ଦେହୁରୀ, ପି-ଗଦା ଦେହୁରୀ, ଜା-ଚଷା, ବା-ବେରୁଆଁପାଳ | ୪୪ | ୬୪ | ଶାରଦ-୩ | ୦.୨୬୦ | ୦.୨୬୦ | |
| ୧୯ | | ୪୪ | ୬୫ | ଶାରଦ-୩ | ୦.୨୮୦ | ୦.୨୮୦ | |
| ୨୦ | | ୪୪ | ୭୧ | ଶାରଦ-୨/୩ | ୦.୨୦୦ | ୦.୨୦୦ | |
| ୨୧ | | ୪୪ | ୭୨ | ଶାରଦ-୩/୨ | ୦.୨୬୦ | ୦.୨୬୦ | |
| ୨୨ | | ୪୪ | ୭୧/୪୨୯୮ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୨୩ | ଖଗ ସାହୁ, ପି-କନ୍ଦ ସାହୁ, ଜା-ଚଷା, ବା-ନିଜଗାଁ | ୫୮ | ୮୧୩ | ଶାରଦ-୩ | ୦.୨୫୦ | ୦.୨୫୦ | |
| ୨୪ | ଖଗ ରାଉତ, ପି-କାଶି ରାଉତ, ଜା-ଗଉଡ, ବା-ନିଜଗାଁ | ୫୯ | ୨୭୪ | ଶାରଦ-୨ | ୦.୩୦୦ | ୦.୩୦୦ | |
| ୨୫ | | ୫୯ | ୨୭୬ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୨୬ | | ୫୯ | ୨୮୭ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୨୭ | ଗଙ୍ଗାଧର ଜେନା, ପି-ଚିନ୍ତାମଣି ଜେନା, ଚକ୍ରଧର ଜେନା, ପି-ଦୁର୍ଲଭ ଜେନା, ବଙ୍କା ଯେନା, ବୈରାଗି ଯେନା, ରଥିଆ ଯେନା, ରଘୁ ଯେନା, ପି-ରାଉତରା ଯେନା, ଗୁଞ୍ଜର ବେଓ୍ୱା, ସ୍ୱା-ରାଉତରା ଯେନା, ସାନ୍ତରା ଯେନା, ମୁଳିଆ ଯେନା, ପି-ହାଡିଆ ଯେନା, ଜା-ଚଷା, ବା-ନିଜଗାଁ | ୬୨ | ୩୧୪ | ଶାରଦ-୩ | ୦.୧୪୦ | ୦.୧୪୦ | |
| ୨୮ | | ୬୨ | ୩୧୫ | ଶାରଦ-୩ | ୦.୨୬୦ | ୦.୨୬୦ | |
| ୨୯ | | ୬୨ | ୩୧୬ | ଶାରଦ-୩/୨ | ୦.୦୬୦ | ୦.୦୬୦ | |
| ୩୦ | | ୬୨ | ୩୧୭ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୩୧ | | ୬୨ | ୩୧୮ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୩୨ | | ୬୨ | ୩୧୯ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୩୩ | | ୬୨ | ୩୨୦ | ପତିତ | ୦.୦୪୦ | ୦.୦୪୦ | |
| ୩୪ | | ୬୨ | ୩୨୧ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୩୫ | | ୬୨ | ୩୨୨ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୩୬ | | ୬୨ | ୩୨୩ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୩୭ | | ୬୨ | ୮୦୩ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୩୮ | | ୬୨ | ୮୦୪ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୩୯ | | ୬୨ | ୮୦୭ | ଶାରଦ-୩ | ୦.୦୩୦ | ୦.୦୩୦ | |
| ୪୦ | ଗୁଞ୍ଜର ବେଓ୍ୱା, ସ୍ୱା-ରାଉତରା ଯେନା, ବାଙ୍କ ଯେନା, ବଳରା ଯେନା, ରଥିଆ ଯେନା, ରଘୁ ଯେନା, ପି-ରାଉତରା ଯେନା, ଜା-ଚଷା, ବା-ନିଜଗାଁ | ୬୬ | ୨୯୬ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୪୧ | | ୬୬ | ୩୦୨ | ଶାରଦ-୩/୪ | ୦.୫୫୦ | ୦.୫୫୦ | |
| ୪୨ | | ୬୬ | ୮୨୬ | ଶାରଦ-୩/୩ | ୦.୩୩୦ | ୦.୩୩୦ | |
| ୪୩ | ଗୁଜି ଦେଇ, ପି-ନନ୍ଦ ରାଉତ, ଗୋବିନ୍ଦ ରାଉତ, ପି-ପଂଚୁ ରାଉତ, ମିଛୁ ରାଉତ, ପି-ହଗୁରୁ ରାଉତ, ଜା-ଗୋପାଳ, ବା-ନିଜଗାଁ | ୬୭ | ୨୮୧ | ଶାରଦ-୨ | ୦.୧୧୦ | ୦.୧୧୦ | |
| ୪୪ | ଗତିକୃଷ୍ଣ ପ୍ରଧାନ, ପି-ଗୁଣଧର ପ୍ରଧାନ, ଜା-ଚଷା, ବା-ନିଜଗାଁ | ୬୯ | ୮୧୭ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୪୫ | | ୬୯ | ୮୧୯ | ଶାରଦ-୩ | ୦.୪୩୦ | ୦.୪୩୦ | |
| ୪୬ | | ୬୯ | ୮୪୪ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୪୭ | ଗୋକୁଳାନନ୍ଦ ପ୍ରଧାନ, ଲୋକନାଥ | ୭୧ | ୮୨୯ | ଶାରଦ-୩ | ୦.୨୮୦ | ୦..୨୮୦ | |
| ୪୮ | ପ୍ରଧାନ, ସାଧବାଣୀ ଦେଇ, ପି-ରାମକୃଷ୍ଣ ପ୍ରଧାନ, ସୁନାମଣି ବେଓ୍ୱା, ସ୍ୱା-ରାମକୃଷ୍ଣ ପ୍ରଧାନ, ଜା-ଚଷା, ବା-ନିଜଗାଁ | ୭୧ | ୮୫୧ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୪୯ | ଗୋପାଳ ପ୍ରଧାନ, ନକୁଳ ପ୍ରଧାନ, ପି-ତେଲୁ ପ୍ରଧାନ, ଜା-ଚଷା, ବା-ନିଜଗାଁ, କିସ୍ମତ ଆଠଅଣା ବା ଗୌରି ବେଓ୍ୱା, ସ୍ୱା-ମିଲୁ ପ୍ରଧାନ, ଜା-ଚଷା, ବା-ନିଜଗାଁ, କିସ୍ମତ ଆଠଅଣା | ୭୨ | ୨୭୦ | ଶାରଦ-୩/୩ | ୦.୨୯୦ | ୦.୨୯୦ | |
| ୫୦ | | ୭୨ | ୨୯୮ | ଶାରଦ-୩/୨ | ୦.୧୯୦ | ୦.୧୯୦ | |
| ୫୧ | | ୭୨ | ୨୯୯ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୫୨ | | ୭୨ | ୩୦୦ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୫୩ | | ୭୨ | ୮୪୫ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୫୪ | | ୭୨ | ୮୪୬ | ଶାରଦ-୨ | ୦.୨୪୦ | ୦.୨୪୦ | |
| ୫୫ | | ୭୨ | ୮୪୮ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୫୬ | ଗୌରାଙ୍ଗ ପରିଡା, ପି-କେଳା ପରିଡା, ଜା-ଗଉଡ, ବା-ବେରୁଆଁପାଳ | ୭୮ | ୫ | ଶାରଦ-୩/୨ | ୦.୨୮୦ | ୦.୨୮୦ | |
| ୫୭ | | ୭୮ | ୫/୪୯୮୧ | ଘରବାରି | ୦.୨୦୦ | ୦.୨୦୦ | |
| ୫୮ | ତୀର୍ଥ ପ୍ରଧାନ, ରଘୁ ପ୍ରଧାନ, ପି- | ୧୦୭ | ୫୫ | ତଇଲା-୨ | ୦.୨୩୦ | ୦.୨୩୦ | |
| ୫୯ | ବିଶ୍ୱମ୍ବର ପ୍ରଧାନ, ପ୍ରଭାକର ପ୍ରଧାନ, ଦିବାକର ପ୍ରଧାନ, ପି-ଦୁଃଶାସନ ପ୍ରଧାନ, ଧନେଶ୍ୱର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ପି-ଅକ୍ରୁର ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୦୭ | ୭୫ | ତଇଲା-୨ | ୦.୩୬୦ | ୦.୩୬୦ | |
| ୬୦ | ଦୁର୍ଯ୍ୟୋଧନ ପ୍ରଧାନ, ଲୋକନାଥ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି-ନିଧି ପ୍ରଧାନ, ଉଦ୍ଧବ ପ୍ରଧାନ, ପି-ପୁରୁଷୋତ୍ତମ ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୧୭ | ୫୬ | ତଇଲା-୨ | ୦.୨୭୦ | ୦.୨୭୦ | |
| ୬୧ | ଧନେଶ୍ୱର ପ୍ରଧାନ, ପି-ଟଙ୍କଧର ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୨୨ | ୮୨୫ | ଶାରଦ-୩/୪ | ୦.୧୯୦ | ୦.୧୯୦ | |
| ୬୨ | ଧରଣୀଧର ଯେନା, ମାୟାଧର ଯେନା, ଧୁଳିଆ ଯେନା, ଦୁର୍ଯ୍ୟୋଧନ ଯେନା, ପି-ନକୁଳ ଯେନା, ଜା-ଚଷା, ବା-ନିଜଗାଁ | ୧୨୫ | ୨୪୭ | ପତିତ | ୦.୧୦୦ | ୦.୧୦୦ | |
| ୬୩ | | ୧୨୫ | ୨୪୯ | ଶାରଦ-୨ | ୦.୨୪୦ | ୦.୨୪୦ | |
| ୬୪ | | ୧୨୫ | ୨୬୫ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୬୫ | | ୧୨୫ | ୩୧୨ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୬ | | ୧୨୫ | ୩୨୭ | ଶାରଦ-୩ | ୦.୧୯୦ | ୦.୧୯୦ | |
| ୬୭ | | ୧୨୫ | ୮୧୦ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୮ | | ୧୨୫ | ୮୧୧ | ଶାରଦ-୩ | ୦.୨୯୦ | ୦.୨୯୦ | |
| ୬୯ | ଧରଣୀଧର ଯେନା, ମାୟାଧର ଯେନା, ଧୁଳିଆ ଯେନା, ଦୁର୍ଯୋଧନ ଯେନା, ପି-ନକୁଳ ଯେନା, ରମା ଯେନା, ବାଉରି ଯେନା, କୃପା ଯେନା, ପି-ସହଦେବ ଯେନା, ବୁଧିଆ ଯେନା, ପି-ଭୁବନ ଯେନା, ଚକ୍ରଧର ଯେନା, ପି-ଦୁର୍ଲଭ ଯେନା, ବଙ୍କା ଯେନା, ବୈରାଗି ଯେନା, ରଥିଆ ଯେନା, ରଘୁ ଯେନା, ପି-ରାଉତରା ଯେନା, ଗୁଞ୍ଜର ବେଓ୍ୱା, ସ୍ୱା-ରାଉତରା ଯେନା, ଗଙ୍ଗା ଯେନା, ପି-ଚିନ୍ତାମଣି ଯେନା, ଅନ୍ତର୍ଯ୍ୟାମୀ ଯେନା, ପ୍ରଭାକର ଯେନା, ଡ୍ରାଇଭର ଯେନା, ପି-ଲିଙ୍ଗେଇ ଯେନା, ଉପେନ୍ଦ୍ର ଯେନା, ପି-ମୋହନ ଯେନା, ଜା-ଚଷା, ବା-ନିଜଗାଁ | ୧୨୬ | ୮୩୦(ସ୍ମ) | ବଗାୟତ-୨ | ୨.୪୩୦ | ୦.୫୨୪ | |
| ୭୦ | ଧୁସା ରାଉତ, ପି-ଅଇଁଣ୍ଠା ରାଉତ, ଜା-ଗଉଡ, ବା-ବେରୁଆଁପାଳ | ୧୩୦ | ୨୬୬ | ତଇଲା-୨ | ୦.୧୦୦ | ୦.୧୦୦ | |
| ୭୧ | | ୧୩୦ | ୨୬୭ | ଶାରଦ-୩/୪ | ୦.୧୭୦ | ୦.୧୭୦ | |
| ୭୨ | | ୧୩୦ | ୨୬୮ | ଶାରଦ-୩/୭ | ୦.୫୯୦ | ୦.୫୯୦ | |
| ୭୩ | | ୧୩୦ | ୨୭୫ | ଶାରଦ-୨ | ୦.୨୩୦ | ୦.୨୩୦ | |
| ୭୪ | | ୧୩୦ | ୨୮୨ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୭୫ | | ୧୩୦ | ୮୫୩ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୭୬ | ନରେନ୍ଦ୍ର ପ୍ରଧାନ, ପି-ରାମଚନ୍ଦ୍ର ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୩୩ | ୨୯୪ | ଶାରଦ-୩/୨ | ୦.୪୮୦ | ୦.୪୮୦ | |
| ୭୭ | | ୧୩୩ | ୩୦୧ | ଶାରଦ-୩ | ୦.୪୪୦ | ୦.୪୪୦ | |
| ୭୮ | ନରେନ୍ଦ୍ର ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ, ପି-କ୍ଷେତ୍ର ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୩୪ | ୮୫୦ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୭୯ | ନାରାୟଣ ପ୍ରଧାନ, ମୁକୁନ୍ଦ ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୩୯ | ୮୪୨ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୮୦ | | ୧୩୯ | ୮୫୬ | ଶାରଦ-୩ | ୦.୯୨୦ | ୦.୯୨୦ | |
| ୮୧ | ପ୍ରାଣବନ୍ଧୁ ନାହାକ, ନବଘନ ନାହାକ, ପି-ଟାଙ୍ଗୁରୁ ନାହାକ, ଜା-ଚଷା, ବା-ନିଜଗାଁ | ୧୬୩ | ୮୦୯ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୮୨ | | ୧୬୩ | ୮୧୨ | ଶାରଦ-୩/୩ | ୦.୧୪୦ | ୦.୧୪୦ | |
| ୮୩ | ପିତେଇ ପ୍ରଧାନ, ପି-ନିଙ୍ଗେଇ ପ୍ରଧାନ, ଜା-ସୁଦ, ବା-ବେରୁଆଁପାଳ | ୧୬୫ | ୧ | ଶାରଦ-୩ | ୦.୩୪୦ | ୦.୩୪୦ | |
| ୮୪ | | ୧୬୫ | ୨ | ଶାରଦ-୩/୨ | ୦.୨୭୦ | ୦.୨୭୦ | |
| ୮୫ | | ୧୬୫ | ୩ | ଶାରଦ-୩ | ୦.୨୩୦ | ୦.୨୩୦ | |
| ୮୬ | | ୧୬୫ | ୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୮୭ | ବାଟି ବେଓ୍ୱା, ସ୍ୱା-ଗଙ୍ଗାଧର ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୮୦ | ୮୧୮ | ଶାରଦ-୩ | ୦.୫୪୦ | ୦.୫୪୦ | |
| ୮୮ | ବାନାମ୍ବର ପ୍ରଧାନ, ପି-ଜଗନ୍ନାଥ ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୮୩ | ୮୫୭ | ଶାରଦ-୩ | ୦.୮୩୦ | ୦.୮୩୦ | |
| ୮୯ | ରବିନାରାୟଣ ଜେନା, ଶଙ୍କର୍ଷଣ ଜେନା, ଶିବନାରାୟଣ ଜେନା, ପ୍ରମୋଦ କୁମାର ଜେନା, ପି-ଲୋଚନ ଜେନା, ଜା-ଚଷା, ବା-ନିଜଗାଁ | ୧୯୨ | ୩୨୪ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୯୦ | | ୧୯୨ | ୮୦୫ | ଶାରଦ-୩ | ୦.୨୭୦ | ୦.୨୭୦ | |
| ୯୧ | | ୧୯୨ | ୮୦୬ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୯୨ | | ୧୯୨ | ୭୯୯(ସ୍ମ) | ଶାରଦ-୨/୪ | ୦.୩୮୦ | ୦.୦୭୦ | |
| ୯୩ | ମଙ୍ଗୁଲୁ ପ୍ରଧାନ, ପି-ବୃନ୍ଦା ପ୍ରଧାନ, ଜା-ଚଷା, ବା-ନିଜଗାଁ | ୧୯୯ | ୮୧୫ | ଶାରଦ-୩/୩ | ୦.୨୫୦ | ୦.୨୫୦ | |
| ୯୪ | ମିଛୁ ରାଉତ, ପି-ହଗୁରୁ ରାଉତ, ଜା-ଗଉଡ, ବା-ନିଜଗାଁ | ୨୧୦ | ୨୯୧/୪୪୧୦ | ଘରବାରି | ୦.୧୦୦ | ୦.୧୦୦ | |
| ୯୫ | ଉପେନ୍ଦ୍ର ବେହେରା, ପି-ଶ୍ରୀନିବାସ | ୨୧୫ | ୨୭୩ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୯୬ | ବେହେରା, ଅନ୍ତର୍ଯାମୀ ବେହେରା, ହେମନ୍ତ ବେହେରା, ପି-କାଳନ୍ଦୀ ବେହେରା, ଜା-ଗୋପାଳ, ବା-ବେରୁଆଁପାଳ | ୨୧୫ | ୨୮୮ | ଶାରଦ-୨/୨ | ୦.୧୩୦ | ୦.୧୩୦ | |
| ୯୭ | ରମା ଜେନା, ବାଉରିଆ ଜେନା, କୃପା | ୨୧୯ | ୨୪୬ | ପତିତ | ୦.୧୨୦ | ୦.୧୨୦ | |
| ୯୮ | ଜେନା, ପି-ସହଦେବ ଜେନା, ଜା-ଚଷା, ବା-ନିଜଗାଁ | ୨୧୯ | ୩୨୫ | ଶାରଦ-୩ | ୦.୩୫୦ | ୦.୩୫୦ | |
| ୯୯ | ଶଶି ଦେଇ, ପି-ମଧୁ ପ୍ରଧାନ, ଜା-ଚଷା, ବା-ବ୍ରହ୍ମପୁର | ୨୩୪ | ୮୩୩ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୧୦୦ | | ୨୩୪ | ୮୩୪ | ଶାରଦ-୨ | ୦.୨୬୦ | ୦.୨୬୦ | |
| ୧୦୧ | | ୨୩୪ | ୮୩୭ | ଶାରଦ-୩ | ୦.୪୭୦ | ୦.୪୭୦ | |
| ୧୦୨ | | ୨୩୪ | ୮୪୭ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୦୩ | | ୨୩୪ | ୮୫୪ | ଶାରଦ-୩/୨ | ୦.୧୭୦ | ୦.୧୭୦ | |
| ୧୦୪ | | ୨୩୪ | ୮୫୫ | ଶାରଦ-୩/୩ | ୦.୨୫୦ | ୦.୨୫୦ | |
| ୧୦୫ | | ୨୩୪ | ୮୨୦ (ସ୍ମ) | ଶାରଦ-୩/୨ | ୦.୨୪୦ | ୦.୧୮୦ | |
| ୧୦୬ | ହୃଷିକେଶ ପ୍ରଧାନ, ଗନ୍ଧର୍ବ ପ୍ରଧାନ, ଗିରିଧାରୀ ପ୍ରଧାନ, ଚନ୍ଦ୍ରମଣୀ ପ୍ରଧାନ, ପି-ହଗୁରୁ ପ୍ରଧାନ, ଜା-ଚଷା, ବା-ନିଜଗାଁ | ୨୫୮ | ୨୬୯ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୧୦୭ | | ୨୫୮ | ୨୭୭ | ଶାରଦ-୩ | ୦.୩୦୦ | ୦.୩୦୦ | |
| ୧୦୮ | | ୨୫୮ | ୨୭୮ | ଶାରଦ-୩/୨ | ୦.୧୮୦ | ୦.୧୮୦ | |
| ୧୦୯ | | ୨୫୮ | ୨୮୯ | ତଇଲା-୨ | ୦.୨୮୦ | ୦.୨୮୦ | |
| ୧୧୦ | | ୨୫୮ | ୨୯୦ | ତଇଲା-୨ | ୦.୩୭୦ | ୦.୩୭୦ | |
| ୧୧୧ | | ୨୫୮ | ୨୯୧ | ଶାରଦ-୩/୩ | ୦.୬୧୦ | ୦.୬୧୦ | |
| ୧୧୨ | | ୨୫୮ | ୨୯୨ | ଶାରଦ-୩/୫ | ୧.୦୦୦ | ୧.୦୦୦ | |
| ୧୧୩ | | ୨୫୮ | ୨୯୩ | ଶାରଦ-୩ | ୦.୪୧୦ | ୦.୪୧୦ | |
| ୧୧୪ | | ୨୫୮ | ୨୯୭ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୧୫ | | ୨୫୮ | ୩୦୩ | ଶାରଦ-୩ | ୦.୩୬୦ | ୦.୩୬୦ | |
| ୧୧୬ | | ୨୫୮ | ୮୧୬ | ଶାରଦ-୩ | ୦.୪୨୦ | ୦.୪୨୦ | |
| ୧୧୭ | | ୨୫୮ | ୮୪୦ | ଶାରଦ-୨ | ୦.୧୭୦ | ୦.୧୭୦ | |
| ୧୧୮ | | ୨୫୮ | ୮୪୩ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୧୧୯ | | ୨୫୮ | ୮୪୯ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୨୦ | ପୁରନ୍ଦର ମାଝୀ, ପି-ବନମାଳୀ ମାଝୀ, ଜା-ଚଷା, ବା-ବେରୁଆଁପାଳ | ୨୬୬ | ୬୬ | ତଇଲା-୨ | ୧.୦୨୦ | ୧.୦୨୦ | |
| ୧୨୧ | | ୨୬୬ | ୬୮ | ଶାରଦ-୨ | ୧.୪୨୦ | ୧.୪୨୦ | |
| ୧୨୨ | ଲୁଲୁ ବାରିକ, ପି-କାଠି ବାରିକ, ଜା-ଭଣ୍ଡାରୀ, ବା-ନିଜଗାଁ | ୩୫୨ | ୫୯/୪୩୫୧ | ତଇଲା-୨ | ୦.୨୦୦ | ୦.୨୦୦ | |
| ୧୨୩ | ଯୋଗିନାଥ ଜେନା, ନରୋତ୍ତମ ଜେନା, ପି-ବୈରାଗି ଜେନା, ଜା-ଚଷା, ବା-ନିଜଗାଁ | ୪୨୩ | ୮୩୬ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୨୪ | | ୪୨୩ | ୮୪୧ | ଶାରଦ-୨ | ୦.୦୭୦ | ୦.୦୭୦ | |
| ୧୨୫ | | ୪୨୩ | ୮୩୫/୪୬୮୭ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୨୬ | ବଙ୍କା ଜେନା, ପି-ରାଉତରା ଜେନା, ଜା-ଚଷା, ବା-ନିଜଗାଁ | ୫୦୪ | ୮୩୯ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୧୨୭ | | ୫୦୪ | ୮୩୮/୪୬୦୪ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୨୮ | ମଦନ ଦଳେଇ, ପି-ଅଗସ୍ତି ଦଳେଇ, ଜା-କେଉଟ, ବା-ନିଜଗାଁ | ୫୧୫ | ୨୯୬୧/୪୬୧୮ | ଘରବାରି | ୦.୦୪୦ | ୦.୦୪୦ | |
| ୧୨୯ | ଭ୍ରମରବର ପ୍ରଧାନ, ସୁଧାକର ପ୍ରଧାନ, ପି-ଗୁଣ୍ଡିଚା ପ୍ରଧାନ, ଜା-ଚଷା, ବା-ନିଜଗାଁ | ୫୩୫ | ୫୪ | ଘରବାରି | ୦.୨୨୦ | ୦.୨୨୦ | |
| ୧୩୦ | | ୫୩୫ | ୭୬ | ତଇଲା-୨ | ୦.୨୨୦ | ୦.୨୨୦ | |
| ୧୩୧ | | ୫୩୫ | ୭୭ | ତଇଲା-୨ | ୦.୧୮୦ | ୦.୧୮୦ | |
| ୧୩୨ | ଚକ୍ର ଦେହୁରି, ପି-ବାୟା ଦେହୁରି, ଜା-ଚଷା, ବା-ନିଜଗାଁ | ୫୩୮ | ୮୨୮ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୧୩୩ | ଅକ୍ଷୟ କୁମାର ପାଣିଗ୍ରାହୀ, ପି-ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଜା-ବ୍ରାହ୍ମଣ, ବା-ବେରୁଆଁପାଳ | ୫୪୨ | ୫୮/୫୬୫୦ | ତଇଲା-୨ | ୦.୧୧୦ | ୦.୧୧୦ | |
| ୧୩୪ | ନବ କିଶୋର ଦେହୁରି, ପି-କିଶା ଦେହୁରି, ଜା-ଚଷା, ବା-ବେରୁଆଁପାଳ | ୫୫୬ | ୭୩/୪୬୫୩ | ତଇଲା-୨ | ୦.୧୭୦ | ୦.୧୭୦ | |
| ୧୩୫ | ଚେଣ୍ଟୁ ଦାସ, ପି-ଲୋକନାଥ ଦାସ, ଜା-ଗୋପାଳ, ବା-ବେରୁଆଁପାଳ | ୫୬୨ | ୭୩/୪୬୬୧ | ତଇଲା-୨ | ୦.୨୩୦ | ୦.୨୩୦ | |
| ୧୩୬ | ଉପେନ୍ଦ୍ର ବେହେରା, ପି-ଶ୍ରୀନିବାସ ବେହେରା, ଜା-ଗୋପାଳ, ବା-ବେରୁଆଁପାଳ | ୫୮୯ | ୨୭୧ | ଶାରଦ-୩/୪ | ୦.୧୦୦ | ୦.୧୦୦ | |
| ୧୩୭ | ଗୌରହରି ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପ୍ରଧାନ, ପି-ବାନାମ୍ବର ପ୍ରଧାନ, ଜା-ଚଷା, ବା-ନିଜଗାଁ | ୫୯୧ | ୨୬୫/୪୬୯୪ | ଶାରଦ-୨ | ୦.୧୬୦ | ୦.୧୬୦ | |
| ୧୩୮ | ପ୍ରମିଳା ବେହେରା, ସ୍ୱା-ଉପେନ୍ଦ୍ର ବେହେରା, ଜା-ଗୋପାଳ, ବା-ବେରୁଆଁପାଳ | ୫୯୨ | ୨୭୨ | ଶାରଦ-୩/୨ | ୦.୧୩୦ | ୦.୧୩୦ | |
| ୧୩୯ | ମୁନିବର ପ୍ରଧାନ, ପି-ପ୍ରାଣବନ୍ଧୁ ପ୍ରଧାନ, ଜା-ଚଷା, ବା-ନିଜଗାଁ | ୬୦୭ | ୮୩୫ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୧୪୦ | | ୬୦୭ | ୮୩୮ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୧୪୧ | | ୬୦୭ | ୨୪୮/୪୮୫୫ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୧୪୨ | | ୬୦୭ | ୨୪୯/୪୭୦୭ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୧୪୩ | ଗୌରହରି ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପ୍ରଧାନ, ପି-ବାନାମ୍ବର ପ୍ରଧାନ, ଜା-ଚଷା, ବା-ନିଜଗାଁ | ୬୨୪ | ୨୬୪ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୧୪୪ | ନବ କିଶୋର ଦେହୁରି,ପି- କିଶା ଦେହୁରି, ଜା-ଚଷା, ବା-ନିଜଗାଁ | ୬୨୬ | ୭୦ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୧୪୫ | ନେପାଳ ଚନ୍ଦ୍ର ସେନାପତି, କୈଳାସ ଚନ୍ଦ୍ର ସେନାପତି, ପି-ଦୈତାରୀ ସେନାପତି, ଜା-ଗୋପାଳ, ବା-ନିଜଗାଁ | ୬୬୯ | ୫୭ | ତଇଲା-୨ | ୦.୨୭୦ | ୦.୨୭୦ | |
| ୧୪୬ | | ୬୬୯ | ୫୮ | ତଇଲା-୨ | ୦.୨୧୦ | ୦.୨୧୦ | |
| ୧୪୭ | କଷ୍ଟୁ ରାଉତ, ପି-କୁନୁ ରାଉତ, ଜା-ଗୋପାଳ, ବା-ନିଜଗାଁ | ୭୯୬ | ୮୫୨ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୪୮ | ଶତ୍ରୁଘନ ବେହେରା, ଅନନ୍ତ ବେହେରା, ପି-ଝଗଡୁ ବେହେରା, ଜା-ଗୋପାଳ, ବା-ତର୍କାବେଡା | ୮୬୨ | ୨୭୩/୪୯୧୦ | ଶାରଦ-୨ | ୦.୧୩୦ | ୦.୧୩୦ | |
| ୧୪୯ | ମାୟାଧର ଜେନା, ପି-ନକୁଳ ଜେନା, ଜା-ଚଷା, ବା-ନିଜଗାଁ | ୮୬୬ | ୨୪୮ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୧୫୦ | | ୮୬୬ | ୨୬୪/୪୯୧୬ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୧୫୧ | ସନାତନ ଦାସ, ପି-ଲକ୍ଷ୍ମଣ ଦାସ, ଜା-ଗଉଡ, ବା-ନିଜଗାଁ | ୮୮୫ | ୬୨/୪୯୨୯ | ଶାରଦ-୩ | ୦.୧୭୦ | ୦.୧୭୦ | |
| ୧୫୨ | ଲକ୍ଷ୍ମଣ ଦାସ, ପି-ବଂଶୀଧର ଦାସ, ଜା-ଗଉଡ, ବା-ନିଜଗାଁ | ୮୮୬ | ୫୯/୪୯୩୦ | ତଇଲା-୨ | ୦.୧୬୦ | ୦.୧୬୦ | |
| ୧୫୩ | | ୮୮୬ | ୬୧/୪୯୩୨ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୧୫୪ | | ୮୮୬ | ୬୩/୪୯୩୧ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୫୫ | ମଞ୍ଜୁଲତା ଦାସ, ସ୍ୱା-ରୁଚିର ଦାସ, ଜା-ଗଉଡ, ବା-ବେରୁଆଁପାଳ | ୮୮୭ | ୬୦ | ତଇଲା-୨ | ୦.୧୯୦ | ୦.୧୯୦ | |
| ୧୫୬ | ପ୍ରମୋଦ କୁମାର ଜେନା, ପି-ଲୋଚନ ଜେନା, ଜା-ଚଷା, ବା-ନିଜଗାଁ | ୮୮୮ | ୮୦୮ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୧୫୭ | ସୂର୍ଯ୍ୟମଣି ଦାସ, ପି-ହଟିଆ ଦାସ, ଜା-ଗୋପାଳ, ବା-ବେରୁଆଁପାଳ, ଥା-ବାଲିମୀ, ଜି-ଢେଙ୍କାନାଳ | ୨୮୨/୧୮ | ୬୧ | ଶାରଦ-୩/୨ | ୦.୦୮୦ | ୦.୦୮୦ | |
| ୧୫୮ | | ୨୮୨/୧୮ | ୫୯/୪୯୪୭ | ତଇଲା-୨ | ୦.୧୦୦ | ୦.୧୦୦ | |
| ୧୫୯ | | ୨୮୨/୧୮ | ୬୧/୪୯୪୬ | ଶାରଦ-୩/୨ | ୦.୦୭୦ | ୦.୦୭୦ | |
| ୧୬୦ | | ୨୮୨/୧୮ | ୬୩/୪୯୪୮ | ଶାରଦ-୩/୪ | ୦.୦୪୦ | ୦.୦୪୦ | |
| ୧୬୧ | ଧୁଳିଆ ଜେନା, ପି-ନକୁଳ ଜେନା, ଜା-ଚଷା, ବା-ତର୍କାବେଡ଼ା | ୨୮୨/୨୮ | ୩୦୯ | ଶାରଦ-୩/୨ | ୦.୨୦୦ | ୦.୨୦୦ | |
| ୧୬୨ | ରୁଦ୍ରାକ୍ଷ ଦାସ, ପି-ଲକ୍ଷ୍ମଣ ଦାସ, ଜା-ଗଉଡ, ବା-ବେରୁଆଁପାଳ | ୨୮୨/୪ | ୬୨ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୬୩ | | ୨୮୨/୪ | ୭୩ | ତଇଲା-୨ | ୦.୧୨୦ | ୦.୧୨୦ | |
| ୧୬୪ | ସଞ୍ଜୁଲତା ପ୍ରଧାନ, ସ୍ୱା-ଗୋଲେଖ ପ୍ରଧାନ, ଜା-ଚଷା, ବା-ତର୍କାବେଡା | ୨୮୨/୫୩ | ୨୯୫ | ଶାରଦ-୩ | ୦.୪୦୦ | ୦.୪୦୦ | |
| ୧୬୫ | ଅଜୟ କୁମାର ମାଝୀ, ପି-ଅନଙ୍ଗ ମାଝୀ, ଜା-ଚଷା, ବା-ବେରୁଆଁପାଳ | ୨୮୨/୫୫ | ୬୧/୪୯୬୯ | ଘରବାରି | ୦.୦୮୦ | ୦.୦୮୦ | |
| | | | | | ମୋଟ | ଏ ୩୪.୯୬୪ | |

ସ୍ୱା./-ଅମିନ୍
ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ

ସ୍ୱା./-ତହସିଲଦାର-ତଥା-
ଭୂ-ଅର୍ଜନ ଅଧିକାରୀ, ହିନ୍ଦୋଳ

ସ୍ୱା./-ଜିଲ୍ଲାପାଳ
ଢେଙ୍କାନାଳ

OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାରିକା
ପରିବାରବର୍ଗ


ଆହାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସମ୍ବଲପୁର, କଟକରେ ନ୍ୟୁ 'କିଆ ସେଲ୍ଟସ'


କଟକ ରିଂରୋଡ୍ ମଙ୍ଗଳାବାଗସ୍ଥିତ ଶୋ'ରୁମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନ୍ୟୁ କିଆ ସେଲ୍ଟସର ଅନାବରଣ କରାଯାଉଛି।


ସମ୍ବଲପୁରସ୍ଥିତ ଶୋ'ରୁମ୍‌ରେ ନ୍ୟୁ କିଆ ସେଲ୍ଟସର ଅନାବରଣ କାର୍ଯ୍ୟକ୍ରମରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

କିଆ ଇଣ୍ଡିଆ ଲିମିଟେଡ୍‌ର ବହୁପ୍ରତୀକ୍ଷିତ ମଡେଲ ନ୍ୟୁ କିଆ ସେଲ୍ଟସର ସମ୍ବଲପୁର ଓ କଟକରେ ବଜାର ପ୍ରବେଶ ହୋଇଯାଇଛି । କିଆ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର 'ସେଣ୍ଟ୍ରାଲ କିଆ' କଟକ ରିଂରୋଡ୍ ମଙ୍ଗଳାବାଗସ୍ଥିତ ଶୋ'ରୁମ୍ ଏବଂ ସମ୍ବଲପୁରସ୍ଥିତ ଶୋ'ରୁମ୍ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହାର ଅନାବରଣ କରାଯାଇଛି। ଏହାର ବାହାର ଆକୃତି ଏକ ଶକ୍ତିଶାଳୀ ଉପସ୍ଥିତିକୁ ଦର୍ଶାଇଥାଏ ଓ ଏହାର ଆଭ୍ୟନ୍ତରୀଣ ଡିଜାଇନ 'ନ୍ୟୁ କିଆ ସେଲ୍ଟସ'ର ବିଶାଳ ଅତ୍ୟାଧୁନିକ ଡିଜାଇନକୁ ଦର୍ଶାଉଛି। କିଆ ସେଲ୍ଟସ କେବଳ ଏହାର ବାହ୍ୟ କିମ୍ବା ଆଭ୍ୟନ୍ତରୀଣ ଡିଜାଇନ ପାଇଁ ଉତ୍କୃଷ୍ଟ ତାହା ନୁହେଁ, ପରନ୍ତୁ ଏହା ଅତ୍ୟାଧୁନିକ ୨୧ଟି ଅଟୋନୋମସ ଆଡାସ୍ ଲେଭେଲ ୨.୦, ଯାହାକି ଚାଳକଙ୍କ ସୁବିଧା ଓ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ । ଏହା ମଧ୍ୟ ଅଡାପ୍‌ଟିଭ କ୍ରୁଜ୍ କଣ୍ଟ୍ରୋଲ, ଲେନ୍ କିପ୍ ଆସିଷ୍ଟ, କଲିଜନ ଆଡ୍‌ଭାନ୍ସ ଏବଂ ଆହୁରି ଅନେକ ନୂତନ ଫିଚର ସମ୍ବଳିତ, ଯାହା ଆପଣଙ୍କୁ ସୁରକ୍ଷିତ ଏବଂ ଆରାମଦାୟକ ଯାତ୍ରାର ଅନୁଭୂତି ଦେବା ସହିତ ୪୬ ଭାରିଏଣ୍ଟ ସହିତ ମାର୍କେଟରେ ପ୍ରବେଶ କରିଛି।

କଟକ ରିଂରୋଡ୍ ମଙ୍ଗଳା ବାଗସ୍ଥିତ ଶୋ'ରୁମ୍ ଡାକ୍ତର ଅଶୋକ କୁମାର ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆର ମ୍ୟାନେଜିଂ ଡାଇରେକ୍ଟର ବିଶାଳ ଧାୱନ ଏବଂ କିଆ ଇଣ୍ଡିଆର ଏରିଆ ମ୍ୟାନେଜର ହେମନ୍ତ ମିଶ୍ର ଓ ସେଲସ୍ ଜେନେରାଲ ମ୍ୟାନେଜର ଚମ୍ପକ ରାଜ ନନ୍ଦ ଉପସ୍ଥିତ ଥିଲେ।

ଅନ୍ୟପଟେ ସମ୍ବଲପୁରସ୍ଥିତ ଶୋ'ରୁମ୍‌ରେ ଅନୁଷ୍ଠିତ ଉତ୍ସବରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ଜୋନ୍‌ର ଆଞ୍ଚଳିକ ମୁଖ୍ୟ ତାରିଣୀ ପ୍ରଧାନ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ଶାଖାର ମୁଖ୍ୟ ଶାଖା ପ୍ରବନ୍ଧକ ଶ୍ୟାମନନ୍ଦନ ତାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ୍ରାଲ କିଆ ସମ୍ବଲପୁରର ଶାଖା ପ୍ରବନ୍ଧକ ଦେବାଶିଷ ଦାଶ, ସେଲ୍ସ ମ୍ୟାନେଜର ସନ୍ଦୀପ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।

## ଶୀତରେ ଦାନ୍ତର ଯତ୍ନ ପାଇଁ ଡା. ସୋନିଆ ଦତ୍ତାଙ୍କ ପରାମର୍ଶ

ଭୁବନେଶ୍ୱର,୧୦।୧


ଡା. ସୋନିଆ ଦତ୍ତା

ଶୀତକାଳୀନ ଦାନ୍ତ ଯତ୍ନ ପାଇଁ ଡା. ସୋନିଆ ଦତ୍ତା ପରାମର୍ଶ ଦେଇଛନ୍ତି। ଡା. ଦତ୍ତାଙ୍କ କହିବାନୁସାରେ, ଶୀତକାଳ ଆମ ଦାନ୍ତ ଓ ମୁଖ ସ୍ୱାସ୍ଥ୍ୟ ଉପରେ ଗୁପ୍ତ ପ୍ରଭାବ ପକାଏ। ଏ ସମୟରେ ମୁଖ ଶୁଖିଲା ଲାଗେ ଓ ମାଢ଼ି ସହଜରେ ଜ୍ୱଳନଶୀଳ ହୋଇଯାଏ। ଥଣ୍ଡା ପବନରେ ଦାନ୍ତର ଏନାମେଲ୍ ସଙ୍କୁଚିତ ହୁଏ। ଏହା ତଳେ ଥିବା ସମ୍ବେଦନଶୀଳ ଡେଣ୍ଟିନଙ୍କୁ ଖୋଲା କରିଦିଏ। ଗରମ ପାନୀୟ, ହଠାତ୍ ତାପମାତ୍ରା ପରିବର୍ତ୍ତନ ଓ ଥଣ୍ଡା ପରିବେଶ ସବୁ ମିଶି ସମ୍ବେଦନଶୀଳତାକୁ ଆହୁରି ବଢ଼ାଇ ଦିଏ। ମୁଖ ଶୁଷ୍କତାର ସମସ୍ୟା ଶୀତକାଳରେ ଘର ଭିତର ହିଟ୍, କମ୍ ଆର୍ଦ୍ରତା ଓ କମ୍ ପାଣି ପିଇବାରୁ ଲାଳ ହ୍ରାସ ପାଏ। ଲାଳ ହେଉଛି ମୁଖର ପ୍ରାକୃତିକ ସୁରକ୍ଷା, ଯାହା ଆମ୍ଳକୁ ନିଷ୍ପ୍ରଭ କରେ ଓ ପ୍ଲାକ୍ ବୃଦ୍ଧିକୁ ରୋକେ। ଏହା କମିଲେ ଜୀବାଣୁ ବଢ଼ିଯାଏ ଓ ମୁଖରୁ ଦୁର୍ଗନ୍ଧ ସୃଷ୍ଟି ହୁଏ। ଶୀତକାଳରେ ଶରୀରର ରୋଗ ପ୍ରତିରୋଧ କ୍ଷମତା କିଛିଟା କମିଯାଏ, ଫଳରେ ମାଢ଼ି ସହଜରେ ଜ୍ୱଳନଶୀଳ ହୁଏ। ଦାନ୍ତ ସଫା କରିବାର ଦୈନିକ ଅଭ୍ୟାସ ଅନିୟମିତ ହେଲେ ମାଢ଼ି ଫୁଲିବା ଓ ରକ୍ତସ୍ରାବ ହୋଇଥାଏ। ଶୀତରେ ମୁଖ ସୁରକ୍ଷା ପାଇଁ କିଛି ସହଜ ଅଭ୍ୟାସ କରାଯାଏ। ଦାନ୍ତକୁ ସୁସ୍ଥ ରଖିବା ପାଇଁ କିଛି ସାଧାରଣ ଅଭ୍ୟାସ ବହୁତ ସାହାଯ୍ୟକାରୀ। ଶୋଷ ନ ଲାଗିଲେ ମଧ୍ୟ ପର୍ଯ୍ୟାପ୍ତ ପାଣି ପିଇବା, ହାଲୁକା ହାତରେ ଦାନ୍ତ ମାଜିବା, ଅତ୍ୟଧିକ ଗରମ ପାନୀୟ ଏଡାଇବା, ନିୟମିତ ଭାବେ ଦାନ୍ତ ଓ ଜିହ୍ୱା ପରିଷ୍କାର କରିବା ଭଲ। ଆୟୁର୍ବେଦିକ ଦନ୍ତମଞ୍ଜନ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଆୟୁର୍ବେଦିକ ଉପାଦାନ ଶୀତକାଳରେ ମୁଖ ସ୍ୱାସ୍ଥ୍ୟକୁ ସ୍ୱାଭାବିକ ଭାବେ ସମର୍ଥନ କରେ ଶୁଣ୍ଠି (ଅଦା) ଜ୍ୱଳନ କମାଏ, ଗୋଲମରିଚ ଓ ଲବଙ୍ଗ ତେଲ ସୁରକ୍ଷା ଦିଏ । ଡାବର ରେଡ୍ ପରି ଭାରତୀୟ ଦନ୍ତଚିକିତ୍ସା ସଂସ୍ଥାର ମଞ୍ଜୁରପ୍ରାପ୍ତ ଦନ୍ତମଞ୍ଜନଗୁଡ଼ିକ ଏହି ଆୟୁର୍ବେଦିକ ଉପାଦାନ ଉପରେ ଭିତ୍ତି କରିଥିବାରୁ ଏହା ଦାନ୍ତ ବିନ୍ଧାରୁ ଉପଶମ ଦିଏ। ନିୟମିତ ଶୀତକାଳୀନ ଅଭ୍ୟାସ ହେଉଛି ସବୁଠାରୁ ଭଲ ସୁରକ୍ଷା ।

## ରାଜ୍ୟରେ ବିରଳ ମୃତ୍ତିକା ଖଣିଜ ଅନ୍ୱେଷଣର ଲକ୍ଷ୍ୟ ରହିଛି: ସମ୍ପଦ ସ୍ୱାଇଁ

ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)



ରାଜ୍ୟ ୧୬୦ ନିୟୁତ ମେଟ୍ରିକ ଟନ ଇସ୍ପାତ, ୬.୫ ଏମ୍‌ଟିପିଏ ଆଲୁମିନିୟମ ଉତ୍ପାଦନ ଏବଂ ବିରଳ ମୃତ୍ତିକା ଖଣିଜ ଅନ୍ୱେଷଣର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା ୪ର୍ଥ ଓଡ଼ିଶା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋର ତୃତୀୟ ଦିନରେ ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି କହିଛନ୍ତି। ଫ୍ୟୁଚରେକ୍ସ ଗ୍ରୁପର ଅଧକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ ସ୍ୱାଗତ ଭାଷଣ ଦେଇଥିଲେ। ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ଶିଳ୍ପ ଜଗତକୁ ଖଣି କ୍ଷେତ୍ରର ଆହ୍ୱାନଗୁଡ଼ିକୁ ସମ୍ମୁଖୀନକରି କିପରି ସ୍ଥାୟୀ, ସବୁଜ ଏବଂ ପରିବେଶ ଅନୁକୂଳ ସମାଧାନ ବାହାର କରାଯାଇପାରିବ, ସେ ବିଷୟରେ କହିଥିଲେ। ଚାଇନା ଏବଂ ଚିଲି ଭଳି ଦେଶର ବିଶ୍ୱସ୍ତରୀୟ ଅଂଶଗ୍ରହଣ ଏବଂ ୧୭ ଲକ୍ଷ କୋଟିର ରେକର୍ଡ ପୁଞ୍ଜିନିବେଶ ସମ୍ପର୍କରେ ଉଲ୍ଲେଖ କରିଥିଲେ। ମନ୍ତ୍ରୀ ସ୍ୱାଇଁ ଓଡ଼ିଶାର ଅତୁଳନୀୟ ଖଣିଜ ସମ୍ପଦ ଏବଂ ଅଭିବୃଦ୍ଧିର ରୋଡ୍‌ମ୍ୟାପ ବିଷୟରେ ଆଲୋକପାତ କରିଥିଲେ। ଖଣିରୁ ବନ୍ଦର ପର୍ଯ୍ୟନ୍ତ ଭିତ୍ତିଭୂମିର ସୁଦୃଢ଼ୀକରଣ, ବିଶ୍ୱସ୍ତରୀୟ ଦକ୍ଷତା ବିକାଶ କେନ୍ଦ୍ର ଏବଂ ଶିଳ୍ପ-ଉପଯୋଗୀ ଆଇଟିଆଇଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୩୬ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ଗଠନରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଓଡ଼ିଶା ଭାଜପା ସଭାପତି ମନମୋହନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ, ପ୍ରଚୁର ପ୍ରାକୃତିକ ସମ୍ପଦ ଏବଂ ସାମୂହିକ ପ୍ରୟାସ ଦ୍ୱାରା ଓଡ଼ିଶାର ବିକାଶକୁ କେହି ଅଟକାଇ ପାରିବେ ନାହିଁ। ଅନ୍ୟତମ ସମ୍ମାନିତ ଅତିଥି ତଥା ଭାଜପା ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି, ଖଣି କ୍ଷେତ୍ରରେ ଓଡ଼ିଶାର ବ୍ୟାପକ ସମ୍ଭାବନା ଥିବା ବେଳେ ପ୍ରଦୂଷଣ ସମସ୍ୟାର ସମାଧାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ନିର୍ଦ୍ଦେଶକ ନମିତ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।


ଆହାନ ନାୟକ
ବ୍ରାହ୍ମଣପାଳ, ଧୂଷୁରୀ, ଭଦ୍ରକ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଚଲାପଥ ହସ ଖୁସିରେ ଭରିଉଠୁ।
ଶୁଭେଚ୍ଛା ସହ:
ଜେଜେ ବାବା, ଜେଜେମା', ଅଜାଆଈ, ବାପା, ମାମା, ବନ୍ଧୁ ଓ ପରିବାରବର୍ଗ।
ଧ-୩୦୮୧

## ବେଦାନ୍ତ ଆଲୁମିନିୟମର 'ଅଗ୍ନି ଜାଗୃକ୍ତ ଅଭିଯାନ'

**ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା):** ବେଦାନ୍ତ ଆଲୁମିନିୟମ ଏକ ମାସିକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ଅଗ୍ନି ଜାଗୃକ୍ତ ଅଭିଯାନ' ଆରମ୍ଭ କରିଛି। ଏହି ଅଭିଯାନରେ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଅଗ୍ନି ଘଟଣା ନିବାରଣ, ଏଲ୍‌ପିଜି ସିଲିଣ୍ଡରର ସୁରକ୍ଷିତ ବ୍ୟବହାର, ବୈଦ୍ୟୁତିକ ସୁରକ୍ଷା ଏବଂ ସାମଗ୍ରିକ ଘର ସୁରକ୍ଷା ଭଳି ଜରୁରୀ ଘରୋଇ ସୁରକ୍ଷା ଦିଗ ଉପରେ ବ୍ୟବହାରିକ ଜ୍ଞାନ ସହିତ ସଶକ୍ତ କରିବାକୁ ପ୍ରୟାସ କରାଯାଉଛି। ଉଦ୍‌ଘାଟନୀ ସଚେତନତା ଅଧିବେଶନରେ ଇଏଚ୍‌ଏସ ମୁଖ୍ୟ - ଏସ୍‌ଜିଏଜି ଦେବବ୍ରତ ସରକାର ଏବଂ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପରାମର୍ଶଦାତା ବିନୋଦ ମିଶ୍ର ପ୍ରମୁଖ ସାମିଲ ଥିଲେ। ବେଦାନ୍ତ ଝାରସୁଗୁଡ଼ା ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ପ୍ରତି ମାସରେ ଏହି କାର୍ଯ୍ୟକ୍ରମ ପରିଚାଳନା କରି ଆମେ ଆମର ସମ୍ପ୍ରଦାୟ ମଧ୍ୟରେ ଦୀର୍ଘକାଳୀନ ସଚେତନତା, ଆତ୍ମବିଶ୍ୱାସ ଏବଂ ସ୍ଥିରତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

# Classified Everyday 0674-2580101, 9692975378


MATRIMONIAL

### BRIDE WANTED

Bride wanted, Karan, 5'4", fair, lower middle class, well educated for our second son, MBA, 6', 40 years working on mutual funds. O+, Bharadwaj, Karkata. Living in Cuttack City. Contact: 7873817735. D-3045

### GROOM WANTED

Odia Kotia (ST) Girl, 6/3, 5'2", 1996, BA+PG+BEd, Koraput looks for service holders. Contact with Profile- 8917511747 (WhatsApp). D-3044

ବୟସ 29, Bankରେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-3080


AUTOMOBILE

### SALE

Vespa Aprilia 125cc 2020 model Avon Battery Cycle. Contact: 9337128558. D-3076


REAL ESTATE

### SALE

READY TO MOVE 3BHK DUPLEX BUNGALOW, 3 ATTACHED TOILETS, PARKING. BOTANDA, SUNDARAPADA, BHUBANESUAR. RANGING RS 1.25CR. CONTACT: 9861125539/ 9040521173. D-76088

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452. D-232

ଭୁବନେଶ୍ୱର ତହସିଲ, ମେଣ୍ଢାଶାଳ ମୌଜାରେ ଏ୨.୦୦୦ ଜମି ବିକ୍ରିହେବ। ଯୋଗାଯୋଗ ନଂ.- 7855868176. D-60988

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

GROUND FLOOR 2BHK 1000SQFT BOTHSIDE ROAD AT CHINTAMANISWAR NEAR TEMPLE WALKABLE DISTANCE TO CUTTACK ROAD RAIL BHUBANESWAR. FOR OFFICE, OFFICE CUM RESIDENCE, GODOWN FOR LIGHT GOODS. 6370087588/ 7008211947. D-3074



All types of physiotherapy and massage. Contact: 9556924059/ 7656969134. D-3075

Wellness relax body massage & jointpain treatment by traind therapist. 7008773793. D-3034

### AFFIDAVIT

I, Anusaya Swain, W/o.- Sarbeswar Swain, At- Baramundali, Balikuda, Ichhapur, Dist.- Jagatsinghpur, Odisha-754119 hereby declare by affidavit No.- 12368 dtd.- 22.12.2025 before Executive Magistrate, Cuttack that I have changed my name Arati Swain to Anusaya Swain. Henceforth, I shall be known as Anusaya Swain for all purposes. D-3073

I, Sovasini Rout, S/o.- Banambar Rout, Resident of Batulipada, P.O.- Alagum, P.S.- Satyabadi, Dist.- PURI, GP- Alagum, Odisha declare by this affidavit No.- 2325 dtd.- 26.12.25 that now onwards I shall be known as Sovasini Rout for all future purposes. D-3078

Pankaj Mishra Harihar Mishra S/o Harihar Mishra, Presently R/o. Bharatpur, Talcher- 759148, Changed my name as Pankaj Mishra. D-3079

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



✓ଅନ୍ନପୂର୍ଣ୍ଣା ବିଶ୍ୱାଳ
ତେଲାଙ୍ଗ ବେରବୋଇ
ତିରୋଧାନ : ତା ୦୧.୦୧.୨୦୨୬
ଆପଣଙ୍କ ଆକସ୍ମିକ ବିୟୋଗକୁ ଏଗାର ଦିନ ବିତିଗଲାଣି, ଏକଥା ବିଶ୍ୱାସ କରି ହେଉନି, ଆପଣଙ୍କ ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମା ଶାନ୍ତି ଏବଂ ସଦ୍‌ଗତି ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ
ଶୋକସନ୍ତପ୍ତ :
ପୁତ୍ର-ନଚିକେତା ବିଶ୍ୱାଳ, ସୁମନ ବିଶ୍ୱାଳ, ବନ୍ଧୁ ଓ ପରିବାରବର୍ଗ
ଧ-3082

**ଦ୍ୱାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ପ୍ରଭାକର ଦୀକ୍ଷିତ୍
ଓରଣ୍ଡ, ବାଲିକୁଦା, ଜଗତ୍‌ସିଂହପୁର
ଆବିର୍ଭାବ: ତା ୧୫।୦୬।୧୯୪୭
ତିରୋଧାନ: ତା ୩୧।୧୨।୨୦୨୫
ତୁମ ବିୟୋଗରେ ପରିବାରବର୍ଗ, ବନ୍ଧୁବାନ୍ଧବ ମର୍ମାହତ, ତୁମର ବଳିଦାନ, ତ୍ୟାଗ, ସ୍ନେହ କେବେ ଭୁଲିପାରିବୁ ନାହିଁ । ତୁମ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ପୁତ୍ର- ପ୍ରାଣକୃଷ୍ଣ, ଜୟକୃଷ୍ଣ, ଅନୁପମ, ଆଶିଷ, ପୁତ୍ରବଧୂ- ବନୀତା, ଆରତୀ, ତୃପ୍ତି, ଝିଅ- ରୁପା, ସୁନା, ମମତା ଓ ଜୟନ୍ତୀ, ନାତିନାତୁଣୀ- ପରୀ, ରୁଦ୍ର, ଆଦି, ରାନୀ, ଝନକ, ଓମ୍, ବଳିଆ
ଧ-3083

**୧୫ତମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ସୁବାସିନୀ ମଲିକ
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୩୯
ତିରୋଧାନ: ୧୧।୦୧।୨୦୧୧
ତୁମ ସ୍ଥାନ ମା' କିଏ ପୂର୍ଣ୍ଣ କରିବ ?
ଜୀବନର ଯାତ୍ରା ସମୟର ରାସ୍ତା ଅଟକି ନ ଯାଇ ଗଡ଼ି ଚାଲିଲେ ବି ତୁମ ସ୍ଥାନ ଶୂନ୍ୟ ରହିଯିବ ....
ତୁମର ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର- ଅକ୍ଷୟ, ଗଙ୍ଗାଧର, ରମାକାନ୍ତ, ବରୁଣ, ବନ୍ଧୁ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-3077

**ଧରିତ୍ରୀ DHARITRI**
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ଭାରତ - ଇଥିଓପିଆ ସମ୍ପର୍କକୁ ସୁଦୃଢ଼ କରିବ ଡିଜିଟାଲ ଭିତ୍ତିଭୂମି ପ୍ରକଳ୍ପ

ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

ରେଳ ମନ୍ତ୍ରଣାଳୟ ଅଧୀନ ନବରତ୍ନ କମ୍ପାନୀ ରେଲଟେଲ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍‌କୁ ଇଥିଓପିଆର ଅଦିସ ଆବାବାରେ, ସେଠାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପାଇଁ ଏକ ଗ୍ରୀନ୍‌ଫିଲ୍ଡ ଡାଟା ସେଣ୍ଟର ପ୍ରତିଷ୍ଠା କରିବା ନିମନ୍ତେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ)ଠାରୁ କାର୍ଯ୍ୟାଦେଶ ମିଳିଛି। ଏହି ପ୍ରତିଷ୍ଠିତ ବିଦେଶୀ ପ୍ରକଳ୍ପ ହାସଲ ସହ ରେଲଟେଲର ଅନ୍ତର୍ଜାତୀୟ ସମ୍ପ୍ରସାରଣରେ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ 'ଡିଜିଟାଲ ଇଥିଓପିଆ' ରଣନୀତି ପ୍ରତି ଭାରତର ସମର୍ଥନକୁ ଦର୍ଶାଉଥିବାବେଳେ ଭାରତ ବାହାରେ ବିଶ୍ୱସ୍ତରୀୟ ଡିଜିଟାଲ ଭିତ୍ତିଭୂମି ସମାଧାନ ପ୍ରଦାନକାରୀ ଭାବେ ରେଲଟେଲର ପରିଚୟକୁ ସୁଦୃଢ଼ କରିଛି। ପ୍ରକଳ୍ପ ଗୋଟିଏ ବର୍ଷ ମଧ୍ୟରେ ସମାପ୍ତ ହେବାର ଯୋଜନା ରହିଛି। ଏହା କାର୍ଯ୍ୟକ୍ଷମ ହେବା ପରେ ଏହାକୁ ୩ ବର୍ଷର ବ୍ୟାପକ ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ) ସମର୍ଥନ ପ୍ରଦାନ କରାଯିବ। ରେଲଟେଲର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) କହିଛନ୍ତି, ପ୍ରକଳ୍ପଟିକୁ ପେସାଦାରିତା, ଉଚ୍ଚ ଗୁଣବତ୍ତା ଓ ନିର୍ଭରଯୋଗ୍ୟତା ସହ ସମ୍ପୂର୍ଣ୍ଣ କରିବାକୁ କମ୍ପାନୀ ପ୍ରତିବଦ୍ଧ। ଏହା ଭାରତର ବିକାଶ ସହଯୋଗ ଲକ୍ଷ୍ୟ ଅନୁସାରେ ବିଶ୍ୱସ୍ତରୀୟ ଡିଜିଟାଲ ଭିତ୍ତିଭୂମି ସହଯୋଗୀ ଭାବେ ରେଲଟେଲର ଭୂମିକାକୁ ଆହୁରି ମଜଭୁତ କରିଛି। ଇନ୍‌ଫ୍ରାଷ୍ଟ୍ରକ୍ଚର ରେଲଟେଲର ବିଶ୍ୱସ୍ତରୀୟ ପ୍ରସ୍ତାବଗୁଡ଼ିକ ପ୍ରମୁଖ ପ୍ରାଥମିକତା କ୍ଷେତ୍ର ଉପରେ କେନ୍ଦ୍ରିତ, ଯେଉଁଠାରେ ଭାରତ ନେତୃତ୍ୱ ଏବଂ ପ୍ରଭାବ ପ୍ରଦର୍ଶନ କରିଛି। ସେହି କ୍ଷେତ୍ରଗୁଡ଼ିକ ମଧ୍ୟରେ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର (ଡିପିଆଇ), ସୋଭରେନ କ୍ଲାଉଡ୍ ଏବଂ ଡାଟା ସେଣ୍ଟର, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାରେ ଏଆଇ -ସକ୍ଷମ ସମାଧାନ, ଗ୍ରାମୀଣ ଏବଂ ଦୂରବର୍ତ୍ତୀ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ, ସୁରକ୍ଷିତ ସରକାରୀ ଆଇସିଟି ପ୍ଲାଟ୍‌ଫର୍ମ ଇତ୍ୟାଦି ଅନ୍ତର୍ଭୁକ୍ତ। ଭୌଗୋଳିକ ଦୃଷ୍ଟିରୁ, ରେଲଟେଲ ମଧ୍ୟପ୍ରାଚ୍ୟ, ଆଫ୍ରିକା, କାରିବିଆନ, ଦକ୍ଷିଣ ଆମେରିକା, ଦକ୍ଷିଣ - ପୂର୍ବ ଏସିଆ ଏବଂ ଅଷ୍ଟ୍ରେଲିଆରେ ସକ୍ରିୟ ଭାବରେ ସୁଯୋଗ ଖୋଜୁଛି। ଏହି ବ୍ୟାପକତାର ଏକ ଅଂଶ ଭାବରେ, ରେଲଟେଲ ସମ୍ପ୍ରତି ଅନ୍ତର୍ଜାତୀୟ ପ୍ରକଳ୍ପଗୁଡ଼ିକରେ ସହଯୋଗ କରିବା ପାଇଁ ବିଶ୍ୱସ୍ତରୀୟ ଉପସ୍ଥିତି ଥିବା ଫାର୍ମ ଏବଂ ଏଜେନ୍ସିଗୁଡ଼ିକରୁ ଆଗ୍ରହ ପ୍ରକାଶ ପତ୍ରକୁ ଆମନ୍ତ୍ରଣ କରିଛି। ରେଲଟେଲ ଆନୁଷ୍ଠାନିକ ଭାବରେ ୨୦୨୪ ମସିହାରେ ଏହାର ଅନ୍ତର୍ଜାତୀୟ ବ୍ୟବସାୟ ଆରମ୍ଭ କରିଥିଲା। କମ୍ପାନୀର ପ୍ରଥମ ଅନ୍ତର୍ଜାତୀୟ ପ୍ରକଳ୍ପ ଥିଲା ଜାମାଇକାର କିଙ୍ଗଷ୍ଟନର ପ୍ରସିଦ୍ଧ ସାବିନା ପାର୍କ ଷ୍ଟାଡିୟମରେ ଇଲେକ୍ଟ୍ରୋନିକ ଏଲ୍‌ଇଡି ସ୍କୋର ବୋର୍ଡର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ (ଏସ୍‌ଆଇଟିସି) କରିବା। ଭାରତ ସରକାରଙ୍କ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଇଥିବା ଏହି ପ୍ରକଳ୍ପକୁ ରେଲଟେଲ ସଫଳତାର ସହିତ ସମାପ୍ତ କରିଥିଲା ଏବଂ ଏଥିପାଇଁ ଜାମାଇକାରେ ଅବସ୍ଥିତ ଭାରତର ହାଇ କମିଶନର ଏବଂ ଜାମାଇକା କ୍ରିକେଟ ଆସୋସିଏସନ ପକ୍ଷରୁ ରେଲଟେଲକୁ ପ୍ରଶଂସା କରାଯାଇଥିଲା।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୧୧ ଜାନୁଆରୀ, ୨୦୨୬ Bhubaneswar, Sunday, 11 January, 2026

# ଆଜି ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଦିନିକିଆ

ଭଦୋଦରା,୧୦।୧(ପି.ଟି.)

ସ୍ଥାନୀୟ ବିସିଏ ଷ୍ଟାଡିୟମରେ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ଦଳ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଆସନ୍ତା ମାସରେ ଟି୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ସିରିଜ୍ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। କିନ୍ତୁ ଏହି ସିରିଜ୍‌ରେ ଭାରତର ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ। ବର୍ତ୍ତମାନ କେବଳ ଦିନିକିଆ ଫର୍ମାଟରେ ଖେଳୁଥିବା ଦୁଇ ସିନିୟର ବ୍ୟାଟର ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଟୁର୍ନାମେଣ୍ଟରେ ଦୁଇଟି ଲେଖାଏ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଏମାନଙ୍କ ବ୍ୟତୀତ ଭାରତର ଟି୨୦ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଥିବା ଅଧିନାୟକ ଶୁବମନ ଗିଲଙ୍କ ଲାଗି ଏହି ସିରିଜ୍ ଗୁରୁତ୍ୱପୂର୍ଣ୍ଣ ହେବ। ତାଙ୍କୁ ତାଙ୍କର ଫର୍ମ ଓ ଫିଟ୍‌ନେସର ପ୍ରମାଣ ଦେବାକୁ ପଡ଼ିବ। ସେ ଇଞ୍ଜୁରି କାରଣରୁ ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳି ନ ଥିଲେ। ତାଙ୍କ ଅନୁପସ୍ଥିତିରେ ରୋହିତଙ୍କ ସହ ଓପନିଂ ଭାର ତୁଲାଇଥିବା ଯଶସ୍ୱୀ ଜୟସ୍ୱାଲ ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ଏଥର ସ୍ଥାନ ମିଳିବାର ସମ୍ଭାବନା ନାହିଁ। ପଞ୍ଚମରେ


ପ୍ରାକ୍ଟିସ ଅବସରରେ ରୋହିତ ଶର୍ମା ଓ ଶ୍ରେୟସ ଆୟାର।

ଇଞ୍ଜୁରିଜନିତ ସମସ୍ୟାରୁ ରିକଭର କରିଥିବା ଶ୍ରେୟସ ଆୟାର ଦଳକୁ ଫେରିଥିବାରୁ ନଂ-୪ ପୋଜିଶନରେ ତାଙ୍କର ଖେଳିବା ପ୍ରାୟତଃ ନିଶ୍ଚିତ। ତାଙ୍କ ଅନୁପସ୍ଥିତିରେ ଏହି ପୋଜିଶନରେ ଅନେକ ଏକ୍ସପେରିମେଣ୍ଟ କରାଯାଇଥିଲା। ହେଲେ ଋତୁରାଜ ଗାଏକ୍ୱାଡଙ୍କ ବ୍ୟତୀତ କୌଣସି ବ୍ୟାଟର ସଫଳ ହୋଇ ନ ଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଦର୍ଶନୀୟ ଶତକ କରିବା ସତ୍ତ୍ୱେ ଗାଏକ୍ୱାଡଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳି ନାହିଁ। ଲୋକେଶ ରାହୁଲ ଉଇକେଟକିପର ସହିତ ଲୋୟର ଅର୍ଡରେ ବ୍ୟାଟର ଭୂମିକା ତୁଲାଇବେ। ଏଥିଯୋଗୁ ଋଷଭ ପନ୍ତଙ୍କୁ ବେଞ୍ଚରେ ବସିବାକୁ ପଡ଼ିବ। ଆୟାର, ପନ୍ତ ଓ ମହମ୍ମଦ ସିରାଜ ଶନିବାର ଦଳର ପ୍ରସ୍ତୁତିରେ ଭାଗ ନେଇ ନ ଥିଲେ। ମାତ୍ର ରବୀନ୍ଦ୍ର ଜାଡେଜା କୋଟାମ୍ବିରେ ଦୀର୍ଘ ସମୟ ଧରି ଟ୍ରେନିଂ କରିଥିଲେ। ଏହାର ଅର୍ଥ ତାଙ୍କର ଖେଳିବା ପକ୍କା। ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଯାଇଥିବାରୁ ସିରାଜ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କୁ ପେସ ବୋଲିଂ ବିଭାଗ ସମ୍ଭାଳିବାକୁ ପଡ଼ିବ। ସେହିଭଳି କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର

## କୋହଲି, ରୋହିତଙ୍କ ଉପରେ ନଜର

ଓ ଜାଡେଜା ସ୍ପିନ ବିଭାଗ ସମ୍ଭାଳିବେ।

ଏହି ମ୍ୟାଚ୍ ଜରିଆରେ ବରୋଦା କ୍ରିକେଟ ଆସୋସିଏଶନ ଷ୍ଟାଡିୟମ ପ୍ରଥମ ପୁରୁଷ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାକୁ ଯାଉଛି। ଏହି ଭେନ୍ୟୁରେ ପୂର୍ବରୁ କେବଳ ଏକ ମହିଳା ଦିନିକିଆ ମ୍ୟାଚ୍ ଖେଳାଯାଇଥିଲା।

ଅନ୍ୟପକ୍ଷରେ ଗତ ବର୍ଷ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତଠାରୁ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ପାଇଁ ଏହି ସିରିଜ୍ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଦଳର ଅନେକ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଏହି ସିରିଜ୍ ଜରିଆରେ ନ୍ୟୁଜିଲାଣ୍ଡ ଦଳ ନୂଆ ଖେଳାଳିଙ୍କୁ ଖୋଜିବା ଉଦ୍ଦେଶ୍ୟରେ ରହିଛି। ଗ୍ରୋଇନ ଇଞ୍ଜୁରି କାରଣରୁ ମିଚେଲ ସାଣ୍ଟନର ଉପସ୍ଥିତ ନ ଥିବା ବେଳେ ପ୍ରଥମ ଥର ବାପା ହୋଇଥିବା ଟମ୍ ଲଥାମ ଘରକୁ ଫେରିଛନ୍ତି। ପୂର୍ବତନ ଅଧିନାୟକ କେନ ୱିଲିୟମସନ ଦକ୍ଷିଣ ଆଫ୍ରିକାରେ ଟି୨୦ ଲିଗ୍ ଖେଳୁଛନ୍ତି। ରଚିନ ରବୀନ୍ଦ୍ର ଓ ବୋଲର ଜେକବ ଡଫିଙ୍କୁ ବିଶ୍ରାମ ଦିଆଯାଇଛି। ମ୍ୟାଟ୍ ହେନରୀ କାଫ ଇଞ୍ଜୁରୀରୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ସାଣ୍ଟନରଙ୍କ ଅନୁପସ୍ଥିତିରେ ମାଇକେଲ ବ୍ରାସୱେଲ ଦଳର ନେତୃତ୍ୱ ନେବେ।

**ଭାରତୀୟ ଦଳ:** ଶୁବମନ ଗିଲ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ, ଋଷଭ ପନ୍ତ(ଉଇକେଟକିପର), ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂ, ମହମ୍ମଦ ସିରାଜ, ହର୍ଷିତ ରାଣା, କୁଲଦୀପ ଯାଦବ।

**ନ୍ୟୁଜିଲାଣ୍ଡ ଦଳ:** ମାଇକେଲ ବ୍ରାସୱେଲ (ଅଧିନାୟକ), ଡେଭନ କନୱେ, ମିଚେଲ ହେ (ଉଇକେଟକିପର), ନିକ କେଲି, ହେନରି ନିକୋଲସ, ୱିଲ ୟଙ୍ଗ, ଜୋଶ କ୍ଲାର୍କସନ, ଜ୍ୟାକ ଫଲକେସ, ଡାର୍ଲି ମିଚେଲ, ଗ୍ଲେନ ଫିଲିପ୍ସ, ଆଦିତ୍ୟ ଅଶୋକ, କ୍ରିଷ୍ଟିଆନ କ୍ଲାର୍କ, କାଇଲ ଜେମିସନ, ଜେଡେନ ଲେନକ୍ସ, ମାଇକେଲ ରେ।

**ସମୟ: ଅପରାହ୍ନ ୧: ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଜମ୍ମୁ-କଶ୍ମୀରକୁ ୭ଉଇକେଟରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୦।୧ (ବିଜୟ ରଣା)

ଅନ୍ୱେଷା ସ୍ୱାଇଁଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ୧୫ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି ୨୦୨୫-୨୬ ଏଲିଟ୍ 'ସି'ରେ ଶନିବାରର ଏକ ମ୍ୟାଚରେ ୭ଉଇକେଟରେ ଜମ୍ମୁ-କଶ୍ମୀରକୁ ପରାସ୍ତ କରିଛି। ନାଗପୁରର ସିଭିଲ ଲାଇନ୍‌ରେ ଅବସ୍ଥିତ ଭିସିଏ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଜମ୍ମୁ କଶ୍ମୀର ୩୪.୧ ଓଭରରେ ୧୧୭ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜାହ୍ନବୀ ଠାକୁର ସର୍ବାଧିକ ୨୮ ରନ କରିଥିଲେ। ଓଡ଼ିଶା ତରଫରୁ ସବୁଠାରୁ ସଫଳ ବୋଲର ଅନ୍ୱେଷା ତାଙ୍କ ୬.୧ ଓଭର ବୋଲିଂରେ ମାତ୍ର ୧୬ରନ ବିନିମୟରେ ୪ଉଇକେଟ ଅକ୍ତିଆର କରି ବିପକ୍ଷ ଦଳର ବିପର୍ଯ୍ୟୟ ଘଟାଇଥିଲେ। ରୋମିପ୍ରଲିପ୍ତା ମଲିକ ୨୧ ରନ ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଦଳ ୨୬.୪ ଓଭର ୩ଉଇକେଟ ବିନିମୟରେ ୧୧୮ରନ କରି ମ୍ୟାଚରେ ସହଜ ବିଜୟ ହାସଲ କରିଥିଲା। ଅନ୍ୱେଷା ଦଳ ପକ୍ଷରୁ ପ୍ରଥମେ ଶ୍ରେଷ୍ଠ ବୋଲିଂ

**ଅନ୍ୱେଷାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**



କରିବା ପରେ ବ୍ୟାଟିଂରେ ମଧ ସେ ଟପ୍ ସ୍କୋରର ଥିଲେ। ସେ ୨୪ ବଲ୍‌ରେ ୯ ଚୌକା ଓ ୧ ଛକା ସହ ୪୭ରନ କରି ଅପରାଜିତ ରହିଥିଲେ। ଓଡ଼ିଶାର ଅନ୍ୟତମ ସଫଳ ବ୍ୟାଟର ଚିରଶ୍ରୀ ରାଉତ ୭୮ ବଲ୍‌ରୁ ୪ ଚୌକା ସହ ୪୦ ରନ କରି ଅପରାଜିତ ରହିଥିଲେ।

**ଓସିଏ ଆନ୍ତଃ ଜିଲା ସ୍କୁଲ କ୍ରିକେଟ**

# ବାଲେଶ୍ୱର, କେନ୍ଦୁଝର ବିଜୟୀ

ଭୁବନେଶ୍ୱର, ୧୦।୧ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟ (ଦିନିକିଆ ଫର୍ମାଟ) ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ପ୍ରିଲିମ୍‌ନାରୀ ଲିଗ୍‌ରେ ଶନିବାର ଖେଳାଯାଇଥିବା ଦୁଇଟି ମ୍ୟାଚରେ ବାଲେଶ୍ୱର ଓ କେନ୍ଦୁଝର ବିଜୟୀ ହୋଇଛନ୍ତି। ଖୋର୍ଦ୍ଧାସ୍ଥିତ ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବାଲେଶ୍ୱର ୧୪୮ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ୪୭ ଓଭରରେ ୬ ଉଇକେଟ ବିନିମୟରେ ୨୯୫ରନ କରିଥିଲା। ଓମ୍‌କାର ତ୍ରିପାଠୀ ୧୦୦ (୯୬ ବଲ୍), ରୁପ ବେହେରା ୫୭ରନ (୭୧ ବଲ୍) କରିଥିଲେ। ଜଗତ୍‌ସିଂହପୁର ତରଫରୁ ରାହୁଲ ସ୍ୱାଇଁ ୨ ଉଇକେଟ ନେଇଥିଲେ। ଜବାବରେ ଜଗତ୍‌ସିଂହପୁର ୩୫ ଓଭରରେ ୧୪୭ରନ କରି ଅଲଆଉଟ ହୋଇଯାଇଥିଲା। ରିହାନ ସାମଲ ୫୦ରନ (୫୧ ବଲ୍) କରି ଅପରାଜିତ ରହିଥିଲେ। ବିଜୟୀ ଦଳର ଶତକ ହାସଲକାରୀ ଓମ୍‌କାର ତ୍ରିପାଠୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


ଓମ୍‌କାର ତ୍ରିପାଠୀ

ଗଡିରାଉତ ପାଟଣା ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କେନ୍ଦୁଝର ୧୬ ରନରେ ରାୟଗଡ଼ାକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ୨୧.୩ ଓଭରରେ ୧୧୦ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଟପ୍ ସ୍କୋରର ଶାଶ୍ୱତ ବେହେରା ୫୬ ରନ (୫୮ବଲ୍) କରିଥିଲେ। ବିପକ୍ଷ ଦଳର ଶୈଳଦା ଅଭିଲାଷ ୫ ଓ କୁମାର କମଳେଶ ୩ଉଇକେଟ ଅକ୍ତିଆର କରିଥିଲେ। ରାୟଗଡ଼ା ୩୧.୨ ଓଭରରେ ୯୫ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅଭିନବ ନାଏକ ୩ ଉଇକେଟ ନେବା ସହ ୧୪ ରନ ସଂଗ୍ରହ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ସନ୍ଦେହରେ ଜମନ ଖାଁଙ୍କ ବୋଲିଂ ଶୈଳୀ

କରାଚୀ, ୧୦।୧ (ପି.ଟି.)

ଶନିବାର ବିଗ୍ ବାଶ୍ ଲିଗ୍ (ବିବିଏଲ)ର ଏକ ମ୍ୟାଚ ବେଳେ ପାକିସ୍ତାନର ଯୁବ ଫାଷ୍ଟ ବୋଲର ଜମନ ଖାଁଙ୍କ ବୋଲିଂ ଶୈଳୀକୁ ନେଇ ସନ୍ଦେହ ଉପୁଜୁଛି। ସିଡ୍‌ନୀ ଥଣ୍ଡର ପାଇଁ ୮୨ ରନ କରିଥିବା ଅଷ୍ଟ୍ରେଲିଆର ମହାନ କ୍ରିକେଟର ଡେଭିଡ୍ ୱାର୍ନର ଏହି ପେସ୍ ବୋଲରଙ୍କୁ ସାମ୍ନା କରିବା ବେଳେ ଏକାଧିକ ଥର ଜମନଙ୍କ ବୋଲିଂ ଶୈଳୀକୁ ନେଇ ଫିଲ୍ଡ ଅମ୍ପାୟରଙ୍କ ନିକଟରେ ଆପତ୍ତି ଉଠାଇଥିଲେ। ଆଘାତପ୍ରାପ୍ତ ପାକିସ୍ତାନ ଅଧିନାୟକ ଶାହିନ ଶାହା ଆଫ୍ରିଦିଙ୍କ ବଦଳ ଖେଳାଳି ଭାବେ ଜମନ ବ୍ରିସ୍‌ବେନ୍ ହିଟ୍‌ରେ ଯୋଗଦେଇଛନ୍ତି। ଜମନ ସିଜନରେ ତାଙ୍କ ପ୍ରଥମ ମ୍ୟାଚରେ ତାଙ୍କ ୩ ଓଭର ବୋଲିଂରେ ୩୨ ରନ ଦେଇଛନ୍ତି। ଜମନଙ୍କ ବୋଲିଂ ଶୈଳୀକୁ ନେଇ ସନ୍ଦେହ ପ୍ରକଟ କରାଯାଇଥିଲେ ମଧ ବ୍ରିସ୍‌ବେନ ହିଟ୍ ଏହି ମ୍ୟାଚ ୭ ଉଇକେଟରେ ଜିତି ନେଇଛି। ସୂଚନାଯୋଗ୍ୟ, ଗତ ବିଗ୍ ବାଶ୍ ସିଜନରେ ଅନ୍ୟଜଣେ ପାକିସ୍ତାନ ଫାଷ୍ଟ ବୋଲର ମହମ୍ମଦ ହସନେନ୍‌ଙ୍କୁ ନେଇ ଏହି ଭଳି ଏକ ବିବାଦ ଦେଖିବାକୁ ମିଳିଥିଲା। ସେତେବେଳେ ମାର୍କସ ଷ୍ଟୋଇନିସ ଆପତ୍ତି ଉଠାଇଥିଲେ। ହସନେନ୍ ପରେ ସସ୍‌ପେଣ୍ଡ ହୋଇଥିଲେ। ବୋଲିଂ ଆକ୍ସନରେ ସୁଧାର ଆଣିବା ଲାଗି ତାଙ୍କୁ ରିହାବିଲିଟେଶନରେ ରହିବାକୁ ପଡ଼ିଥିଲା। ଏହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରକୁ ପ୍ରଭାବିତ କରିଥିଲା।

# ଡବ୍ଲ୍ୟୁପିଏଲ୍: ୱାରିଅର୍ସକୁ ହରାଇଲା ଜାଏଣ୍ଟ୍ସ

ନଭି ମୁମ୍ବାଇ,୧୦।୧

ଚଳିତ ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ)ରେ ଶନିବାର ଅପରାହ୍ନ ଖେଳାଯାଇଥିବା ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ୧୦ ରନରେ ୟୁପି ୱାରିଅର୍ସକୁ ପରାସ୍ତ କରିଛି। ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଜର୍ଜିଆ ୱାରେହାମଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ଉଭୟ ଦଳର ବ୍ୟାଟରମାନେ ମୋଟ ଉପରେ ୨୧ ଛକା ମାରିଥିଲେ, ଯାହାକି ଡବ୍ଲ୍ୟୁପିଏଲ୍ ଇତିହାସରେ ସର୍ବାଧିକ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଜାଏଣ୍ଟ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୭ ରନ କରିଥିଲା। ଦଳ ପାଇଁ ଅଧିନାୟିକା ଆଶଲେ ଗାର୍ଡନର ୪୧ ବଲରେ ୬୫ (୬ ଚୌକା ଓ ୩ ଛକା), ଅନୁଷ୍କା ଶର୍ମା ୩୦ ବଲରେ ୪୪ (୭ ଚୌକା), ସୋଫି ଡିଭାଇନ ୨୦ ବଲରେ ୩୮ (୫ ଚୌକା ଓ ୨ ଛକା), ଜର୍ଜିଆ ୱାରେହାମ ୧୦ ବଲରେ ୨୭ (୧ ଚୌକା ଓ ୩ ଛକା) ରନ କରିଥିଲେ। ୟୁପି ପାଇଁ ସୋଫି ଏକଲେଷ୍ଟୋନ ୨ ଉଇକେଟ ନେଇଥିଲେ। ଜବାବରେ ପ୍ରଥମ ଓଭରରେ କିରନ ନାଭଗିରେ(୧)ଙ୍କ ଉଇକେଟ ହରାଇଥିବା ୟୁପି ପାଇଁ ଫୋଏବେ ଲିଚ୍‌ଫିଲ୍ଡ ଓ ଅଧିନାୟିକା ମେଗ ଲାନିଂ ଦ୍ୱିତୀୟ


ଉଇକେଟ ନେବା ପରେ ଜର୍ଜିଆ ୱାରେହାମ୍‌ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ଉଇକେଟରେ ୭୦ ରନ ଯୋଡ଼ିଥିଲା। ହେଲେ ଏହାପରେ ଦଳ ମାତ୍ର ୧ ରନ ମଧ୍ୟରେ ଲାନିଂ (୩୦ ରନ, ୫ ଚୌକା), ହର୍ଲିନ ଦେଓଲ (୦) ଓ ଦୀପ୍ତି ଶର୍ମା (୧)ଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଲିଚ୍‌ଫିଲ୍ଡ (୭୮ ରନ, ୮ ଚୌକା ଓ ୫ ଛକା) ଓ ଶ୍ୱେତା ସେରାୱତ (୨୫ ରନ, ୧ ଚୌକା ଓ ୩ ଛକା) ପଞ୍ଚମ ଉଇକେଟରେ ୬୯ ରନ ଯୋଡ଼ି ସ୍ଥିତିରେ ସୁଧାର ଆଣିଥିଲେ। ହେଲେ ଦୁଇ ବ୍ୟାଟର ଆଉଟ୍ ହେବା ସହ ଦଳର ବିଜୟ ଆଶା ଶେଷ ହୋଇଥିଲା। ଶେଷ ଆଡ଼କୁ ଆଶା ସୋଭନା ୧୦ ବଲରେ ୨୭ ରନ କରିଥିଲେ। ଫଳରେ ୟୁପି ୱାରିଅର୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୭ ରନ କରିଥିଲା। ବିଜୟୀ ଦଳ ପାଇଁ ୱାରେହାମ, ଡିଭାଇନ ଓ ରେଣୁକା ସିଂ ଠାକୁର ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଗୁଜରାଟ ଜାଏଣ୍ଟ୍ସ:** ୨୦ ଓଭରରେ ୨୦୭/୪(ଆଶଲେ ଗାର୍ଡନର-୬୫, ଅନୁଷ୍କା ଶର୍ମା-୪୪, ସୋଫି ଡିଭାଇନ-୩୮, ଜର୍ଜିଆ ୱାରେହାମ-୨୭*, ସୋଫି ଏକଲେଷ୍ଟୋନ-୨/୩୨)।

**ୟୁପି ୱାରିଅର୍ସ:** ୨୦ ଓଭରରେ ୧୯୭/୮(ଫୋଏବେ ଲିଚ୍‌ଫିଲ୍ଡ-୭୮, ମେଗ ଲାନିଂ-୩୦, ଆଶା ସୋଭନା-୨୭*, ରେଣୁକା ସିଂ ଠାକୁର-୨/୨୫, ଜର୍ଜିଆ ୱାରେହାମ-୨/୩୦)।

# କୋଚ୍ ଜେଲେଜ୍‌ନିଙ୍କଠାରୁ ଅଲଗା ହେଲେ ନୀରଜ

ନୂଆଦିଲ୍ଲୀ, ୧୦।୧ (ପି.ଟି.)

ଦୁଇଥର ଅଲିମ୍ପିକ ପଦକ ବିଜେତା ଜାଭେଲିନ୍ ଥ୍ରୋ ଷ୍ଟାର ନୀରଜ ଚୋପ୍ରା ମାତ୍ର ଗୋଟିଏ ସିଜନ ପରେ ତାଙ୍କ ଚେକ୍ କୋଚ୍ ଜାନ୍ ଜେଲେଜ୍‌ନିଙ୍କଠାରୁ ଅଲଗା ହୋଇଛନ୍ତି। ଜେଲେଜ୍‌ନିଙ୍କ ସହିତ ସେ କାହିଁକି ତାଙ୍କ ସମ୍ପର୍କ ଛିନ୍ନ କଲେ ନୀରଜ ସେ ସମ୍ପର୍କରେ ସ୍ପଷ୍ଟ କରି ନାହାନ୍ତି। ଜେଲେଜ୍‌ନି ହେଉଛନ୍ତି ଜାଭେଲିନ୍‌ର ଜଣେ କିମ୍ବଦନ୍ତୀ। ତାଙ୍କ ନାମରେ ବିଶ୍ୱ ରେକର୍ଡ ରହିଛି। ତାଙ୍କଠାରୁ କୋଚିଂ ନେବା ପରେ ନୀରଜ ଗତବର୍ଷ ୯୦ ମିଟର ଦୂରତା ଅତିକ୍ରମ କରିପାରିଛନ୍ତି।

**ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ ଲିଗ୍**

# ଜାମଶେଦପୁର ଏଫ୍‌ସି ବିଜୟୀ

ଭୁବନେଶ୍ୱର,୧୦।୧(ଅନାଦି କର)

ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଦ୍ୱାରା ଆୟୋଜିତ ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ ଲିଗ୍ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଜାମଶେଦପୁର ଏଫ୍‌ସି ୨-୦ ଗୋଲରେ ଫାଓ ଏକାଡେମୀକୁ ପରାସ୍ତ କରିଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିଜୟୀ ଦଳ ପାଇଁ ସୌମିକ ଦାସ (୨୯ତମ ମିନିଟ୍) ଓ ସତ୍ୟଜିତ ଦାସ (୩୪ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ସେମିଫାଇନାଲରେ ସିନ୍ଧୁ ପରାସ୍ତ

କୁଆଲାଲମ୍ପୁର, ୧୦।୧ (ପି.ଟି.)

ଭାରତର ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ସିଜନ ଓପନିଂ ମାଲେସିଆ ଓପନ ସୁପର ୧୦୦୦ ମହିଳା ସିଙ୍ଗଲ୍ସ ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ଦୁଇଥର ଅଲିମ୍ପିକ ପଦକ ବିଜେତା ବିଶ୍ୱର ୨ ନମ୍ବର ଖେଳାଳି ଚାଇନାର ୱାଙ୍ଗ ଝିୟିଙ୍କଠାରୁ ୧୬-୨୧, ୧୫-୨୧ରେ ହାରିଯାଇଛନ୍ତି। ଆଘାତଜନିତ ସମସ୍ୟାରୁ ମୁକୁଳିବା ପରେ ସିନ୍ଧୁଙ୍କର ଏହା ଥିଲା ପ୍ରଥମ ଟୁର୍ନାମେଣ୍ଟ। ୩୦ ବର୍ଷୀୟା ଏହି ଖେଳାଳି ବର୍ତ୍ତମାନ ଆସନ୍ତା ସପ୍ତାହରେ ଦିଲ୍ଲୀରେ ଖେଳାଯିବାକୁଥିବା ଇଣ୍ଡିଆ ଓପନ ସୁପର ୭୫୦ ଟୁର୍ନାମେଣ୍ଟରେ ଖେଳିବେ। ସେମିଫାଇନାଲରୁ ବିଦାୟ ନେଇଥିଲେ ମଧ ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ନେଇ ସିନ୍ଧୁ ସନ୍ତୋଷ ପ୍ରକାଶ କରିଛନ୍ତି।

# ଖୋର୍ଦ୍ଧାକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ

ଭଦ୍ରକ,୧୦।୧(ସନାତନ ରାଉତ)

**ମହାବୀର କପ୍ କ୍ରିକେଟ**

ଭଦ୍ରକ ଚରମ୍ପା ରେଲ୍‌ୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ୨ୟ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଇଷ୍ଟକୋଷ୍ଟ ରେଲ୍‌ୱେ ଖୋର୍ଦ୍ଧାକୁ ୨ ରନ୍‌ରେ ହରାଇ କଟକର ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲକୁ ଉନ୍ନୀତ ହୋଇଛି। ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ କୁମାର ପାତ୍ର ୪୫ ବଲ୍‌ରେ ୬୨ ରନ୍ ଓ ସ୍ୱପ୍ ସମିତ୍ ଭୂୟାଁ ୩୬ ବଲ୍‌ରେ ୪୬ ରନ୍ କରିଥିଲେ। ୧୮୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଖୋର୍ଦ୍ଧା ଟିମ୍ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୮୦ ରନ୍ କରିଥିଲା। ଟିମ୍ ପକ୍ଷରୁ ଏମ୍‌ଜି ଗୋପାଲ ୫୫ ଓ ସମୀର ରଞ୍ଜନ ମହାନ୍ତି ୪୭ରନ୍ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ସ୍ୱପ୍ ସମିତ୍ ୩ଟି ଓ କେ. ଈଶ୍ୱର ପ୍ରସାଦ ୨ଟି ଉଇକେଟ୍ ନେଇଥିଲେ। ଓବିସିସିର ଚିଫ୍ ଇଞ୍ଜିନିୟର ଶ୍ରୀଧର ରାଉତ ଅତିଥି ଭାବେ ଯୋଗଦେଇ ସ୍ୱପ୍ ସମିତ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଦେବବ୍ରତ ଦାଶ ଓ ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାଜେଶ ନାୟକ ରେଫରି ଓ କରନ୍ ଖାନ୍ ସ୍କୋରର ଥିଲେ। ରବିବାର ରାଇଜିଂ ଷ୍ଟୁଡେଣ୍ଟ ଓ ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ ମଧ୍ୟରେ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଶ୍ରୀଧର ମିଶ୍ର ଜଣାଇଛନ୍ତି।



ବ୍ୟାଟିଂ ଅବସରରେ ଭଦ୍ରକ ଦଳ।

**ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ**

# ଦୌଡ଼ିଲେ ୫୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



ଟାଟା ଷ୍ଟିଲ୍ କପିଳାସ ପକ୍ଷରୁ ଆୟୋଜିତ ହାଫ୍ ମାରାଥନ।

ଢେଙ୍କାନାଳ,୧୦।୧
(ରତନ ନାୟାର/ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ପ୍ରଶାସନ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସହଯୋଗରେ କପିଳାସ ପାଦଦେଶରେ ଶନିବାର ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନର ତୃତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଦୌଡ଼ ଆହ୍ୱାନ ସହ ୧୪ଟି ରାଜ୍ୟରୁ ୫୫୦୦ରୁ ଅଧିକ ପ୍ରତିଯୋଗୀ ଏହି ମାରାଥନରେ ଭାଗ ନେଇଥିଲେ। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଟାଟା ଷ୍ଟିଲ୍ କର୍ପୋରେଟ ସର୍ଭିସେସ୍ ଉପାଧ୍ୟକ୍ଷ ଡି.ବି. ସୁନ୍ଦର ରାମମ୍, ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଅପରେଶନ୍ସ ଉପାଧ୍ୟକ୍ଷ ସୁଧୀର କୁମାର ମେହେତା ଓ ଟାଟା ଷ୍ଟିଲ୍ ଟେକ୍ନିକାଲ ସର୍ଭିସେସ ଲିମିଟେଡ୍‌ର ସିଇଓ ସନ୍ଦିପ ଧୀର ଉପସ୍ଥିତ ଥିଲେ। ଏହି ଦୌଡ଼ରେ ପ୍ରଥମଥର ପାଇଁ ସେଣ୍ଟ ପିଟ୍‌ସବର୍ଗର ଏଲିନା ଟରୋସୋଭା ନାମକ ଜଣେ ଋଷୀୟ ମହିଳା ଭାଗ ନେଇଥିଲେ। ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ପୂର୍ବକ ଦେଶ ପାଇଁ ତାଙ୍କର ସର୍ବୋଚ୍ଚ ବଳିଦାନକୁ ସ୍ମରଣ କରୁଛୁ ବୋଲି ଟାଟା ଷ୍ଟିଲ କର୍ପୋରେଟ୍ ସର୍ଭିସେସ୍ ଉପାଧ୍ୟକ୍ଷ ଡି.ବି. ସୁନ୍ଦର ରାମମ୍ କହିବା ସହ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଦୌଡ଼ରେ ୨୧ କିଲୋମିଟର ମହିଳା ବର୍ଗରେ ହରିୟାନାର ଭାରତୀ ନୈନ୍ ଓ ପୁରୁଷ ବର୍ଗରେ ପଶ୍ଚିମବଙ୍ଗର ପଞ୍ଚାନନ ବେରା ବିଜେତା ହୋଇ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଚେକ୍ ଗ୍ରହଣ କରିଥିଲେ। ବିଶ୍ୱବ୍ୟାପୀ ମାରାଥନ ଆୟୋଜନ କରୁଥିବା ଏକ ପ୍ରମୁଖ ଆନ୍ତର୍ଜାତିକ ସଂସ୍ଥା ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସେସ୍ ଦ୍ୱାରା ଏହି ଦୌଡ଼ ପଥକୁ ପ୍ରମାଣିତ କରାଯାଇଛି। ଏହି ମାରାଥନରେ ଏମ୍‌ଜିଏମ୍ ମିନେରାଲ୍ସ, ନବ ଲିମିଟେଡ୍, ଖେମକା ରିଫ୍ରାକ୍ଟୋରିଜ୍, ଆଇନକ୍ସ ଏୟାର ପ୍ରଡକ୍ଟ, ଟାଟାୱାନ ଏମ୍‌ଜି, ଟାଟା ଷ୍ଟିଲ୍ ଟେକ୍ନିକାଲ ସର୍ଭିସେସ ଲିମିଟେଡ୍, ଟାଟା ଷ୍ଟିଲ୍ ସର୍ପୋର୍ଟ ସର୍ଭିସେସ ଲିମିଟେଡ୍, ଟାଟାଗ୍ଲୁକୋ ସ୍ପୋର୍ଟ, ଟାଟା କପର, ଟାଟା ବ୍ଲୁ ସ୍କୋପ୍ ଷ୍ଟିଲ, ପିଏମ୍ ଇଣ୍ଟର ନ୍ୟାଶନାଲ ଲଜିଷ୍ଟିକ୍ ଲିମିଟେଡ୍ ଓ ଜାମିପୋଲ ଆଦି ଶିଳ୍ପ ସଂସ୍ଥା ସହଯୋଗ କରିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ